# ଧରିତ୍ରୀ
DHARITRI
50 Years

ଭୁବନେଶ୍ୱର, ଶନିବାର, ଡିସେମ୍ବର ୩୦/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, December 30/2023 Page 16 ₹ 7.00 | DHENKANAL

୫୦ଶ ଭାଗ ୩୭ ସଂଖ୍ୟା www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada VOLUME 50 ISSUE 37 ମୂଲ୍ୟ ₹୭/-




## ରୟ୍ କ୍ରିଷ୍ଣାଙ୍କ ଡବଲ ଗୋଲ୍

ଓଡ଼ିଶା ଏଫ୍‌ସି ରୟ୍ କ୍ରିଷ୍ଣାଙ୍କ ଡବଲ ଗୋଲ୍ ବଳରେ ଜାମସେଦପୁର ଏଫ୍‌ସିକୁ ୪-୧ ଗୋଲରେ ପରାସ୍ତ କରିଛି ।

୧୪

୦୨

## ଜନ୍ମଦିନରେ ଜଳପରୀ ସାଜିଲେ ଟ୍ୱିଙ୍କଲ୍

ବଲିଉଡ୍ ଅଭିନେତ୍ରୀ ଟ୍ୱିଙ୍କଲ୍ ଖାନ୍ନା ଶୁକ୍ରବାର ୫୦ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ ସେ ଜଳପରୀ ସାଜିଛନ୍ତି।



# ୯୦ ପ୍ରତିଶତଙ୍କୁ ସ୍ୱାସ୍ଥ୍ୟବୀମା

## ବିଏସ୍‌କେୱାଇ-ନବୀନ କାର୍ଡ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

## ସରକାରୀ ଚାକିରିଆ, ଆୟକରଦାତା ପାଇବେନି ସୁବିଧା

**ଭୁବନେଶ୍ୱର,୨୯।୧୨ (ଅନିଲ ଦାସ)**

ଓଡ଼ିଶାର ୯୦ ପ୍ରତିଶତ ଲୋକଙ୍କୁ ରାଜ୍ୟ ସରକାର ସ୍ୱାସ୍ଥ୍ୟବୀମା ପରିସରଭୁକ୍ତ କରିଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ର ତୃତୀୟ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ବିଏସ୍‌କେୱାଇ-ନବୀନ କାର୍ଡର ଶୁଭାରମ୍ଭ କରିଛନ୍ତି। ଯେଉଁମାନେ ବର୍ତ୍ତମାନ ବିଏସ୍‌କେୱାଇ ଯୋଜନା ଅଧୀନରେ ନାହାନ୍ତି, ସେମାନେ ଏହି ନୂଆ ଯୋଜନାରେ ସାମିଲ ହେବେ। ସମସ୍ତଙ୍କୁ ନୂଆ ବିଏସ୍‌କେୱାଇ-ନବୀନ କାର୍ଡ ଯୋଗାଇ ଦିଆଯିବ। ନୂଆ ବ୍ୟବସ୍ଥାରେ କେବଳ ସରକାରୀ କର୍ମଚାରୀ ଏବଂ ଆୟକରଦାତାମାନଙ୍କୁ ବାଦ୍ ଦିଆଯାଇଛି। ଏହି କାର୍ଡ ପାଇଥିବା ହିତାଧିକାରୀମାନେ ଉଭୟ ରାଜ୍ୟ ଭିତରେ ଓ ବାହାରେ ସମସ୍ତ ପଞ୍ଜୀକୃତ ଘରୋଇ ହସ୍ପିଟାଲଗୁଡ଼ିକରେ ନିର୍ଦ୍ଧାରିତ ଜଟିଳ ରୋଗଗୁଡ଼ିକର ଚିକିତ୍ସା ସୁବିଧା ପାଇପାରିବେ।




ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରୁ ବଞ୍ଚିତ ହୋଇଥିବା ଗ୍ରାମାଞ୍ଚଳର ଲୋକଙ୍କୁ ଜଟିଳ ରୋଗର ଚିକିତ୍ସା ପାଇଁ ଘରୋଇ ହସ୍ପିଟାଲଗୁଡ଼ିକରେ କ୍ୟାଶ୍‌ଲେସ୍ ସୁବିଧା ଯୋଗାଇ ଦିଆଯିବ। ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣରେ ରାଜ୍ୟର ୧ କୋଟି ୧୦ ଲକ୍ଷରୁ ଅଧିକ ପରିବାର ସାମିଲ ହେବେ। ସେମାନେ ସମସ୍ତେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ-ନବୀନ କାର୍ଡ ଜରିଆରେ ଉତ୍ତମ ଚିକିତ୍ସା ସୁବିଧା ପାଇବେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଏସ୍‌କେୱାଇ-ନବୀନ କାର୍ଡ ଦ୍ୱାରା ଓଡ଼ିଶାର କୌଣସି ପରିବାର ଆର୍ଥିକ ଦୁରବସ୍ଥା କାରଣରୁ ଜଟିଳ ରୋଗଗୁଡ଼ିକର ଚିକିତ୍ସା କ୍ଷେତ୍ରରେ କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ । ଏଥିପାଇଁ ଚିକିତ୍ସାର ସମସ୍ତ ଖର୍ଚ୍ଚ ଓଡ଼ିଶା ସରକାର ନିଜ ପାଣ୍ଠିରୁ ବହନ କରିବେ। ଯୋଜନାର ୩ଟି ପର୍ଯ୍ୟାୟରେ ରାଜ୍ୟର ୯୦ ପ୍ରତିଶତ ଲୋକଙ୍କୁ ବୀମାଭୁକ୍ତ କରାଯାଇଛି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ସ୍ୱାସ୍ଥ୍ୟ ସହ ବିକାଶର ଗଭୀର ସମ୍ପର୍କ ରହିଛି। ଏକ ସୁସ୍ଥ ସମାଜ ହିଁ ସମୃଦ୍ଧ ଭବିଷ୍ୟତର ଭିତ୍ତି। ସରକାରଙ୍କ ସବୁ କାର୍ଯ୍ୟକ୍ରମ ପଛରେ ରହିଛି 'ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା'ର ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ। ଓଡ଼ିଶାର ସବୁ ଲୋକଙ୍କୁ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଯୋଗାଇଦେବା ହେଉଛି ସରକାରଙ୍କ ସ୍ୱପ୍ନ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସେ ଏମିତି ଏକ ଓଡ଼ିଶା ଚାହାନ୍ତି ଯେଉଁଠାରେ ସ୍ୱାସ୍ଥ୍ୟସେବା ଲୋକଙ୍କ ପାଇଁ ଏକ ଅଧିକାର ଏବଂ ଏହା ସବୁ ଲୋକଙ୍କ ପାଇଁ ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଥିବ। ପଇସା ପାଇଁ ରାଜ୍ୟର କେହି କେବେ ଉତ୍ତମ ଚିକିତ୍ସା ସୁବିଧାରୁ ବଞ୍ଚିତ ହେଉ ନ ଥିବେ। ଏହି ଲକ୍ଷ୍ୟକୁ କାର୍ଯ୍ୟକାରୀ କରିବାକୁ ଯାଇ ରାଜ୍ୟରେ ୫ ବର୍ଷ ତଳେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆରମ୍ଭ କରାଯାଇଥିଲା। ଏହା ଓଡ଼ିଶାର ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା। ରାଜ୍ୟର ସବୁ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ପର୍ଯ୍ୟାୟକ୍ରମେ ସମ୍ପ୍ରସାରିତ କରାଯାଉଛି।

ପ୍ରଥମ ପର୍ଯ୍ୟାୟରେ ସବୁ ଲୋକଙ୍କୁ, ସେମାନଙ୍କର ରୋଜଗାର ଓ ବାସସ୍ଥାନ ନିର୍ବିଶେଷରେ, ☞ପୃଷ୍ଠା-୨

## ୬ ମାସ ବଢ଼ିଲା ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟକାଳ


ପ୍ରଦୀପ କୁମାର ଜେନା

**ଭୁବନେଶ୍ୱର,୨୯।୧୨ (ଅନିଲ ଦାସ)**

ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ କାର୍ଯ୍ୟକାଳକୁ ରାଜ୍ୟ ସରକାର ଆଉ ୬ ମାସ ବୃଦ୍ଧି କରିଛନ୍ତି । ଏ ନେଇ ଶୁକ୍ରବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ୨୦୨୪ ଜୁନ୍ ୩୦ ପର୍ଯ୍ୟନ୍ତ ସେ ଏହି ପଦବୀରେ କାର୍ଯ୍ୟ କରିବେ। ଚଳିତ ଡିସେମ୍ବର ୩୧ ତାରିଖରେ ପ୍ରଦୀପ ଜେନାଙ୍କ କାର୍ଯ୍ୟକାଳ ଶେଷ ହୋଇଥାଆନ୍ତା। କାର୍ଯ୍ୟକାଳ ବୃଦ୍ଧିକୁ ନେଇ ଗତ କିଛିଦିନ ହେବ ଲାଗି ରହିଥିବା ଦ୍ୱନ୍ଦ୍ୱ ଦୂର ହୋଇଛି। ୨୦୨୩ ମାର୍ଚ୍ଚ ୧ ତାରିଖରେ ବରିଷ୍ଠ ପ୍ରଶାସକ ତଥା ୧୯୮୯ ବ୍ୟାଚ୍ ଆଇଏଏସ୍ ଅଫିସର ପ୍ରଦୀପ ଜେନା ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ପ୍ରଶାସନିକ ଦକ୍ଷତା ପାଇଁ ☞ପୃଷ୍ଠା-୨


**ଆଜିର ସମ୍ପାଦକୀୟ**


**ସ୍ୱାସ୍ଥ୍ୟ କୂଟନୀତିର ବିଜୟ**

## କରୋନା ଆକ୍ରାନ୍ତ ୧୩: ସଜାଗ ରହିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୯।୧୨(ଅସମାପିକା ସାହୁ)**

ରାଜ୍ୟରେ କରୋନା ସଂକ୍ରମଣ ପୁଣି ବ୍ୟାପିବାରେ ଲାଗିଛି। ଟେଷ୍ଟିଂ ତୁଳନାରେ କମ୍ ଆକ୍ରାନ୍ତ ଚିହ୍ନଟ ହେଉଥିଲେ ମଧ୍ୟ କ୍ରମାଗତ ଭାବେ ଏହି ସଂଖ୍ୟା ବଢ଼ି ଚାଲିଥିବାରୁ ଚିନ୍ତା ବଢ଼ିଛି। ଗୁରୁବାର ୫୦୦ ନମୁନାର କରୋନା ଟେଷ୍ଟ ହୋଇଥିଲା। ସେଥି ମଧ୍ୟରୁ ୫ଜଣଙ୍କ ରିପୋର୍ଟ ପଜିଟିଭ ଆସିଛି। ଏହାକୁ ମିଶାଇ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୩କୁ ବୃଦ୍ଧି ପାଇଛି। ସେପଟେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ୁଥିବାରୁ ସଜାଗ ରହିବାକୁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି। ଏ ନେଇ ଶୁକ୍ରବାର ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ମେଡିକାଲ କଲେଜ ଡିନ୍, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, କ୍ୟାପିଟାଲ ହସ୍ପିଟାଲ ଏବଂ ଆରଜିଏଚ୍ ହସ୍ପିଟାଲର ନିର୍ଦ୍ଦେଶକଙ୍କୁ ଚିଠି ଦିଆଯାଇଛି। ସର୍ଭିଲାନ୍ସ, ଟେଷ୍ଟିଂ ବଢ଼ାଇବା ସହିତ ଏହାର ମୁକାବିଲା ପାଇଁ ସମସ୍ତ ପ୍ରସ୍ତୁତି ରଖିବାକୁ କୁହାଯାଇଛି। ଅକ୍ସିଜେନ ବେଡ୍ ପ୍ରସ୍ତୁତ ରଖିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଆକ୍ରାନ୍ତଙ୍କ ଉପରେ ନଜର ରଖିବା ସହ ପଜିଟିଭ୍ ଚିହ୍ନଟ ହେଲେ ଘରୋଇ ସଙ୍ଗରୋଧରେ ରହିବାକୁ ପରାମର୍ଶ ଦିଆଯାଇଛି। ଜିଲା ତଥା ଉପଖଣ୍ଡ ସ୍ତରରେ ଟେଷ୍ଟିଂ ଏବଂ ଚିକିତ୍ସା ସୁବିଧା ଉପଲବ୍ଧ ନ ଥିବା ଅଭିଯୋଗ ଯେପରି ନ ଆସେ, ସେଥିପାଇଁ ବିଭାଗ ☞ପୃଷ୍ଠା-୨

# ୟୁକ୍ରେନ୍‌ରେ କ୍ଷେପଣାସ୍ତ୍ର ବର୍ଷା

■ଦିନକରେ ୧୨୨ ମିଶାଇଲ୍, ୩୬ ଡ୍ରୋନ୍ ମାଡ଼କଲା ରୁଷିଆ
■୨୨ ମାସରେ ସବୁଠୁ ଘାତକ ଆକ୍ରମଣ: ୧୮ ମୃତ

କିଭ୍,୨୯।୧୨

ୟୁକ୍ରେନ୍ ଉପରେ ରୁଷିଆ ୨୨ ମାସ ହେଲା ଆକ୍ରମଣ ଜାରି ରଖିଥିବାବେଳେ ଶୁକ୍ରବାର ଆକାଶମାର୍ଗରୁ ସର୍ବବୃହତ୍ ଆକ୍ରମଣ କରିଛି। ୟୁକ୍ରେନ୍‌କୁ ଟାର୍ଗେଟ କରି ରୁଷିଆ ୧୨୨ଟି କ୍ଷେପଣାସ୍ତ୍ର ମାଡ଼ କରିବା ସହ ୩୬ଟି ଡ୍ରୋନ୍ ଆକ୍ରମଣ କରିଛି। ଏହି ଆକ୍ରମଣରେ ୧୩ ଜଣ ନାଗରିକ ନିହତ ହୋଇଛନ୍ତି। ତେବେ ୟୁକ୍ରେନ୍ ବାୟୁସେନା ୮୭ଟି କ୍ଷେପଣାସ୍ତ୍ର ଏବଂ ୨୭ଟି ଡ୍ରୋନ୍‌କୁ ପିଛା କରିଥିଲା ବୋଲି ଏହାର ସେନା ମୁଖ୍ୟ ଭାଲେରି ଜାଲୁଝ୍‌ନି କହିଛନ୍ତି।

୨୦୨୨ ଫେବୃୟାରୀରୁ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ ଜାରି ରଖିଥିବାବେଳେ ଗୋଟିଏ ଦିନରେ ଏତେ ସଂଖ୍ୟାରେ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ମାଡ଼ କରି ନ ଥିଲା। ଏହା ପୂର୍ବରୁ ଗତବର୍ଷ ନଭେମ୍ବରରେ ଗୋଟିଏ ଦିନରେ ୟୁକ୍ରେନ୍ ଉପରେ ରୁଷିଆ ସର୍ବାଧିକ ୯୬ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଚଳିତ ବର୍ଷ ମାର୍ଚ୍ଚ ୯ରେ ରୁଷିଆ ୟୁକ୍ରେନ୍‌କୁ ଟାର୍ଗେଟକରି ସର୍ବାଧିକ ୮୧ କ୍ଷେପଣାସ୍ତ୍ର ଛାଡ଼ିଥିଲା। ଗ୍ରୀଷ୍ମଋତୁରେ ୟୁକ୍ରେନ୍ ରୁଷିଆ ଆକ୍ରମଣର ଠିକଣା ଜବାବ ଦେଉଥିଲା। ଶୀତଦିନ ଯୋଗୁ ଆକ୍ରମଣ କିଛିଟା ଥମିଥିଲା। ୧,୦୦୦ କିଲୋମିଟର ବ୍ୟାପୀ ସୀମାରେ ଫ୍ରଣ୍ଟଲାଇନ ଆକ୍ରମଣ ବନ୍ଦ ରହିଥିଲା। ଶୁକ୍ରବାରର ଆକ୍ରମଣ ପରେ ୟୁକ୍ରେନ୍ କର୍ତ୍ତୃପକ୍ଷ ପାଶ୍ଚାତ୍ୟ ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ଅଧିକ ଏୟାର ଡିଫେନ୍ସ ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ଆକାଶମାର୍ଗ ଆକ୍ରମଣରୁ ସୁରକ୍ଷା ପାଇଁ ଅଧିକ ଏୟାର ଡିଫେନ୍ସ ସିଷ୍ଟମ ଜରୁରୀ ହୋଇପଡ଼ିଛି। ପ୍ରାୟ ୧୮ ଘଣ୍ଟାର ଆକ୍ରମଣରେ ବହୁ ଘରଦ୍ୱାର ଧ୍ୱଂସହୋଇଥିବାରୁ ଏହା ତଳେ ଅନେକ ଲୋକ ପୋତିହୋଇ ରହିଥିବାବେଳେ ଅନେକ ଆହତ ହୋଇଛନ୍ତି। ୟୁକ୍ରେନ୍‌ର ଏକ ମାର୍ଟର୍ନିଟି ହସ୍ପିଟାଲ ସମେତ କେତେକ ଆପାର୍ଟମେଣ୍ଟ ଏବଂ ସ୍କୁଲ୍ ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଛି। ରୁଷିଆ ସୈନ୍ୟମାନେ ବାଲିଷ୍ଟିକ୍, କ୍ରୁଜ୍ ମିଶାଇଲ୍ ସମେତ ଅନେକ ପ୍ରକାର ଅସ୍ତ୍ର ବ୍ୟବହାର କରିଥିଲେ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ଶୁକ୍ରବାର ରୁଷିଆ ପାଖାପାଖି ସବୁ ପ୍ରକାର ଅସ୍ତ୍ର ଆକ୍ରମଣରେ ବ୍ୟବହାର କରିଥିବା ଜେଲେନସ୍କି ସୋସିଆଲ ମିଡିଆ ଏକ୍ସ'ରେ ଲେଖିଛନ୍ତି। କେବଳ ବୁଢ଼ାଜାହାଜରୁ ନିକ୍ଷେପ ହେଉଥିବା କାଲିବର ମିଶାଇଲ୍ ବ୍ୟତୀତ ରୁଷିଆ ଆକ୍ରମଣରେ ସମସ୍ତ ଅସ୍ତ୍ର ବ୍ୟବହାର କରିସାରିଲାଣି ବୋଲି ୟୁକ୍ରେନ୍ ବାୟୁସେନା ମୁଖପାତ୍ର ୟୁରି ଇହ୍‌ନାଟ କହିଛନ୍ତି। ଗୁରୁବାରଠାରୁ ଆରମ୍ଭ ହୋଇଥିବା ଆକ୍ରମଣ ୟୁକ୍ରେନ୍‌ର ୬ଟି ସହରରେ ରାତି ତମାମ ଲାଗି ରହିଥିଲା।



# ଦିବ୍ୟାଙ୍ଗ କର୍ମଚାରୀଙ୍କ ପଦୋନ୍ନତିରେ ସଂରକ୍ଷଣ ସୁବିଧା ଲାଗୁହେବ

ନୂଆଦିଲ୍ଲୀ,୨୯।୧୨(ପି.ଟି.)

କେନ୍ଦ୍ର ସରକାର ଦିବ୍ୟାଙ୍ଗଜନ କର୍ମଚାରୀମାନଙ୍କ ପଦୋନ୍ନତି କ୍ଷେତ୍ରରେ ସଂରକ୍ଷଣ ସୁବିଧା ଲାଗୁ କରିବା ନିମନ୍ତେ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। କାର୍ମିକ ମନ୍ତ୍ରଣାଳୟ ଏନେଇ ଏକ ନିର୍ଦ୍ଦେଶନାମା ଜାରି କରିଛି। ଜାତୀୟ ସ୍ତରରେ ୨୦୧୬ ଜୁନ୍ ୩୦ରୁ ଏହି ପଦୋନ୍ନତି ଯୋଗ୍ୟ କର୍ମଚାରୀଙ୍କ କ୍ଷେତ୍ରରେ ଲାଗୁ ହେବ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି। କେନ୍ଦ୍ର ସରକାରରେ ନିୟୋଜିତ ଥିବା ସର୍ବନିମ୍ନ ଗ୍ରୁପ୍ 'ଏ' ପର୍ଯ୍ୟନ୍ତ ଭିନ୍ନକ୍ଷମ କର୍ମଚାରୀଙ୍କ ପଦୋନ୍ନତି କ୍ଷେତ୍ରରେ ସଂରକ୍ଷଣକୁ ବିଚାରକୁ ନିଆଯିବ, ଯଦି ସେମାନେ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବେ। ଏନେଇ କେନ୍ଦ୍ର ସରକାରଙ୍କ ସମସ୍ତ ବିଭାଗର ସଚିବମାନଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

# ନୌସେନା କମାଣ୍ଡର ହେଲେ ଚାଇନା ପ୍ରତିରକ୍ଷା ମନ୍ତ୍ରୀ


ଜେନେରାଲ ଡଙ୍ଗ୍ ଜୁନ୍

ବେଜିଂ,୨୯।୧୨(ପି.ଟି.)

ଚାଇନାର ନୌସେନା କମାଣ୍ଡର ଜେନେରାଲ ଡଙ୍ଗ୍ ଜୁନ୍‌ଙ୍କୁ ଶୁକ୍ରବାର ଦେଶର ନୂଆ ପ୍ରତିରକ୍ଷା ମନ୍ତ୍ରୀ ନିଯୁକ୍ତ କରାଯାଇଛି। ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ଜେନେରାଲ ଲି ଶାଙ୍ଗ୍‌ଫୁ କୌଣସି ସ୍ପଷ୍ଟୀକରଣ ନ ଦେଇ ଦୁଇମାସ ଅନୁପସ୍ଥିତ ରହିବାରୁ ଗତ ଅକ୍ଟୋବରରେ ଚାଇନାର ନ୍ୟାଶନାଲ ପିପୁଲ୍ସ କଂଗ୍ରେସ (ଏନ୍‌ପିସି) ତାଙ୍କୁ ବହିଷ୍କାର କରିଥିଲା। ପିପୁଲ୍ସ ଲିବରେଶନ ଆର୍ମି ନୌସେନାର କମାଣ୍ଡର ଡଙ୍ଗ୍‌ଙ୍କୁ ଏନ୍‌ପିସି ଷ୍ଟାଣ୍ଡିଂ କମିଟି ପ୍ରତିରକ୍ଷା ମନ୍ତ୍ରୀ ନିଯୁକ୍ତ କରିବା ପରେ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ଏହାକୁ ଅନୁମୋଦନ କରିଛନ୍ତି। ଡଙ୍ଗ ନୌସେନାର ସମସ୍ତ ବଡ଼ ଡିଭିଜନରେ କାମ କରିଆସିଛନ୍ତି। କମାଣ୍ଡର ହେବା ପୂର୍ବରୁ ସେ ନର୍ଦର୍ନ ସି ଫ୍ଲିଟ୍‌ରେ ନିୟୋଜିତ ଥିଲେ।

# ସୋନିଆ ଯୋଗଦେବା ନେଇ ଠିକ୍ ସମୟରେ ନିଷ୍ପତ୍ତି ନେବ କଂଗ୍ରେସ

ରାମମନ୍ଦିର ପ୍ରାଣପ୍ରତିଷ୍ଠା

ନୂଆଦିଲ୍ଲୀ,୨୯।୧୨



ଅଯୋଧ୍ୟା ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବ ଜାନୁୟାରୀ ୨୨ରେ ଅନୁଷ୍ଠିତ ହେବାକୁ ଥିବାବେଳେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ କଂଗ୍ରେସ ସଂସଦୀୟ ଦଳର ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଯୋଗଦେବା ଲାଗି ଆମନ୍ତ୍ରଣ କରାଯାଇଛି। ତେବେ ସେମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବେ କି ନାହିଁ, ସେନେଇ ଉପଯୁକ୍ତ ସମୟରେ ନିଷ୍ପତ୍ତି ନିଆଯାଇ ଜଣାଇ ଦିଆଯିବ ବୋଲି ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସମେତ ୬,୦୦୦ରୁ ଊର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତି ଯୋଗଦେବା ଆଶା କରାଯାଉଛି। ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କୁ ମଧ୍ୟ ଉତ୍ସବକୁ ନିମନ୍ତ୍ରଣ କରାଯାଇଛି।

# ଝାଡ଼ଖଣ୍ଡରେ ଦଳିତ, ଆଦିବାସୀଙ୍କ ପାଇଁ ପେନ୍‌ସନ୍ ଘୋଷଣା

ରାଞ୍ଚି,୨୯।୧୨(ପି.ଟି.)

ଝାଡ଼ଖଣ୍ଡର ଆଦିବାସୀ ଏବଂ ଦଳିତମାନେ ୫୦ ବର୍ଷ ବୟସରେ ପହଞ୍ଚିଲେ ପେନ୍‌ସନ୍ ସୁବିଧା ପାଇବାକୁ ଯୋଗ୍ୟ ବିବେଚିତ ହେବେ। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଶୁକ୍ରବାର ସେମାନଙ୍କ ପାଇଁ ପେନ୍‌ସନ୍ ଯୋଜନା ଘୋଷଣା କରିଛନ୍ତି। ରାଜ୍ୟରେ ଜେଏମ୍‌ଏମ୍ ନେତୃତ୍ୱାଧୀନ ସରକାରଙ୍କ ୪ ବର୍ଷ ପୂର୍ତ୍ତି ଅବସରରେ ରାଞ୍ଚିର ମୋରାବାଦିରେ ଆୟୋଜିତ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ସୋରେନ୍ କହିଥିଲେ, ଆଦିବାସୀ ଓ ଦଳିତଙ୍କ ମଧ୍ୟରେ ମୃତ୍ୟୁ ହାର ଅଧିକ। ୬୦ ବର୍ଷ ପରେ ସେମାନଙ୍କୁ କୌଣସି କାମଧନ୍ଦା ମିଳୁନାହିଁ। ତେଣୁ ୫୦ ବର୍ଷ ବୟସରେ ପହଞ୍ଚିଲେ ସେମାନଙ୍କୁ ପେନ୍‌ସନ୍ ଯୋଗାଇଦେବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ଝାଡ଼ଖଣ୍ଡ ଗଠନ ହେବାର ୨୦ ବର୍ଷ ମଧ୍ୟରେ ମାତ୍ର ୧୬ ଲକ୍ଷ ଲୋକ ଭତ୍ତା ସୁବିଧା ପାଉଥିଲେ। କିନ୍ତୁ ତାଙ୍କ ସରକାର ୬୦ ବର୍ଷରୁ ଊର୍ଦ୍ଧ୍ୱ ୩୬ ଲକ୍ଷ ଲୋକଙ୍କୁ ଭତ୍ତା ଯୋଗାଇଦେଉଥିବା ସେ କହିଛନ୍ତି।


ରାଞ୍ଚିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ସହ ତାଙ୍କ ବାପା ତଥା ଦଳ ଅଧ୍ୟକ୍ଷ ଶିବୁ ସୋରେନ୍ ଯୋଗଦେଇଛନ୍ତି।

# ଘରୁ ୫ ଜଣଙ୍କ କଙ୍କାଳ ମିଳିଲା

ବେଙ୍ଗାଲୁରୁ,୨୯।୧୨

କର୍ନାଟକର ଚିତ୍ରଦୁର୍ଗା ଜିଲା ଅନ୍ତର୍ଗତ ଏକ ଘରୁ ପରିବାରର ୫ ସଦସ୍ୟଙ୍କ କଙ୍କାଳ ମିଳିଛି। ଉକ୍ତ ପରିବାର ସମ୍ପୂର୍ଣ୍ଣ ଏକାନ୍ତ ଜୀବନ ଯାପନ କରୁଥିଲେ ଏବଂ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ଥିଲେ ବୋଲି ସେମାନଙ୍କ ସମ୍ପର୍କୀୟ ପୋଲିସକୁ କହିଛନ୍ତି। ୨୦୧୯ ଜୁଲାଇରେ ସେମାନଙ୍କୁ ଶେଷ ଥର ପାଇଁ ଲୋକେ ଦେଖିଥିଲେ। ଏହା ପରେ ଘର ବନ୍ଦ ହୋଇ ରହିଥିଲା। ଦୁଇମାସ ପୂର୍ବେ ଘରର ମୁଖ୍ୟ କବାଟ ଭଙ୍ଗାଯାଇଥିବା ଲୋକେ ଦେଖିବାକୁ ପାଇଥିଲେ ମଧ୍ୟ ପୋଲିସ ନିକଟରେ କୌଣସି ଖବର ନ ଥିଲା। ଘର ଭିତରେ କେତେଜଣ ପ୍ରବେଶ କରି ଭଙ୍ଗାରୁଜା କରିଥିବା ଅନୁଧ୍ୟାନରୁ ଜଣାପଡ଼ିଛି। କଙ୍କାଳଗୁଡ଼ିକର ଯାଞ୍ଚ ଲାଗି ଫୋରେନ୍‌ସିକ୍ ଟିମ୍‌କୁ ଡକାଯାଇଥିବାବେଳେ ଘର ଚାରିପଟେ ସୁରକ୍ଷା କଡ଼ାକଡ଼ି କରାଯାଇଛି। ଘରେ ଏକ ଅଶୀତିପର ଦମ୍ପତି, ସେମାନଙ୍କ ପୁଅଝିଅ ଓ ନାତି ରହିଥିଲେ। ଫୋରେନ୍‌ସିକ୍ ପରୀକ୍ଷା ପରେ ସେମାନଙ୍କ ପରିଚୟ ଜଣାପଡ଼ିବ।


ଏକ ପୁରୁଣା ବିମାନକୁ ମୁମ୍ବାଇରୁ ଆସାମ ନିଆଯାଉ ଥିବାବେଳେ ଶୁକ୍ରବାର ସକାଳେ ବିହାରର ମୋତିହାରୀ ଠାରେ ଏକ ବ୍ରିଜ୍ ତଳେ ଲାଗି ରହିଯିବାରୁ ଜାତୀୟ ରାଜପଥରେ ୨ ଘଣ୍ଟା ଟ୍ରାଫିକ୍ ଜାମ୍ ହୋଇଛି।

## ଦିନକରେ ୭୯୭ କୋଭିଡ୍ ମାମଲା

**ନୂଆଦିଲ୍ଲୀ,୨୯।୧୨:** କୋଭିଡ୍ ସଂକ୍ରମଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ଶୁକ୍ରବାର ସକାଳ ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ ଦେଶରେ ୭୯୭ ନୂଆ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି, ଯାହାକି ଗତ ୨୨୫ ଦିନରେ ସର୍ବାଧିକ। ଏହାକୁ ମିଶାଇ ସକ୍ରିୟ ମାମଲା ସଂଖ୍ୟା ୪,୦୯୧ରେ ପହଞ୍ଚିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଏଥିସହ ୨୪ ଘଣ୍ଟାରେ ୫ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। କେରଳରୁ ୨ ଜଣ, ମହାରାଷ୍ଟ୍ର, ପଣ୍ଡିଚେରୀ ଏବଂ ତାମିଲନାଡୁରେ ଜଣେ ଲେଖାଏ କୋଭିଡ୍‌ରେ ପ୍ରାଣ ହରାଇଛନ୍ତି। ଶୀତଦିନ ଆସିବା ସହ ନୂଆ ଭାରିଆଣ୍ଟ ଯୋଗୁ ସଂକ୍ରମଣ ବଢ଼ିଚାଲିଛି।

# ଏଜେଣ୍ଟଙ୍କୁ ଦିଆଯାଇଥିଲା ୧.୨ କୋଟି

ମାନବ ଚାଲାଣ ଯୋଜନା
ମାଷ୍ଟରମାଇଣ୍ଡଙ୍କୁ ଧରିବା ପାଇଁ ଉଦ୍ୟମ

ନୂଆଦିଲ୍ଲୀ,୨୯।୧୨

ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ରୁ ୩୦୩ ଜଣ ଭାରତୀୟଙ୍କୁ ନେଇ ଏୟାରବସ୍ ଏ୩୪୦ ନିକାରାଗୁଆ ଯାଉଥିବାବେଳେ ମାନବ ଚାଲାଣ ହେଉଥିବା ଗୋଇନ୍ଦା ସୂଚନା ପାଇ ଫ୍ରାନ୍ସ କର୍ତ୍ତୃପକ୍ଷ ସେମାନଙ୍କୁ ଅଟକ ରଖିଥିଲେ। ଫଳରେ ମାନବ ଚାଲାଣର ଏକ ବଡ଼ ଯୋଜନା ପଣ୍ଡ ହୋଇଯାଇଥିଲା। ତେବେ ମାନବ ଚାଲାଣ ନେଟ୍‌ୱର୍କ ପଛର ମାଷ୍ଟରମାଇଣ୍ଡ କିଏ, ତାଙ୍କୁ ଖୋଜି ବାହାର କରିବାକୁ ଗୁଜରାଟ ପୋଲିସ ଅଣ୍ଟା ଭିଡ଼ିଛି। ବିମାନର ଅଧିକାଂଶ ଯାତ୍ରୀ ଗୁଜରାଟର ବନସକଣ୍ଠା, ପାଟନ, ମେହସନା ଏବଂ ଆନନ୍ଦ ଜିଲାର। ଅନ୍ୟ କେତେକ ଯାତ୍ରୀ ପଞ୍ଜାବରୁ ଥିଲେ। ପଞ୍ଜାବ ପୋଲିସ ମଧ୍ୟ ତଦନ୍ତ ଚଳାଇଛି। ଯାତ୍ରୀମାନେ ନିକାରାଗୁଆରେ ପହଞ୍ଚିବା ପରେ ବେଆଇନ ଭାବେ ଆମେରିକାରେ ପ୍ରବେଶ କରିଥାନ୍ତେ। ଏହି ବେଆଇନ ଅନୁପ୍ରବେଶରେ ଏଜେଣ୍ଟମାନେ ସେମାନଙ୍କୁ ସହାୟତା କରିଥାନ୍ତେ। ଏଥିପାଇଁ ସେମାନଙ୍କୁ ଯାତ୍ରୀମାନେ ୧.୨ କୋଟି ପର୍ଯ୍ୟନ୍ତ ଟଙ୍କା ଦେଇଥିଲେ ବୋଲି ଜଣାପଡ଼ିଛି। ସେମାନେ କିପରି ଏଜେଣ୍ଟଙ୍କ ସହ ଯୋଗାଯୋଗରେ ଆସିଲେ ଏବଂ ନିକାରାଗୁଆରେ ପହଞ୍ଚିବା ପରେ ସେମାନଙ୍କର ଯୋଜନା କ'ଣ ଥିଲା, ତାହା ଜାଣିବା ପାଇଁ ତଦନ୍ତ ଜାରି ରହିଛି। ଏଭଳି କେତେ ଲୋକ ବେଆଇନ ଭାବେ ଅନ୍ୟ ଦେଶକୁ ଗଲେଣି ତାହାର ଖୋଳତାଡ଼ ହେଉଛି।

ଫୁର୍‌ସତ୍

# ବିଶ୍ୱର ଗଭୀରତମ ଗୁମ୍ଫା

**ଟିବଲିସି:** ବିଶ୍ୱରେ ଏମିତି କିଛି ଅଜବ ସ୍ଥାନ ରହିଛି, ଯାହା ରୋମାଞ୍ଚକର ହେବା ସହ ବିପଦପୂର୍ଣ୍ଣ ମଧ୍ୟ ହୋଇଥାଏ। ଏପରି ଏକ ଜାଗା ହେଉଛି ଭେରିଓଭକିନା ଗୁମ୍ଫା ; ଯାହା ବିଶ୍ୱର ସବୁଠୁ ଗଭୀରତମ। ଗୁମ୍ଫା ଏତେ ଗଭୀର ଯେ, ଯେ କେହି ଏହା ଭିତରକୁ ଯିବାକୁ ସାହସ କରିପାରନ୍ତିନି। ତା' ଭିତରେ ଏପରି ଲାଗେ, ଯେପରି ଏହି ଗୁମ୍ଫା ପାତାଳ ଲୋକକୁ ଲମ୍ବିଛି। ସେଥିପାଇଁ ବହୁ ଲୋକ ଏହି ଗୁମ୍ଫାକୁ ଦେଖି ଡରି ଯାଆନ୍ତି। ସୂଚନା ମୁତାବକ ଭେରିଓଭକିନା ଗୁମ୍ଫାର ଗଭୀରତା ୭ ହଜାର ୨୫୭ ଫୁଟ। ଏହି ଗୁମ୍ଫା ଅବଖାଜିଆର ଆରବିକା ମାସିଫରେ ଅବସ୍ଥିତ ; ଯାହା ଜର୍ଜିଆର ଏକ ଅନ୍ୟ ଅଞ୍ଚଳ। ତେବେ ଗୁମ୍ଫାର ପୂରା ଯାତ୍ରା କରିବାକୁ ଅତି କମ୍‌ରେ ଗୋଟିଏ ସପ୍ତାହ ଲାଗିଥାଏ। ଏହି ଗୁମ୍ଫା ଚୂନାପଥରରେ ତିଆରି ହୋଇଛି। ଏହାକୁ ପ୍ରଥମ ଥର ପାଇଁ ୧୯୬୮ରେ ଉଦ୍ଧାର କରାଯାଇଥିଲା। ସେତେବେଳେ ଏହି ଗୁମ୍ଫାର ଅଧିକାଂଶ ଭାଗ ବିଷୟରେ ଜଣାପଡ଼ି ନ ଥିଲା। ୧୯୮୨ରେ ମସ୍କୋର ସ୍ପେଲିଓଲୋଜି କ୍ଲବ ଗୁମ୍ଫାର କିଛି ଅଂଶ ବାବଦରେ ଉଦ୍ଧାର କରିଥିଲେ। ପୂର୍ବରୁ ଏହି ଗୁମ୍ଫାର ନାମ ଗୋତାଖୋର ଆଲେକ୍ସଜ୍ୟାଣ୍ଡର ଭେରେଭ୍‌କିନାଙ୍କ ନାମରେ ରଖାଯାଇଥିଲା ; ଯାହାଙ୍କ ମୃତ୍ୟୁ ୧୯୮୩ରେ ହୋଇଥିଲା। ମାର୍ଚ୍ଚ ୨୦୧୮ ପୂର୍ବରୁ ବିଶ୍ୱର ସବୁଠୁ ଗଭୀରତମ ଗୁମ୍ଫା ଭାବେ ରେକର୍ଡ କ୍ରୁବେରା ଗୁମ୍ଫା ନାମରେ ଥିଲା। ବିଶ୍ୱର ଏହା ଗଭୀରତମ ଗୁମ୍ଫା ଭାବେ ୨ୟ ସ୍ଥାନରେ ରହିଛି ; ଯାହାର ଗଭୀରତା ୭ ହଜାର ୨୧୫ ଫୁଟ। ଜର୍ଜିଆର ଅବ୍‌ଖୋଜିଆ ଜିଲାରେ ଏହି ଗୁମ୍ଫା ଅବସ୍ଥିତ। ଭେରିଓଭକିନା ଗୁମ୍ଫା ଭିତରକୁ ଯିବା ଏତେ ସହଜ ନୁହେଁ। ଯେଉଁମାନେ ଅତ୍ୟନ୍ତ ସାହସୀ କେବଳ ସେଭଳି ଲୋକ ହିଁ ତା' ଭିତରକୁ ଯାଇଥାନ୍ତି। ଏହି ଗୁମ୍ଫା ଏତେ ପ୍ରସିଦ୍ଧ ଯେ, ଲୋକେ ଏହାକୁ ଦେଖିବାକୁ ବହୁ ଦୂରରୁ ଆସିଥାନ୍ତି।



# ଓଠ ସଦୃଶ ଫୁଲ

**କେପ୍ ଟାଉନ:** ପ୍ରକୃତିର ସୃଷ୍ଟି ଅତ୍ୟନ୍ତ ଅଜବ ହୋଇଥାଏ ; ଯାହାକୁ ଦେଖି ଲୋକେ ଖୁସି ହେଉଥିବାବେଳେ ଅନେକ ସମୟରେ ତାହା ଆଖିକୁ ବିଶ୍ୱାସ ମଧ୍ୟ ହୁଏନି। ତେବେ ଏପରି ଏକ ଗଛ ଅଛି, ଯାହା ଦେଖିବାକୁ ସମ୍ପୂର୍ଣ୍ଣ ଭାବେ ମଣିଷଙ୍କ ଓଠ ସଦୃଶ। ଏହି ଗଛରେ ଯାହା ଫୁଲ ହୁଏ, ତାହା ମଣିଷଙ୍କ ଓଠ ପରି ହୋଇଥାଏ, ଯାହାକୁ ହୁକର ପ୍ଲାଣ୍ଟ କୁହାଯାଏ। ଏହାର ବୈଜ୍ଞାନିକ ନାମ ସାଇକୋଟରିଆ ଇଲାଟା। ମଣିଷଙ୍କ ଲାଲ ରଙ୍ଗର ଓଠ ସଦୃଶ ଏହି ଗଛ ଅନେକ ଚଢ଼େଇଙ୍କୁ ତା' ଆଡ଼କୁ ଆକର୍ଷିତ କରିଥାଏ। ତେବେ ଏପରି ଗଛ ଦକ୍ଷିଣ ଆଫ୍ରିକା ଏବଂ ମଧ୍ୟ ଆଫ୍ରିକାରେ ଦେଖିବାକୁ ମିଳିଥାଏ। ଏହାର ଫଟୋ ଏବେ ବେଶ୍ ଭାଇରାଲ ହେବାରେ ଲାଗିଛି। ଏଥିରେ ଲୋକେ ଭିନ୍ନ ଭିନ୍ନ କମେଣ୍ଟ ଦେଇଛନ୍ତି।



# ସୁଇଜରଲାଣ୍ଡରେ ଛୁଟି କଟାଉଛନ୍ତି କରିନା

ମୁମ୍ବାଇ



ବଲିଉଡ୍ ବେବୋ କରିନା କପୁର ଖାନ୍ ତାଙ୍କ ପସନ୍ଦର ସ୍ଥାନ ସୁଇଜରଲାଣ୍ଡରେ ବର୍ତ୍ତମାନ ଛୁଟି କଟାଉଛନ୍ତି। ଗତବର୍ଷ ସେ ତାଙ୍କ ସ୍ୱାମୀ ଓ ପିଲାଙ୍କ ସହିତ ଏଠାରେ ଛୁଟି କଟାଇଥିଲେ। ତେବେ ଏଥର ସେ ତାଙ୍କ ସାଙ୍ଗ ନତାସା ପୁନାୱାଲାଙ୍କ ସାଥିରେ ଛୁଟି କଟାଉଛନ୍ତି। ଏନେଇ ସେ ସୋସିଆଲ ମିଡିଆରେ କିଛି ଫଟୋ ପୋଷ୍ଟ କରିଛନ୍ତି। ଫଟୋରେ କରିନା ବରଫାବୃତ୍ତ ପାହାଡ଼ରେ ଠିଆ ହୋଇଥିବା ଦେଖିବାକୁ ମିଳିଛନ୍ତି। ସେ ଧଳା ରଙ୍ଗର ଏକ ଜ୍ୟାକେଟ୍ ଏବଂ କଳା ପ୍ୟାଣ୍ଟ, ଜୋତା ସହ ଆଖିରେ ଚଷମା ପିନ୍ଧିଛନ୍ତି। ନତାସା ମଧ୍ୟ ଉଲ୍‌ର ପୋଷାକ ସହ ଜୋତା ପିନ୍ଧିଛନ୍ତି। ତେବେ କରିନା ୨୦୧୨ରେ ବିବାହ ପରଠାରୁ ପ୍ରତିବର୍ଷ ସ୍ୱାମୀ ସୈଫ ଅଲ୍ଲି ଖାନ୍‌ଙ୍କ ସହ ସୁଇଜରଲାଣ୍ଡ ଏବଂ ଲଣ୍ଡନରେ ଛୁଟି କଟାଇଥାନ୍ତି। କରିନା ୨୦୦୦ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ସେବେଠାରୁ ସେ ଦର୍ଶକଙ୍କୁ ଅନେକ ହିଟ୍ ଫିଲ୍ମ ଦେଇ ସମସ୍ତଙ୍କ ପ୍ରିୟ ହୋଇପାରିଛନ୍ତି। ଶେଷଥର ପାଇଁ ତାଙ୍କୁ 'ଦି ବୁକଇନଘାମ୍ ମଡର୍ସ'ରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କ ପାଖରେ ୨ଟି ମୁଭି ରହିଛି।

ଧରିତ୍ରୀ
DHARITRI
ଧରିତ୍ରୀ 50 Years



# ଶାନ୍ତିପଥରେ ଉଲ୍‌ଫା

## କେନ୍ଦ୍ର, ଆସାମ ସରକାରଙ୍କ ସହ ଚୁକ୍ତି ସ୍ୱାକ୍ଷରିତ

ନୂଆଦିଲ୍ଲୀ,୨୯।୧୨(ପି.ଟି.)

ଉତ୍ତରପୂର୍ବାଞ୍ଚଳ ରାଜ୍ୟରୁ ବହୁଦଶନ୍ଧିର ଉଗ୍ରବାଦର ବିଲୋପ ଲକ୍ଷ୍ୟରେ ୟୁନାଇଟେଡ୍ ଲିବରେଶନ ଫ୍ରଣ୍ଟ ଅଫ୍ ଆସମ୍ (ଉଲ୍‌ଫା), କେନ୍ଦ୍ର ସରକାର ଏବଂ ଆସାମ ସରକାରଙ୍କ ମଧ୍ୟରେ ଶୁକ୍ରବାର ତ୍ରିପାକ୍ଷିକ ଶାନ୍ତି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଶାନ୍ତି ଚୁକ୍ତିନାମା ସ୍ୱାକ୍ଷର ବେଳେ ଅରବିନ୍ଦ ରାଜଖୋଓ୍ୱାଙ୍କ ଅଧ୍ୟକ୍ଷତାରେ ଆଲୋଚନା ସପକ୍ଷବାଦୀ ଉଲ୍‌ଫା ଗୋଷ୍ଠୀର ୧୨ରୁ ଊର୍ଦ୍ଧ୍ୱ ନେତାଙ୍କ ସହ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଏବଂ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଉପସ୍ଥିତ ଥିଲେ। ଉକ୍ତ ଚୁକ୍ତିନାମା ଅନୁଯାୟୀ ରାଜନୈତିକ, ଅର୍ଥନୈତିକ ଏବଂ ସାମାଜିକ ପ୍ରସଙ୍ଗଗୁଡ଼ିକୁ ନେଇ ରହିଥିବା ଦୀର୍ଘଦିନର ଉଦ୍‌ବେଗର ସମାଧାନକୁ ଗୁରୁତ୍ୱ ଦିଆଯିବ। ଏଥିସହିତ ସେଠାର ଆଦିମ ଅଧିବାସୀମାନଙ୍କୁ ଜମି ଅଧିକାର ପ୍ରଦାନ ସହ ସେମାନଙ୍କୁ ସାଂସ୍କୃତିକ ସୁରକ୍ଷା ଯୋଗାଇ ଦିଆଯିବ। ପରେଶ ବରୁଆଙ୍କ ନେତୃତ୍ୱରେ ଉଲ୍‌ଫାର କଠୋରପନ୍ଥୀ ଗୋଷ୍ଠୀ ସରକାରଙ୍କ ଶାନ୍ତି ଆଲୋଚନାକୁ ପ୍ରତ୍ୟାଖ୍ୟାନ କରିଆସୁଥିବାରୁ ସେ ଶାନ୍ତି ଚୁକ୍ତିନାମା ସ୍ୱାକ୍ଷରରେ ଅଂଶଗ୍ରହଣ କରି ନ ଥିଲେ।

ରାଜଖୋଓ୍ୱା ଗୋଷ୍ଠୀର ଦୁଇଜଣ ଶୀର୍ଷ ନେତା ଅନୁପ୍ ଚେଟିଆ ଏବଂ ଶଶଧର ଚୌଧରୀ ଗତ ସପ୍ତାହରୁ ଦିଲ୍ଲୀରେ ରହି ସରକାରଙ୍କ ମଧ୍ୟସ୍ଥ ସହ ମିଶି ଶାନ୍ତି ଚୁକ୍ତିନାମାକୁ ଶେଷ ସ୍ପର୍ଶ ଦେଇଥିଲେ। ସରକାରଙ୍କ ତରଫରୁ ଗୋଇନ୍ଦା ବ୍ୟୁରୋ ନିର୍ଦ୍ଦେଶକ ତପନ ଡେକା ଏବଂ କେନ୍ଦ୍ରର ଉତ୍ତରପୂର୍ବାଞ୍ଚଳ ବ୍ୟାପାର ଉପଦେଷ୍ଟା ଏ.କେ. ମିଶ୍ରା ଉଲ୍‌ଫା ଗୋଷ୍ଠୀ ସହ ଆଲୋଚନାରେ ଭାଗ ନେଇଥିଲେ। ବରୁଆ ଗୋଷ୍ଠୀର ତୀବ୍ର ବିରୋଧ ସତ୍ତ୍ୱେ ୨୦୧୧ରୁ କେନ୍ଦ୍ର ସରକାରଙ୍କ ସହ ରାଜଖୋଓ୍ୱା ନେତୃତ୍ୱାଧୀନ ଉଲ୍‌ଫା ଗୋଷ୍ଠୀର ନିଃସର୍ତ୍ତ ଆଲୋଚନା ଆରମ୍ଭ ହୋଇଥିଲା। ବରୁଆ ଚାଇନା-ମ୍ୟାନ୍‌ମାର ସୀମାନ୍ତ କୌଣସି ସ୍ଥାନରେ ରହୁଥିବା ବିଶ୍ୱାସ କରାଯାଉଛି।

ସାର୍ବଭୌମ ଆସାମ ଦାବିରେ ୧୯୭୯ରେ ଉଲ୍‌ଫା ଗଠନ ହୋଇଥିଲା। ସେବେଠାରୁ ଉକ୍ତ ସଂଗଠନ ଧ୍ୱଂସକାରୀ କାର୍ଯ୍ୟରେ ଲିପ୍ତ ରହିବାରୁ ୧୯୯୦ରେ କେନ୍ଦ୍ର ସରକାର ଉକ୍ତ ସଂଗଠନକୁ ବେଆଇନ ଘୋଷଣା କରିଥିଲେ। କାର୍ଯ୍ୟାନୁଷ୍ଠାନ ବନ୍ଦ ରଖିବା ପାଇଁ ଉଲ୍‌ଫା, କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ରାଜିନାମା ପରେ ୨୦୧୧ ସେପ୍ଟେମ୍ବର ୩ରେ ରାଜଖୋଓ୍ୱା ଗୋଷ୍ଠୀ ସରକାରଙ୍କ ସହ ଶାନ୍ତି ଆଲୋଚନାରେ ସାମିଲ ହୋଇଥିଲେ।

# ଅତିଶୀଘ୍ର ଭୁଲିହୋଇଗଲାଣି ସୁଦପଡ଼ା

ଭୁବନେଶ୍ୱର, ୨୯।୧୨
(ଲାଲା ସୁନୀଲ କୁମାର ରଥ)




ଗତ ୬ତାରିଖରେ ଓଡ଼ିଶା, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗର ୧୦ଜିଲାର ପ୍ରାୟ ୩୦ଟି ସ୍ଥାନରେ ଦେଶୀ ମଦ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଆୟକର(ଇନ୍‌କମ୍ ଟ୍ୟାକ୍ସ) ଚଢ଼ାଉ ହୋଇଥିଲା। ଏଥିରେ ବଲାଙ୍ଗୀର ଜିଲାର ସୁଦପଡ଼ା, ଟିଟିଲାଗଡ଼ ଏବଂ ସମ୍ବଲପୁର ଜିଲା କ୍ଷେତରାଜପୁରର ବିଭିନ୍ନ ମଦଭାଟି ଓ ମଦ ବ୍ୟବସାୟୀଙ୍କ ବାସଭବନ ରହିଥିଲା। ଚଢ଼ାଉ ସମୟରେ ଆଖି ଝଲସିବା ଭଳି ଟଙ୍କା ଜବତ ହୋଇଥିଲା। କେବଳ ସୁଦପଡ଼ାସ୍ଥିତ ବ୍ୟବସାୟିକ ପ୍ରତିଷ୍ଠାନରୁ ଆଲ୍‌ମିରା ଭର୍ତ୍ତି ଟଙ୍କାକୁ ୧୭୬ଟି ବ୍ୟାଗ୍‌ରେ ଭର୍ତ୍ତି କରି ବଲାଙ୍ଗୀର ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାରେ ଗଣତି କରିବାକୁ ୬ଦିନ ଲାଗିଯାଇଥିଲା। ହେଲେ ନା ଆୟକର ବିଭାଗ ଅଧିକାରୀ କିମ୍ବା ଷ୍ଟେଟ ବ୍ୟାଙ୍କ କର୍ମଚାରୀ କେହି ହେଲେ କେତେ ଟଙ୍କା ଜବତ ହେଲା ସେନେଇ ମୁହଁ ଖୋଲିଲେ ନାହିଁ। ସେତେବେଳେ ବିଭିନ୍ନ ଗଣମାଧ୍ୟମରେ ଅସମର୍ଥିତ ସୂତ୍ର ଦର୍ଶାଇ ବିଭିନ୍ନ ତାରିଖରେ ଭିନ୍ନ ଭିନ୍ନ ରାଶି ଜବତ ହୋଇଥିବା ପ୍ରକାଶ ପାଇଥିଲା। କେହି କେହି ୩୦୫ କୋଟି ଟଙ୍କା ଜବତ ହୋଇଥିବା କହିଥିବାବେଳେ କେହି ୩୫୦ କୋଟି ଏବଂ ଆଉ କେହି ୪୦୦ କୋଟି ଟଙ୍କା ଜବତ ହୋଇଥିବା ମଧ୍ୟ ପ୍ରକାଶ କରିଥିଲେ। ହେଲେ ବିଭାଗ ପକ୍ଷରୁ କୌଣସି ନିର୍ଦ୍ଦିଷ୍ଟ ସୂଚନା ଦିଆ ନ ଯିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ସନ୍ଦେହ ବଢ଼ିବାରେ ଲାଗିଥିଲା। ପରବର୍ତ୍ତୀ ସମୟରେ ଗତ ୨୧ତାରିଖରେ ଆୟକର ବିଭାଗ ପକ୍ଷରୁ ଏକ ପ୍ରେସ୍ ରିଲିଜ୍ ଜାରି କରାଯାଇ ମୋଟ ୩୫୧କୋଟି ନଗଦ ଟଙ୍କା ଏବଂ ୨.୮କୋଟି ଟଙ୍କାର ଅଳଙ୍କାର ଜବତ କରାଯାଇଥିବାବେଳେ କେବଳ ସୁଦପଡ଼ା, ଟିଟିଲାଗଡ଼ ଏବଂ କ୍ଷେତରାଜପୁରରୁ ୩୨୯ କୋଟି ଟଙ୍କା ଜବତ ହୋଇଥିବା କୁହାଯାଇଥିଲା। ତେବେ ସୁଦପଡ଼ାରୁ ଜବତ ହୋଇଥିବା ୨୮୫କୋଟି ଟଙ୍କା ଷ୍ଟେଟ ବ୍ୟାଙ୍କରେ ଜମା କରାଯାଇଥିବା ଆୟକର ବିଭାଗର ଜଣେ ଅଧିକାରୀ କହିଥିବା ବେଳେ ବାକି ଟଙ୍କା କୁଆଡ଼େ ଗଲା ସେନେଇ କେହି ମୁହଁ ଖୋଲୁନାହାନ୍ତି। ଏପରି କି ଏହି ଚଢ଼ାଉର ପରବର୍ତ୍ତୀ ପଦକ୍ଷେପ କ'ଣ ନିଆଯାଉଛି, ତାହା ମଧ୍ୟ ସମସ୍ତଙ୍କୁ ଅଜଣା ପାଲଟିଛି। ଆଲୋଚନା ହେଉଛି କି ଚଢ଼ାଉ ହୋଇଥିବା ବ୍ୟବସାୟିକ ପ୍ରତିଷ୍ଠାନ ସହ ଝାଡ଼ଖଣ୍ଡର କଂଗ୍ରେସ ରାଜ୍ୟ ସଭା ସଦସ୍ୟ ଧୀରଜ ସାହୁଙ୍କ ଲିଙ୍କ୍ ଥିବା କୁହାଯାଇଥିଲା। ସେଥିରୁ ବୁଝିବା କଥା ଯେ, ଭାଜପା ଶାସିତ କେନ୍ଦ୍ର ସରକାରଙ୍କ ଅଧୀନ ଆୟକର ବିଭାଗ ଉପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବଞ୍ଚାଇବା ପାଇଁ କେହି ଚାପ ପକାଇ ପାରିବେ ନାହିଁ। ତଥାପି ଜବତ ଏବଂ ଜମା ଅର୍ଥର ତାଳମେଳ ନ ରହିବା ପଛରେ କେଉଁ କାରଣ ରହିଛି।

ପ୍ରକାଶ ଯେ, ଆୟକର ବିଭାଗ ପକ୍ଷରୁ ଚଢ଼ାଉରେ ଓଡ଼ିଶାରୁ ଏତେ ଟଙ୍କା ଜବତ କରାଯିବା ପ୍ରଥମ ଘଟଣା। ଏହାକୁ ନେଇ ସମଗ୍ର ଦେଶରେ ହଇଚଇ ସୃଷ୍ଟି ହୋଇଥିଲା। ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାମାଜିକ ଗଣମାଧ୍ୟମରେ ମଦଭାଟିରୁ କୋଟି କୋଟି ଟଙ୍କା ଜବତ ସମ୍ପର୍କରେ ଉଲ୍ଲେଖ କରିବା ପରେ ମଧ୍ୟ ସରକାରୀ ସ୍ତରରେ କେବେ ସ୍ପଷ୍ଟ ତଥ୍ୟ ଦିଆ ନ ଯିବା ହେତୁ ସନ୍ଦେହ ସୃଷ୍ଟି ହେଉଛି। ଏହା ବ୍ୟତୀତ ଏତେ ଟଙ୍କା ଜବତ ହେବା ପରେ ଏହାକୁ ନେଇ ବ୍ୟାଙ୍କରେ ୬ଦିନ କାଳ ଗଣା ହୋଇଥିଲା। ଗଣତିରେ ବ୍ୟାଙ୍କର ବହୁ କର୍ମଚାରୀ ସାମିଲ ହୋଇଥିଲେ। ହେଲେ ଉକ୍ତ ଗଣତି ବେଳର ଭିଡିଓଗ୍ରାଫି କରାଗଲା ନାହିଁ। ଫଳରେ ବାସ୍ତବରେ କେତେ ଟଙ୍କା ଜବତ ହେଲା ସେ ସମ୍ପର୍କରେ କୌଣସି ବିଧିବଦ୍ଧ ତଥ୍ୟ ରଖାଗଲା ନାହିଁ। ବଡ଼ ବଡ଼ ଚଢ଼ାଉ ସମୟରେ ଭିଡିଓଗ୍ରାଫି କରାଗଲେ, ଚଢ଼ାଉ ଏବଂ ଜବତ ପରିମାଣର ସ୍ୱଚ୍ଛତା ରହିଥାଏ। କିନ୍ତୁ ଏଠାରେ ଏହାକୁ ଅନୁପାଳନ କରାଯାଇ ନାହିଁ। ଆଜିର ଭାରତ ବର୍ଷରେ ବିରାଟକାୟ ଅର୍ଥନୈତିକ, ସାମରିକ କିମ୍ବା ସାମାଜିକ କାର୍ଯ୍ୟରୁ ଦୃଷ୍ଟି ହଟାଇବା ପାଇଁ ସରକାର ବିଧିବଦ୍ଧ ବିଭିନ୍ନ ପ୍ରକାର ବିସ୍ଫୋରଣ ଘଟାଉଛନ୍ତି। ଏହା ଫଳରେ ଜନସାଧାରଣ ଗୋଟିଏ ବୋମାର ବିସ୍ଫୋରଣ ଶୁଣି ତାବ୍‌ଦା ହୋଇଥିବା ସମୟରେ ଅନ୍ୟ ଏକ ବିସ୍ଫୋରଣରେ ବନ୍ଦୋବସ୍ତ କରି ଦିଆଯାଉଛି। ତେଣୁ ଜନସାଧାରଣ ଏହି ମୁହୂର୍ତ୍ତର ବିସ୍ଫୋରଣ ଶୁଣିବା ବେଳକୁ ପୂର୍ବ ବିସ୍ଫୋରଣକୁ ପାସୋରି ଯାଉଛନ୍ତି। ଶାସକମାନେ ଏହାକୁ ଭଲ ଭାବରେ ବୁଝି ସାରିଥିବା ହେତୁ ଏବେ ଆୟକର ବିଭାଗର ଦେଶୀ ମଦ ସାମ୍ରାଜ୍ୟ ଉପରେ ଚଢ଼ାଉକୁ ଜନସାଧାରଣ ବାସ୍ତବରେ ଭୁଲିଗଲେଣି।

DSPL-495
ଓଡ଼ିଶା ସରକାର
ଆମ ଓଡ଼ିଶା ନବୀନ ଓଡ଼ିଶା
ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
କରକମଳରେ
ନବରଙ୍ଗପୁର ଜିଲ୍ଲାରେ
୧୨୭୭ କୋଟି ଟଙ୍କା ବ୍ୟୟରେ
୧୧ଟି ପାର୍ବତୀ ଗିରି
ବୃହତ୍ ଉଠା ଜଳସେଚନ ପ୍ରକଳ୍ପ
ଏବଂ
୫୭୭ କୋଟି ଟଙ୍କା ବ୍ୟୟରେ
ତୁରୀ-ଗୁଣ୍ଡାତ୍ ଜଳସେଚନ ପ୍ରକଳ୍ପର
ଭିତ୍ତିପ୍ରସ୍ତର ସ୍ଥାପନ
୩୦ ଡିସେମ୍ବର ୨୦୨୩
ଅପରାହ୍ନ ୪ଟା ୩୦ ମିନିଟ୍
ଜଳସମ୍ପଦ ବିଭାଗ
OIPR-32504/13/0040/2324



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଥାଳ ପାତିବାର, କ୍ଷୀର ମାଗିବାର**
**ମନୁ କି ପାସୋରି ଦେଲୁରେ ?**
**ଅଢ଼ାଇ ଦିନକୁ, ବଢ଼ାଇ ପୀରତି**
**ଭାଙ୍ଗି ହଟହଟା କଲୁରେ।**

କେତେଜଣ ବ୍ୟକ୍ତି ପୂର୍ବ ଦାରିଦ୍ର୍ୟ ଅବସ୍ଥାକୁ ଭୁଲି ଯାଇ ବର୍ତ୍ତମାନ ଧନ ଗର୍ବରେ ଆତ୍ମବଡ଼ିମା ଦେଖାଇ ହେଉଥିବାର ଲକ୍ଷ୍ୟ କରାଯାଇଥାଏ। ଏପରିସ୍ଥଳେ ଉକ୍ତ ବ୍ୟକ୍ତି ନିଜ ଅତୀତର ପ୍ରେମପୂର୍ଣ୍ଣ ସମ୍ପର୍କକୁ ଅସ୍ୱୀକାର କରିବସିଲେ ପ୍ରେମିକା ହତୋତ୍ସାହିତ ହୋଇପଡ଼ିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।


**ଥାଳି ଉପରେ ଥାଳିଆ।**
**ବଇଁଶୀ ବଜାଇ ଉଠାଇ ଆଣିଲା**
**ଶେଯରୁ କାଇଁଚ ମାଳିଆ।।**

ପ୍ରେମରେ ପଡିଥିବା ବ୍ୟକ୍ତି ପରସ୍ପରର ସାନ୍ନିଧ ଲାଭ କରିବାକୁ ଇଚ୍ଛାପୋଷଣ କରିଥାନ୍ତି। ଏପରିସ୍ଥଳେ ପ୍ରେମରେ ବଶୀଭୂତ କରାଇ ପ୍ରେମିକାକୁ ନିଜ ଆଡକୁ ଆକର୍ଷିତ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।




# ପରିବର୍ଦ୍ଧିତ ହେଲା କାଳିଆ ଛାତ୍ରବୃତ୍ତି

## ସଂଶୋଧିତ କାଳିଆ ଛାତ୍ରବୃତ୍ତି ମାର୍ଗଦର୍ଶିକା ଜାରିକଲା କୃଷି ବିଭାଗ

ଭୁବନେଶ୍ୱର, ୨୯।୧୨(ସୁନିତ୍ ମିଶ୍ର)

ଉଚ୍ଚଶିକ୍ଷା ଲାଭ ନିମନ୍ତେ କାଳିଆ ଯୋଜନା ହିତାଧିକାରୀଙ୍କ ପିଲାଙ୍କୁ ଦିଆଯାଉଥିବା କାଳିଆ ଛାତ୍ରବୃତ୍ତି ପରିବର୍ଦ୍ଧିତ କରାଯାଇଛି। ବର୍ତ୍ତମାନ ଏହି ମର୍ମରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଏକ ସଂଶୋଧିତ କାଳିଆ ଛାତ୍ରବୃତ୍ତି ମାର୍ଗଦର୍ଶିକା ଜାରି ହୋଇଛି । ଏଥିରେ ବୃତ୍ତିଗତ କିମ୍ବା ବୈଷୟିକ ପାଠ୍ୟକ୍ରମରେ ଉଚ୍ଚଶିକ୍ଷା ନିମନ୍ତେ ରାଜ୍ୟ ଭିତରେ ଓ ବାହାରର ଅଗ୍ରଣୀ ସରକାରୀ ଶିକ୍ଷାନୁଷ୍ଠାନ ସମେତ ରାଜ୍ୟର ଅଲ୍‌ଇଣ୍ଡିଆ ସର୍ଭେ ଅନ୍ ହାୟାର ଏଜୁକେଶନ୍ କୋଡ୍ ପ୍ରାପ୍ତ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକୁ ମଧ୍ୟ ସାମିଲ କରାଯାଇଛି। ପୂର୍ବରୁ ସରକାରୀ ଶିକ୍ଷାନୁଷ୍ଠାନର ବୃତ୍ତିଗତ କିମ୍ବା ବୈଷୟିକ ଶିକ୍ଷାରେ ଯାହା ସବୁ ସାମିଲ ଥିଲା ସେଥିରେ ପରିବର୍ଦ୍ଧିତ କରାଯାଇ ବିବିଏ ଓ ବିସିଏ ପାଠ୍ୟକ୍ରମ ସାମିଲ କରାଯିବା ସହିତ ରାଜ୍ୟର ଘରୋଇ ଶିକ୍ଷାନୁଷ୍ଠାନରେ ତତ୍ତୁଲ୍ୟ ପାଠ୍ୟକ୍ରମ କାଳିଆ ଛାତ୍ରବୃତ୍ତିରେ ସାମିଲ କରାଯାଇଛି ।

ସେହିପରି ବୃତ୍ତିଗତ କିମ୍ବା ବୈଷୟିକ ପାଠ୍ୟକ୍ରମ ଯେପରି ଏମ୍.ଟେକ୍, ଏମ୍‌ଏସ୍ (ଏଗ୍ରି), ଏମ୍‌ଏସ୍‌ସି (ଫରେଷ୍ଟ୍ରି), ମେଡିକାଲ ସାଇନ୍ସରେ ପିଜି ପାଠ୍ୟକ୍ରମ, ଏମ୍‌ବିଏ, ଏମ୍‌ସିଏ, ଏମ୍.ଫାର୍ମ ଏବଂ ତତ୍ତୁଲ୍ୟ ମାଷ୍ଟର ପ୍ରୋଗ୍ରାମ ପାଠ୍ୟକ୍ରମକୁ ଛାତ୍ରବୃତ୍ତିରେ ଅନ୍ତର୍ଭୁକ୍ତ କରାଯାଇଛି । ପୋଷ୍ଟ ଗ୍ରାଜୁଏଟ୍ ପାଠ୍ୟକ୍ରମ ପାଇଁ ସର୍ବାଧିକ ୨ ବର୍ଷ ଏବଂ ପିଏଚ୍.ଡି. ପାଠ୍ୟକ୍ରମ ପାଇଁ ୪ ବର୍ଷ ପାଇଁ ବୃତ୍ତି ଦିଆଯିବ। ପିଏଚ୍.ଡି. ପାଠ୍ୟକ୍ରମଟି ତାଲିକାଭୁକ୍ତ ପିଜି ପାଠ୍ୟକ୍ରମ ସମ୍ପୃକ୍ତ ହୋଇଥିବା ଆବଶ୍ୟକ ଏବଂ ଏହା କେବଳ ରାଜ୍ୟ ଭିତରର ସରକାରୀ ଶିକ୍ଷାନୁଷ୍ଠାନ କ୍ଷେତ୍ର ପାଇଁ ଲାଗୁ ହେବ। ସେହିପରି ଡିପ୍ଲୋମା ପାଠ୍ୟକ୍ରମ ଡି. ଫାର୍ମ, ଡିଏମ୍‌ଏଲ୍‌ଟି, ଡିଏମ୍‌ଆର୍‌ଟି, ଅପଥାଲ୍‌ମିକ୍ ଆସିଷ୍ଟାଣ୍ଟ/ସର୍ଜିକାଲ ଅପଥାଲିମିକ୍

ଆସିଷ୍ଟାଣ୍ଟ, ଜିଏନ୍‌ଏମ୍, ଏଏନ୍‌ଏମ୍, ସାଇକ୍ରିୟାଟ୍ରିକ୍ ନର୍ସିଂ, ପଲିଟେକ୍‌ନିକ୍ ଆଣ୍ଡ ଏଗ୍ରି ପଲିଟେକ୍‌ନିକ୍ ଏବଂ ରାଜ୍ୟର ଆଇଟିଆଇର ବିଭିନ୍ନ ଟ୍ରେଡ୍‌ର ବିଦ୍ୟାର୍ଥୀମାନେ ମଧ୍ୟ କାଳିଆ ଛାତ୍ରବୃତ୍ତି ପାଇବେ। ଏହାସହ ରାଜ୍ୟ ତଥା ରାଜ୍ୟ ବାହାରର ପ୍ରିମିୟର ସରକାରୀ ଶିକ୍ଷାନୁଷ୍ଠାନ ଯଥା ଏନ୍‌ଆଇଟି, ଆଇଆଇଟି, ଆଇଆଇଏମ୍, ଏମସ୍, ଆଇସିଏଆର୍, ଆଇଏଆର୍‌ଆର୍, ଆଇଭିଆର୍‌ଆଇ, ସିଆଇଏଫ୍‌ଇ, ଏନ୍‌ଡିଆର୍‌ଆଇ, ଆଇଜର, ନାଇଜର ଆଦି ଶିକ୍ଷାନୁଷ୍ଠାନରେ ବୈଷୟିକ କିମ୍ବା ବୃତ୍ତିଗତ ପାଠ୍ୟକ୍ରମକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି । ଆବଶ୍ୟକ ହେଲେ ଭବିଷ୍ୟତରେ ପାଠ୍ୟକ୍ରମ ତାଲିକାକୁ ରାଜ୍ୟ ସରକାରଙ୍କ ଅନୁମୋଦନକ୍ରମେ ସଂଶୋଧିତ କରାଯିବ। ସେଲ୍‌ଫ ଫାଇନାନ୍‌ସିଂ ପାଠ୍ୟକ୍ରମ ପାଇଁ ବୃତ୍ତି ଦିଆଯିବ ନାହିଁ । କେବଳ ଗୋଟିଏ ବୃତ୍ତିଗତ ପାଠ୍ୟକ୍ରମ ପାଇଁ ବୃତ୍ତି ଦିଆଯିବ। ସରକାରୀ ଶିକ୍ଷାନୁଷ୍ଠାନରେ ବିଦ୍ୟାର୍ଥୀମାନେ ଦାଖଲ କରିଥିବା କସନ୍ ମନି ବ୍ୟତୀତ ଟ୍ୟୁଶନ୍ ଫିସ୍, ବାର୍ଷିକ ଫିସ୍, ଏକକାଳୀନ ଫିସ୍, ହଷ୍ଟେଲ ଖର୍ଚ୍ଚ ଏବଂ ଅନ୍ୟ ଖର୍ଚ୍ଚ ଆଦି ସଂପୃକ୍ତ ବିଦ୍ୟାର୍ଥୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଡିବିଟି ଜରିଆରେ ସିଧାସଳଖ ପ୍ରେରଣ କରାଯିବ । ଘରୋଇ ଶିକ୍ଷାନୁଷ୍ଠାନରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ କୋର୍ସ ଫିସ୍ ହାରରେ ଛାତ୍ରବୃତ୍ତି ପ୍ରଦାନ କରାଯିବ। ବିଦ୍ୟାର୍ଥୀମାନେ ଯଦି ଅନ୍ୟ କୌଣସି ବୃତ୍ତି ପାଉଥାଆନ୍ତି ଏବଂ କାଳିଆ ଛାତ୍ରବୃତ୍ତିକୁ ପରିବର୍ତ୍ତନ କରିବାକୁ ଚାହାନ୍ତି, ତେବେ ସେ କ୍ଷେତ୍ରରେ ସେମାନେ ଆବେଦନ ସମୟରେ ଉଲ୍ଲେଖ କରିବେ। ଛାତ୍ରୀଛାତ୍ରମାନେ //scholarship.odisha.gov.in କମନ୍ ସ୍କଲାରଶିପ୍ ପୋର୍ଟାଲରେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ଅନ୍‌ଲାଇନ୍‌ରେ କାଳିଆ ଛାତ୍ରବୃତ୍ତି ପାଇଁ ଆବେଦନ ଓ ନବୀକରଣ ନିମନ୍ତେ ବର୍ଷକୁ ୨ଥର ପୋର୍ଟାଲ ଖୋଲାରହିବ । ପ୍ରଥମ ଥର ଜୁଲାଇ/ଅଗଷ୍ଟ ମାସରେ ଏବଂ ୨ୟ ଥର ନଭେମ୍ବର/ଡିସେମ୍ବର ମାସରେ ବିଦ୍ୟାର୍ଥୀମାନେ ସ୍କଲାରଶିପ୍ ପାଇଁ ଆବେଦନ କରିପାରିବେ ।

# କ୍ୟାବ୍ ବ୍ୟବସାୟୀଙ୍କୁ ଅପହରଣ, ୧୦ଲକ୍ଷର ମୁଣ୍ଡଜାମିନ

- **ଯାଜପୁରରୁ ଉଦ୍ଧାର କଲା ସ୍ପେଶାଲ ସ୍କ୍ୱାଡ୍**
- **୩ ଅପହରଣକାରୀ ଗିରଫ**

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ ଯାଜପୁର,୨୯।୧୨ (ହର୍ଷବର୍ଦ୍ଧନ ବେହେରା)

ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳରୁ ଅପହରଣ, ଯାଜପୁରରେ ମୁଣ୍ଡଜାମିନ ରଖି ୧୦ଲକ୍ଷ ଟଙ୍କା ଦାବି କରୁଥିଲେ ଦୁର୍ବୃତ୍ତ। ନାନା ନିର୍ଯାତନା ଦେବା ସହ ଲାଇଭ୍ ଭିଡିଓରେ ପରିବାରକୁ ଦେଉଥିଲେ ଧମକ। ଘଟଣାର ୨୪ ଘଣ୍ଟା ଭିତରେ କମିଶନରେଟ ପୋଲିସ୍‌ର ସ୍ପେଶାଲ ସ୍କ୍ୱାଡ୍ ଅପହୃତ କ୍ୟାବ୍ ଡ୍ରାଇଭର ତଥା ବ୍ୟବସାୟୀ ପିଣ୍ଟୁ ସାହୁଙ୍କୁ ଯାଜପୁର ଜିଲା ଧର୍ମଶାଳା ଆରୁହା ଜଙ୍ଗଲସ୍ଥିତ ଏକ ପରିତ୍ୟକ୍ତ ଘରୁ ଉଦ୍ଧାର କରିବା ସହ ସମ୍ପୃକ୍ତ ୩ ଅପହର୍ତ୍ତାଙ୍କୁ ଗିରଫ କରିଛି। ତେବେ ଚଢ଼ାଉ ସମୟରେ ଅନ୍ୟ ୩ଜଣ ଅପହର୍ତ୍ତା ଖସି ଯାଇଛନ୍ତି। ପୋଲିସ ସେମାନଙ୍କୁ ଧରିବାକୁ ତନାଘନା ଚଳାଇବା ସହ ଅପହରଣ ପଛର କାରଣ ଓ ଅପହର୍ତ୍ତାଙ୍କ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରୁଛି। ଟଙ୍କା କାରବାରକୁ ନେଇ ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ ତଦନ୍ତ ସରିବା ପରେ ପୂରା ସୂଚନା ଦିଆଯିବ ବୋଲି ପୋଲିସ କହିଛି।

ସୂଚନା ଅନୁସାରେ, ଖଣ୍ଡଗିରି ଥାନା ଅନ୍ତର୍ଗତ ପାତ୍ରପଡା କୁଞ୍ଜଲ ଗାର୍ଡେନ ଆପାର୍ଟମେଣ୍ଟରେ ରୁହନ୍ତି ପିଣ୍ଟୁ। ସେ ନିଜ କାର୍‌ଗୁଡିକୁ କ୍ୟାବ୍‌ରେ ଭଡ଼ାରେ ଲଗାଇଥିଲେ। ନିଜେ ଗାଡି ଚଳାଇବା ସହ ଡ୍ରାଇଭର ବି ରଖିଥିଲେ। ଗୁରୁବାର ରାତିରେ ସେ ତାଙ୍କ ଡ୍ରାଇଭରଙ୍କ ସହ ଆପାର୍ଟମେଣ୍ଟ ତଳକୁ ଆସିଥିଲେ। ଏହି ସମୟରେ ଆପାର୍ଟମେଣ୍ଟ ନିକଟରେ ପୂର୍ବରୁ ଏକ କାର୍‌ରେ ଲୁଚି ରହିଥିବା ଅଭିଯୁକ୍ତମାନେ ପିଣ୍ଟୁଙ୍କୁ ଜୋର୍ ଜବରଦସ୍ତ କାର ଭିତରକୁ ଟାଣି ନେଇଥିଲେ। ତାଙ୍କ ଡ୍ରାଇଭର ବିରୋଧ କରିବାରୁ ସେମାନେ ତାଙ୍କୁ ନିସ୍ତୁକ ମାଡ଼ ମାରି ପିଣ୍ଟୁଙ୍କୁ ଅପହରଣ କରିନେଇଥିଲେ। ଏନେଇ ଡ୍ରାଇଭର ଜଣକ ପିଣ୍ଟୁଙ୍କ ଘରେ ପହଞ୍ଚି ଘଟଣା ସମ୍ପର୍କରେ ଜଣାଇଥିଲେ। ପରେ ପିଣ୍ଟୁଙ୍କ ସ୍ତ୍ରୀ ଖଣ୍ଡଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିବା ସହ ପରିବାର ଓ ସମ୍ପର୍କୀୟଙ୍କ ଦ୍ୱାରା ଚାରିଆଡ଼େ ଖୋଜାଖୋଜି କରିଥିଲେ। କିଛି ସମୟ ପରେ



ପିଣ୍ଟୁ ସାହୁ

ପିଣ୍ଟୁଙ୍କ ସ୍ତ୍ରୀଙ୍କ ମୋବାଇଲକୁ ଏକ ଫୋନ୍ କଲ୍ ଆସିଥିଲା। ସେମାନେ ୧୦ ଲକ୍ଷ ଟଙ୍କା ଦାବି କରିବା ସହ ନ ମିଳିଲେ ପିଣ୍ଟୁଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏପରିକି ଅଭିଯୁକ୍ତମାନେ ପିଣ୍ଟୁଙ୍କୁ କାରରେ ବସାଇ ଭିଡିଓ କଲିଂ କରିବା ସହ ମାଡ ମାରୁଥିବା ଦୃଶ୍ୟ ମଧ୍ୟ ତାଙ୍କ ସ୍ତ୍ରୀକୁ ଦେଖାଇଥିଲେ। ଫଳରେ ତାଙ୍କ ସ୍ତ୍ରୀ ଭୟରେ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ୨ ଲକ୍ଷ ଟ୍ରାନ୍ସଫର କରିଦେଇଥିଲେ। ତେବେ ଅଭିଯୁକ୍ତମାନେ ବାକି ଟଙ୍କା ମାଗିବାରୁ ପିଣ୍ଟୁଙ୍କ ସ୍ତ୍ରୀ ଖଣ୍ଡଗିରି ଥାନାରେ ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇଥିଲା। କମିଶନରେଟ ପୋଲିସ୍‌ର ସ୍ପେଶାଲ ସ୍କ୍ୱାଡ୍ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତୁରନ୍ତ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ଘଟଣା ପରଠାରୁ ଅପହରଣକାରୀଙ୍କ ସମସ୍ତ ଫୋନ୍ କଲ୍‌କୁ ଟ୍ରାକିଂ କରାଯାଇ ସୁରକ୍ଷିତ ଭାବେ ଉଦ୍ଧାର ପାଇଁ ପୋଲିସ ପୂରା ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିଥିଲା। ଯାଜପୁର ଜିଲା ଧର୍ମଶାଳା ଅଞ୍ଚଳରେ ସେମାନେ ଥିବା ଜଣାପଡିବା ପରେ ସ୍ଥାନୀୟ ପୋଲିସ ସହ ଯୋଗାଯୋଗ କରାଯାଇଥିଲା। ଶୁକ୍ରବାର ରାତିରେ ସ୍ପେଶାଲ ସ୍କ୍ୱାଡ୍ ଓ ସ୍ଥାନୀୟ ପୋଲିସ ଆରୁହା ଜଙ୍ଗଲରେ ଚଢ଼ାଉ କରି ଅପହରଣକାରୀଙ୍କୁ କାବୁ କରିବା ସହ ସେମାନଙ୍କ କବଳରୁ ଅପହୃତ ପିଣ୍ଟୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ରାତିରେ ସମସ୍ତଙ୍କୁ ଭୁବନେଶ୍ୱର ଅଣାଯାଇ ଅଧିକ ତଦନ୍ତ ଚାଲିଥିବା ସୂଚନା ମିଳିଛି।

# ପଦ୍ମପୁର ପାଇଁ ସୃଷ୍ଟି ହେଲା ନୂଆ ଏଡିଏମ୍ ପଦବୀ

ଭୁବନେଶ୍ୱର,୨୯।୧୨ (ଅନିଲ ଦାସ)

ବରଗଡ଼ ଜିଲାର ପଦ୍ମପୁର ପାଇଁ ରାଜ୍ୟ ସରକାର ନୂତନ ଆଡିଶ୍ନାଲ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ (ଏଡିଏମ୍) ପଦବୀ ସୃଷ୍ଟି କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଏହାକୁ ଅନୁମୋଦନ କରିଛନ୍ତି। ପଦ୍ମପୁର କାର୍ଯ୍ୟାଳୟ ପାଇଁ ସୃଷ୍ଟି ହୋଇଥିବା ଏହି ପଦବୀ ଦ୍ୱାରା ସେହି ଅଞ୍ଚଳର ପ୍ରଶାସନିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ସ୍ଥାନୀୟ ଅଞ୍ଚଳ ଲୋକଙ୍କର ଆପତ୍ତି ଅଭିଯୋଗର ତୁରନ୍ତ ଶୁଣାଣି ହେବ ଓ ବିକାଶ କାର୍ଯ୍ୟ ଦ୍ରୁତ ଗତିରେ ଚାଲିବ। ୨୦୨୦ ବ୍ୟାଚ୍ ଆଇଏଏସ୍ ଅଫିସର ଚଭନ କୁନାଲ ମୋତିରାମଙ୍କୁ ପଦ୍ମପୁର ଏଡିଏମ୍ ଭାବେ ନିଯୁକ୍ତି ଦିଆଯାଇଛି। ଏବେ ସେ ବାଲେଶ୍ୱର ଉପଜିଲାପାଳ ଭାବେ କାର୍ଯ୍ୟରତ ଅଛନ୍ତି।

# ନୀତୀଶ କୁମାର ଜେଡିୟୁ ଅଧ୍ୟକ୍ଷ

ନୂଆଦିଲ୍ଲୀ,୨୯।୧୨

ସଂଯୁକ୍ତ ଜନତା ଦଳ (ଜେଡିୟୁ) ନେତୃତ୍ୱରେ ଶୁକ୍ରବାର ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ଦିଲ୍ଲୀରେ ଅନୁଷ୍ଠିତ ଜେଡିୟୁ କାର୍ଯ୍ୟକାରିଣୀରେ ଦଳର ଅଧ୍ୟକ୍ଷ ପଦରୁ ରାଜୀବ ରଞ୍ଜନ ଓରଫ ଲଲନ ସିଂ ଇସ୍ତଫା ଦେବା ପରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ନୂଆ ଅଧ୍ୟକ୍ଷ କରାଯାଇଛି। ଜେଡିୟୁର ନେତୃତ୍ୱ ପରିବର୍ତ୍ତନ ନେଇ ସପ୍ତାହେ ହେଲା କଳ୍ପନାଜଳ୍ପନା ପ୍ରକାଶ ପାଉଥିଲେ ମଧ୍ୟ ଦଳୀୟ ନେତାମାନେ ତାହାକୁ ଖଣ୍ଡନ କରିଆସୁଥିଲେ।

ଆଗାମୀ ନିର୍ବାଚନ ଉପରେ ଗୁରୁତ୍ୱ ଦେବା ସହ ଅଧିକ ସକ୍ରିୟ ଅଂଶଗ୍ରହଣ କରିବା ଲାଗି ଲଲନ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଉଥିବା ବୈଠକରେ ଉଦ୍‌ବୋଧନ ଦେଇ କହିଥିଲେ। ପରେ ସେ ତାଙ୍କର ଉତ୍ତରାଧିକାରୀ ଭାବେ ଦଳର ଶୀର୍ଷ ପଦବୀ ଲାଗି ନୀତୀଶଙ୍କ ନାଁ ପ୍ରସ୍ତାବ ରଖିଥିଲେ। ସଙ୍ଗେ ସଙ୍ଗେ ଦଳ ନୀତୀଶଙ୍କୁ ଅଧ୍ୟକ୍ଷ ନିର୍ବାଚିତ କରିଥିଲା ବୋଲି ଜେଡିୟୁ ସାଧାରଣ ସମ୍ପାଦକ ରାମକୁମାର ଶର୍ମା କହିଛନ୍ତି। ରାଜନୈତିକ କ୍ଷେତ୍ରରେ ଅଧିକାଂଶ ଏହା ଆଶା କରୁଥିଲେ, କାରଣ ଜେଡିୟୁ ନେତୃତ୍ୱରେ ପରିବର୍ତ୍ତନ ନେଇ କିଛିଦିନ ହେଲା କଳ୍ପନାଜଳ୍ପନା ଲାଗିରହିଥିଲା। ତେବେ ଦଳୀୟ ନେତାମାନେ ଏହା ଉପରେ ମୁହଁ ଖୋଲୁ ନ ଥିବାବେଳେ କେତେକ ଉକ୍ତ ଖବରକୁ ଅମୂଳକ କହି ଖଣ୍ଡନ କରୁଥିଲେ। ଏପରିକି ଲଲନଙ୍କ ଇସ୍ତଫା ଖବରକୁ ଗୁଜବ କହି ଉପମୁଖ୍ୟମନ୍ତ୍ରୀ ତଥା ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ଏହାକୁ ଖଣ୍ଡନ କରିଥିଲେ।

# ଜନ୍ମଦିନରେ ଜଳପରୀ ସାଜିଲେ ଟ୍ୱିଙ୍କଲ୍



ମୁମ୍ବାଇ: ଡିସେମ୍ବର ୨୯ ହେଉଛି ବଲିଉଡ୍ ଅଭିନେତ୍ରୀ ଟ୍ୱିଙ୍କଲ୍ ଖାନ୍ନାଙ୍କ ଜନ୍ମଦିନ। ଶୁକ୍ରବାର ଏହି ଅଭିନେତ୍ରୀ ୫୦ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ବିଶେଷ ଦିନ ପାଳନ କରିବା ପାଇଁ ଏକ ବିଶେଷ ଉପାୟ ବାଛିଛନ୍ତି। ସେ ତାଙ୍କ ସୋସିଆଲ ମିଡିଆରେ ଏକ ଭିଡିଓ ଶେୟାର କରିଛନ୍ତି। ସେଥିରେ ସେ ତାଙ୍କ ସ୍ୱାମୀ ତଥା ଅଭିନେତା ଅକ୍ଷୟ କୁମାର, ପୁଅ ଅରବ ଏବଂ ଝିଅ ନିତାରାଙ୍କ ସହ ଜଳପରୀ ଭଳି ଅନୁଭବ କରୁଥିବା ନଜର ଆସିଛନ୍ତି। ଏହି ସମୟରେ ସେ ଅକ୍ଷୟଙ୍କୁ ଚୁମ୍ବନ ଦେବା ସହ ଏକ ନୋଟ୍ ମଧ୍ୟ ଲେଖିଛନ୍ତି। ସେ କହିଛନ୍ତି, ମୋର ୫୦ତମ ଜନ୍ମଦିନରେ ମୁଁ ମୋ ପରିବାରକୁ ଦେଖିଲେ ହୃଦୟ ବିସ୍ମୟରେ ପରିପୂର୍ଣ୍ଣ ହୋଇଯାଏ।

**ପ୍ରଥମ ପୃଷ୍ଠାରୁ...**

## ୯୦ ପ୍ରତିଶତଙ୍କୁ ...

୯୦ ପ୍ରତିଶତଙ୍କୁ ସ୍ୱାସ୍ଥ୍ୟବୀମା ସବୁ ସରକାରୀ ଚିକିତ୍ସାଳୟରେ ସମସ୍ତ ଉପଲବ୍ଧ ଚିକିତ୍ସା ସୁବିଧା ସମ୍ପୂର୍ଣ୍ଣ ମାଗଣାରେ ମିଳୁଛି। ଦ୍ୱିତୀୟ ପର୍ଯ୍ୟାୟରେ, ସବୁ ଖାଦ୍ୟ ସୁରକ୍ଷା ହିତାଧିକାରୀମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଘରୋଇ ଚିକିତ୍ସାଳୟଗୁଡ଼ିକରେ ମାଗଣାରେ ଚିକିତ୍ସା ସୁବିଧା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ବିଏସ୍‌କେୱାଇ ଯୋଜନାରେ ପ୍ରତି ମାସରେ ୪୫ ଲକ୍ଷରୁ ଅଧିକ ଲୋକ ବିଭିନ୍ନ ସରକାରୀ ହସ୍ପିଟାଲଗୁଡ଼ିକରେ ମାଗଣାରେ ଚିକିତ୍ସା ସୁବିଧା ପାଉଛନ୍ତି । ଏଥିସହିତ ୧ ଲକ୍ଷ ୩୦ ହଜାର ଲୋକ ଘରୋଇ ହସ୍ପିଟାଲଗୁଡ଼ିକରେ କ୍ୟାଶ୍‌ଲେସ୍ ଚିକିତ୍ସା ସୁବିଧା ମଧ୍ୟ ପାଉଛନ୍ତି । ଏଥିପାଇଁ ପଞ୍ଜୀକୃତ ହୋଇଥିବା ଘରୋଇ ହସ୍ପିଟାଲଗୁଡ଼ିକରେ ରାଜ୍ୟ ସରକାର ମାସକୁ ୨୬୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଗତ ୫ ବର୍ଷରେ ବିଏସ୍‌କେୱାଇ ଯୋଜନାରେ ରାଜ୍ୟ ସରକାର ୪୫୦୦ କୋଟି ଟଙ୍କା ଖର୍ଚ୍ଚ କରି ୨୧ ଲକ୍ଷ ରୋଗୀଙ୍କୁ ବିଭିନ୍ନ ଘରୋଇ ହସ୍ପିଟାଲରେ କ୍ୟାଶ୍‌ଲେସ ଚିକିତ୍ସା ସୁବିଧା ଯୋଗାଇ ଦେଇଛନ୍ତି । ସାର୍ବଜନୀନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସାରା ଦେଶରେ ଏହା ଏକ ଅନନ୍ୟ ଉଦାହରଣ। ଏକ ଉତ୍ତମ ମଡେଲ। ଓଡ଼ିଶାର ଲୋକଙ୍କ ପାଇଁ ଏହା ଏକ ସୁନିଶ୍ଚିତ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା, ଯେଉଁଥିରେ ସରକାରୀ ଓ ଘରୋଇ ଉଭୟ କ୍ଷେତ୍ରର ଉତ୍ତମ ସୁବିଧା ପ୍ରଦାନ କରାଯାଉଛି। ଏବେ ବିଏସ୍‌କେୱାଇ ଯୋଜନାର ତୃତୀୟ ପର୍ଯ୍ୟାୟରେ ବଳକା ଲୋକଙ୍କୁ ସାମିଲ କରାଯାଇଛି।

## କରୋନା ଆକ୍ରାନ୍ତ ୧୩...

କଡ଼ା ଚେତାବନୀ ଦେଇଛି। ଆବଶ୍ୟକ ଟେଷ୍ଟିଂ କିଟ୍ ଏବଂ ଔଷଧ ମହଜୁଦ ରଖିବା ସହ ଠିକ୍ ସମୟରେ ଡାଟା ଏଣ୍ଟ୍ରି କରିବା ପାଇଁ କୁହାଯାଇଛି। ଯେକୌଣସି ପରିସ୍ଥିତିକୁ ସାମ୍ନା କରିବା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରିବାକୁ କୁହାଯାଇଛି। ଅପରପକ୍ଷେ ଲକ୍ଷଣ ଥିବା ଲୋକେ ଘରେ ରହିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ବିଶେଷକରି ନୂଆବର୍ଷ ଭିଡ଼ ପାଇଁ ସତର୍କ ରହିବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ପରାମର୍ଶ ଦେଇଛନ୍ତି। ଥଣ୍ଡା, କାଶ ଓ ଲକ୍ଷଣ ଥିବା ବ୍ୟକ୍ତି ଏବଂ ବୟସ୍କ ବ୍ୟକ୍ତି ଭିଡ଼ରୁ ଦୂରେଇ ରହିବା ପାଇଁ ସେ ଅପିଲ କରିଛନ୍ତି। ଘରେ ରହିବା ସହ ନିହାତି ଆବଶ୍ୟକ ସ୍ଥଳେ ବାହାରକୁ ବାହାରୁ ଥିଲେ ମାସ୍କ ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଛନ୍ତି।

## ୬ ମାସ ବଢ଼ିଲା ମୁଖ୍ୟ ...

ଏହା ପରେ ସେ କଳାହାଣ୍ଡିର ଜିଲାପାଳ ହୋଇଥିଲେ। ସେ ଶ୍ରୀଜଗନ୍ନାଥ ମନ୍ଦିର ମୁଖ୍ୟ ପ୍ରଶାସକ, ସ୍ୱତନ୍ତ୍ର ରିଲିଫ କମିଶନର, ଜଳସମ୍ପଦ ଓ ଗ୍ରାମ୍ୟ ଉନ୍ନୟନ, ଶକ୍ତି ଏବଂ ଆଇଟି ବିଭାଗ ସଚିବ ଭାବେ କାର୍ଯ୍ୟ କରିଛନ୍ତି। ୧୯୯୯ ମହାବାତ୍ୟା ସମୟରେ କଟକ ଜିଲାପାଳ ଥିବାବେଳେ ନିଜର ଦକ୍ଷତା ପ୍ରତିପାଦନ କରି ସେ ଲୋକମାନଙ୍କର ପ୍ରିୟଭାଜନ ହୋଇପାରିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପ୍ରତ୍ୟେକ ପରିସ୍ଥିତିରେ ସ୍ଥିର ନିଷ୍ପତ୍ତି ନେବାରେ ବନ୍ଧୁଙ୍କ ପୃଷ୍ଠପୋଷକତା ସହାୟକ ହେବ। ବାଧାବାଧକତାରେ ଘରର ବାକି କାମକୁ ସମ୍ପୂର୍ଣ୍ଣ କରିବେ। ପୂର୍ବ ସ୍ଥିରୀକୃତ ଯାନବାହନ, ଯାନ୍ତ୍ରିକ ଜିନିଷ ତଥା ଗୃହୋପକରଣ କିଣିବା ପାଇଁ ମନ ବଳାଇପାରନ୍ତି। କୃତ୍ତିକା ନକ୍ଷତ୍ର କିଛି ନୂତନ ତଥ୍ୟ ଓ ଅନୁସନ୍ଧାନ କ୍ଷେତ୍ରରେ ପ୍ରେରଣା ଦେଇ ପ୍ରଶଂସିତ ହେବେ।

**ବୃଷ** ପରିବାରରେ ମତାନ୍ତରଜନିତ କୌଣସି ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହୋଇପାରେ। ଘରୁ ବରାଦ ପାଇଥିବା ଜିନିଷଟି ନେବା ସକାଶେ ଭୁଲିଯାଇପାରନ୍ତି। ବନ୍ଧୁ ଗହଣରେ ମଉଜିଆ କଥା କହି ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହେବେ। ମୃଗଶିରା ନକ୍ଷତ୍ର ଖଳ ଲୋକଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି।

**ମିଥୁନ** ଜଣେ ବନ୍ଧୁଙ୍କ ନିକଟରୁ କିଛି ନୂଆ ଖବର ଆପଣଙ୍କୁ ଅଭିଭୂତ କରିବ। ପୁନର୍ବସୁର ବହୁତ ଦିନରୁ ସମାଧାନ ହୋଇପାରୁ ନ ଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇ ସ୍ତ୍ରୀଙ୍କୁ ବିଭିନ୍ନ କଥା କହିପାରନ୍ତି। ଆର୍ଥିକ ସାହାଯ୍ୟର ପ୍ରତିଶ୍ରୁତି ଦେଇ ବନ୍ଧୁ ମନକୁ ଖୁସି କରିଦେଇପାରନ୍ତି।

**କର୍କଟ** କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରି ବ୍ୟସ୍ତ ହୋଇପାରନ୍ତି। କେତେକ କ୍ଷେତ୍ରରେ ବିରକ୍ତିଜନିତ ବାକ୍ ଅସଂଯମତା ଯୋଗୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟ, ପରିବହନ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ଅଶ୍ଳେଷା ନକ୍ଷତ୍ରର ନିର୍ମାଣ କାର୍ଯ୍ୟ ସକାଶେ ପାରିବାରିକ ସହଯୋଗ ମିଳି ନ ପାରେ।

**ସିଂହ** ଦିନଟି ବହୁତ ଭଲରେ ଅତିବାହିତ ହେବ। ପୂର୍ବାଫାଲଗୁନୀ ନକ୍ଷତ୍ର କେତେକ କ୍ଷେତ୍ରରେ ଅନୁତାପ କରିବେ ସିନା କିଛି ଲାଭ ମଧ୍ୟ ହେବନି। ବନ୍ଧୁଙ୍କ ମିଥ୍ୟା ଅଭିଯୋଗକୁ ପରୋକ୍ଷ ସମର୍ଥନ ଦେବା କାରଣରୁ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଅଫିସ୍‌ରେ ସହକର୍ମୀଙ୍କ ସହ ଆଳାପ ଆଲୋଚନା ମଧ୍ୟରେ ସମୟ ଅତିବାହିତ ହେବ।

**କନ୍ୟା** କୌଣସି କାମରେ ଭୂମିକା ନ ଥାଇ ମଧ୍ୟ ସବୁ କ୍ଷେତ୍ରରେ ଦୋଷୀ ରୂପେ ପରିଗଣିତ ହୋଇପାରନ୍ତି। ଅନ୍ୟମାନଙ୍କ ଭୁଲ ଧାରଣା ବୃଦ୍ଧି ଦିଗରେ ଆପଣଙ୍କ କେତେକ ବନ୍ଧୁ ଖୋରାକ ଯୋଗାଇବେ। ଚିତ୍ରା ନକ୍ଷତ୍ର ସକାଶେ ହଠାତ୍ ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। କ୍ରୀଡ଼ା, କଳା, ସାହିତ୍ୟ କ୍ଷେତ୍ରରୁ ପ୍ରଶଂସିତ ହବେ।

**ତୁଳା** ଆପଣଙ୍କର ମନ ଭିତରେ ଯାହା ଦୁଃଖ ଥାଉନା କାହିଁକି ପରିସ୍ଥିତିବଶତଃ ଉପର ମନରେ ହସି ହସି କହିବାକୁ ବାଧ ହେବେ। କର୍ମକ୍ଷେତ୍ରରେ ସ୍ୱାତୀ ନକ୍ଷତ୍ରର ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିବା ସହ ଶାରୀରିକ ଅସୁସ୍ଥତା ହୋଇପାରେ।

**ବିଛା** ମନ କଥା ମନଭିତରେ ରଖି ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ବ୍ୟବସାୟ,ବାଣିଜ୍ୟ ଓ ଶିଳ୍ପ କ୍ଷେତ୍ରରେ ବହୁତ ଚେଷ୍ଟା ଓ ପରିଶ୍ରମ କରିବାକୁ ପଡ଼ିବ। ଅନୁରାଧା ନକ୍ଷତ୍ରର ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପାରିବାରିକ କ୍ଷେତ୍ରରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇପାରିବ।

**ଧନୁ** ସଂଘର୍ଷମୟ ସ୍ଥିତି ଜନିତ ଅଧିକାଂଶ ସମୟ ତର୍କ, ବିବାଦ ଓ ରାଗରୁଷାରେ ଅତିବାହିତ ହେବ। କୌଣସି କ୍ଷେତ୍ରରେ ଅତ୍ୟଧିକ ପ୍ରତିକ୍ରିୟା ପ୍ରକାଶ କରିବା ଠିକ୍ ହେବ ନାହିଁ। ଅତି ଭଲ ପାଉଥିବା ବ୍ୟକ୍ତିଟି ପ୍ରତି ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ଉତ୍ତରାଷାଢ଼ା ନକ୍ଷତ୍ର ସାମାନ୍ୟ ଶାରୀରିକ ଅସୁସ୍ଥି ମଧ୍ୟ ଅନୁଭବ କରିବେ।

**ମକର** ହାତକୁ ନେଇଥିବା କାମଟି ବହୁ କଷ୍ଟରେ ହେବ। ଶ୍ରବଣା ନକ୍ଷତ୍ର ସରକାରୀ କ୍ଷେତ୍ରରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ନିକଟ ସମ୍ପର୍କୀୟ ବନ୍ଧୁଙ୍କଠାରୁ ହଠାତ୍ କୌଣସି ଖବର ପାଇ ଖୁସି ହେବେ। ଅଫିସ କାମରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ** କୌଣସି ନୂତନ ବନ୍ଧୁଙ୍କ ସହ ସମ୍ପର୍କ ସ୍ଥାପିତ ହେବାର ଉଜ୍ଜ୍ୱଳ ଆଶା ରହିଛି। ପୂର୍ବଭାଦ୍ରବ ନକ୍ଷତ୍ର ଯେତିକି ପାଇବେ ତାହାଠାରୁ ଅଧିକ ଖର୍ଚ୍ଚ କରିବେ। ପ୍ରତ୍ୟେକ କ୍ଷେତ୍ରରେ କିଛି ନ ବୁଝି ନ ଶୁଝି କାହାର କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ପ୍ରେସ୍, ପବ୍ଲିକେଶନ,ଆଇନ ଅଦାଲତ, ଗବେଷଣା, ଅନୁସନ୍ଧାନ, ନିର୍ମାଣ କାମରୁ ସୁଫଳ ମିଳିବ।

**ମୀନ** ବାସ୍ତବତାକୁ ସଦାବେଳେ ପ୍ରାଧାନ୍ୟ ଦେଉଥିବାରୁ ଅନ୍ୟମାନଙ୍କ କଥାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ବନ୍ଧୁଙ୍କ ବିରୋଧାତ୍ମକ କଥାକୁ ଶୁଣି କୌଣସି ମନ୍ତବ୍ୟ ଦେବା କାରଣରୁ ଅସୁବିଧାର ସମ୍ମୁଖୀନ ହେବେ। ଆକସ୍ମିକ ଭାବେ ସୃଷ୍ଟି ହୋଇଥିବା ବିବାଦୀୟ ଘଟଣାର ଦିଗ ବଦଳିଯାଇପାରେ। ଉତ୍ତରଭାଦ୍ରବ ନକ୍ଷତ୍ର ପରିବାରର ଖର୍ଚ୍ଚଭାର ବୃଦ୍ଧି ଚିନ୍ତାରେ ପକାଇବ।

ଆଜି ପୌଷ କୃଷ୍ଣ ତୃତୀୟା ଯୁକ୍ତ ଚତୁର୍ଥୀ, ଶନିବାର, ଡିସେମ୍ବର ୩୦ ତାରିଖ, ରାଶିନକ୍ଷତ୍ର-ଅଶ୍ଳେଷା/କର୍କଟ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୫୦ ଗତେ ଘ.୦୯।୦୬ ମଧ୍ୟେ, ଘ.୧୨।୧୦ ଗତେ ଘ.୦୧।୧୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୦୯।୦୬ ମି. ଗତେ ଘ୧୦।୨୭ ମଧ୍ୟେ ରାହୁକାଳ।



ନବୀନ ନିବାସରେ ଶୁକ୍ରବାର ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ବିଭିନ୍ନ ସଂଗଠନର କର୍ମକର୍ତ୍ତା ସାକ୍ଷାତ କରୁଛନ୍ତି।

# ପୂରଣ ହେବ ୩୯୯ ଓସିଏସ୍ ପଦବୀ

## ଓପିଏସ୍‌ସି ପକ୍ଷରୁ ପ୍ରକାଶ ପାଇଲା ବିଜ୍ଞପ୍ତି

### ଜାନୁୟାରୀ ୧୭ରୁ ଆବେଦନ ପ୍ରକ୍ରିୟା ଆରମ୍ଭ

କଟକ,୨୯।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

ରାଜ୍ୟରେ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍)ର ୩୯୯ ପଦବୀ ଖୁବ୍‌ଶୀଘ୍ର ପୂରଣ ହେବ। ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ଏହି ପଦବୀ ପାଇଁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ନିଯୁକ୍ତି ପରୀକ୍ଷା କରିବ। ଏନେଇ ଶୁକ୍ରବାର ଓପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ ବିଭାଗର ତାଲିକା ଅନୁଯାୟୀ, ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍)ର ମୋଟ ୩୦ ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ହେବ। ସେଥିମଧ୍ୟରୁ ଅଣସଂରକ୍ଷିତ ବର୍ଗ ବା ସାଧାରଣବର୍ଗ (ୟୁଆର)ରେ ୧୫, ଅନୁସୂଚିତ ଜାତି (ଏସ୍‌ସି) ୨ବର୍ଗରେ ୮ ଏବଂ ଅନୁସୂଚିତ ଜନଜାତି (ଏସ୍‌ଟି) ବର୍ଗରେ ୭ ପଦବୀ ସଂରକ୍ଷିତ ରହିଛି। ଓଡ଼ିଶା ବିତ୍ତ ସେବା (ଓଏଫ୍ଏସ୍)ରେ ୫୬ ପଦବୀ ରହିଛି। ସେଥିମଧ୍ୟରୁ ସାଧାରଣ ବର୍ଗରେ ୨୮, ଏସ୍‌ଇବିସିରେ ୬, ଏସ୍‌ସିରେ ୯ ଓ ଏସ୍‌ଟିରେ ୧୩ଟି ପଦବୀ ପୂରଣ ହେବ। ଓଡ଼ିଶା ପୋଲିସ ସେବା(ଓପିଏସ୍)ରେ ମୋଟ ୬ଟି ପଦବୀ ମଧ୍ୟରୁ ସାଧାରଣବର୍ଗରେ ୩, ଏସ୍‌ଇବିସି, ଏସ୍‌ସି ଓ ଏସ୍‌ଟିରେ ଗୋଟିଏ ଲେଖାଏ ପଦବୀ ରହିଛି। ଓଡ଼ିଶା କୋ-ଅପରେଟିଭ ସର୍ଭିସ (ଓସିଏସ୍)ରେ ୧୨ଟି ପଦବୀ ମଧ୍ୟରୁ ସାଧାରଣ ବର୍ଗରେ ୭, ଏସ୍‌ସି ୪ ଓ ଏସ୍‌ଟି ବର୍ଗରେ ଗୋଟିଏ ପଦବୀ ଖାଲି ରହିଛି। ଓଡ଼ିଶା ରେଭିନ୍ୟୁ ସର୍ଭିସ (ଓଆର୍ଏସ)ରେ ୯୦ଟି ପଦବୀ ପାଇଁ ନିଯୁକ୍ତି ପରୀକ୍ଷା କରାଯିବ। ସେଥିମଧ୍ୟରୁ ୪୫ଟି ଅଣସଂରକ୍ଷିତ ଥିବାବେଳେ ଏସ୍‌ଇବିସି ୧୮, ଏସ୍‌ସି ୧୪ ଓ ଏସ୍‌ଟି ବର୍ଗରେ ୧୩ଟି ସଂରକ୍ଷିତ ରହିଛି। ଓଡ଼ିଶା ଲେବର ସର୍ଭିସ (ଓଏଲ୍ଏସ୍)ରେ ୧୧୩ ପଦବୀ ପୂରଣ ହେବ। ସେଥିମଧ୍ୟରେ ସାଧାରଣ ବର୍ଗରେ ୬୯,ଏସ୍‌ଇବିସିରେ ୧୦, ଏସ୍‌ସିରେ ୧୪ ଓ ଏସ୍‌ଟି ବର୍ଗରେ ୨୦ଟି ରହିଛି। ଓଡ଼ିଶା ଟ୍ୟାକ୍ସେସନ ଓ ଆକାଉଣ୍ଟ୍ସ ସର୍ଭିସ(ଓଟି ଆଣ୍ଡ୍ ଏଏସ୍)ରେ ୬୮ଟି ପଦବୀରୁ ସାଧାରଣବର୍ଗରେ ୪୯, ଏସ୍‌ସିରେ ୬ ଓ ଏସ୍‌ଟିରେ ୧୩ଟି ସିଟ୍ ଫାଙ୍କା ରହିଛି। ଓଡ଼ିଶା ଏମ୍ପ୍ଲୟମେଣ୍ଟ ସର୍ଭିସ (ଓଇଏସ)ରେ ଗୋଟିଏ, ଓଡ଼ିଶା କୋ ଅପରେଟିଭ ଅଡିଟ ସର୍ଭିସ (ଓସିଏଏସ୍)ରେ ୪, ଓଡ଼ିଶା ଟ୍ୟୁରିଜମ ସର୍ଭିସ (ଓଟିଏସ୍)ରେ ୧୯ ପଦବୀ ପୂରଣ ପାଇଁ ଓପିଏସ୍‌ସି ପରୀକ୍ଷା କରିବ।

ରାଜ୍ୟ ସରକାର ସାଧାରଣ ପ୍ରଶାସନ ଓ ଜନ ଅଭିଯୋଗ ବିଭାଗ ପକ୍ଷରୁ କେଉଁ ବିଭାଗରେ କେତେ ପଦବୀ ଫାଙ୍କା ରହିଛି ତାହାର ତାଲିକା ଓପିଏସ୍‌ସିକୁ ପ୍ରଦାନ କରାଯାଇଛି। ଆସନ୍ତା ଜାନୁୟାରୀ ୧୭ରୁ ଓସିଏସ୍-୨୦୨୩ ପ୍ରିଲିମିନାରୀ ପରୀକ୍ଷା ନିମନ୍ତେ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇ ଫେବୃୟାରୀ ୧୬ ତାରିଖରେ ଶେଷ ହେବ। ମୋଟ ପଦବୀରୁ ୧୩୧ଟି ମହିଳାଙ୍କ ନିମନ୍ତେ ସଂରକ୍ଷିତ ରହିଛି। ପ୍ରିଲିମିନାରୀ ପରୀକ୍ଷା ପରେ ମୁଖ୍ୟ ଲିଖିତ ପରୀକ୍ଷା ସହ ସାକ୍ଷାତ୍‌କାର ଏବଂ ପ୍ରମାଣପତ୍ର ଯାଞ୍ଚ ହେବ। ଏହି ସମସ୍ତ ପ୍ରକ୍ରିୟା ଶେଷରେ ଯେଉଁ ପ୍ରାର୍ଥୀ କୃତକାର୍ଯ୍ୟ ହେବେ ସେମାନଙ୍କର ଚୂଡାନ୍ତ ମେଧା ତାଲିକା ପ୍ରକାଶ ପାଇବ।

# ଦିନରେ ବେପାର, ରାତିରେ ଚୋରି

## ଆନ୍ତଃ ରାଜ୍ୟ ଗ୍ୟାଙ୍ଗ୍‌ର ୫ ଗିରଫ: ସୁନା, ରୁପା, ଟଙ୍କା ଜବତ

ଭୁବନେଶ୍ୱର,୨୯।୧୨
(ସୂର୍ଯ୍ୟକାନ୍ତ ବେହେରା)

ବାହାର ରାଜ୍ୟରୁ ଆସି ବେପାର କରିବା ବାହାନାରେ ଗଢ଼ୁଛନ୍ତି ଅପରାଧୀ ଗ୍ୟାଙ୍ଗ୍। ନିଜ ସହଯୋଗୀ ଅପରାଧୀଙ୍କ ସମେତ ଓଡ଼ିଶାର ଅପରାଧୀଙ୍କୁ ମଧ୍ୟ ଗ୍ୟାଙ୍ଗ୍‌ରେ ସାମିଲ କରୁଛନ୍ତି। କେତେବେଳେ କବାଡ଼ିଆ ଦୋକାନୀ ତ ପୁଣି କେତେବେଳେ କମ୍ବଳ ବେପାରୀ ଭାବେ ପରିଚୟ ସୃଷ୍ଟି କରି ଟାର୍ଗେଟ ହାସଲ କରୁଛନ୍ତି। ଦିନରେ ବେପାର ନାଁରେ ତାଲା ପଡ଼ୁଥିବା ଘର ଓ ବ୍ୟବସାୟ ପ୍ରତିଷ୍ଠାନକୁ ଚିହ୍ନଟ ପରେ ରାତିରେ ସେସବୁ ସ୍ଥାନରୁ ଚୋରି କରୁଛନ୍ତି। ଇତିମଧ୍ୟରେ ରାଜଧାନୀର ବିଭିନ୍ନ ଘର, ଦୋକାନ, ଆପାର୍ଟମେଣ୍ଟରୁ ଚୋରି କରି ନିଦ ହଜାଇଦେଇଥିବା ଏଭଳି ଏକ ଆନ୍ତଃ ରାଜ୍ୟ ଚୋର ଗ୍ୟାଙ୍ଗ୍‌କୁ ନୟାପଲ୍ଲୀ ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ଧରିଛି। ଗ୍ୟାଙ୍ଗ୍‌ର ୫ଜଣ




ସଦସ୍ୟଙ୍କୁ ଗିରଫ କରିବା ସହ ର୍ୟାକେଟର ପର୍ଦ୍ଦାଫାଶ କରିଛି ପୋଲିସ। ଅଭିଯୁକ୍ତମାନେ ହେଲେ ସତ୍ୟନଗରରେ ରହୁଥିବା ପଶ୍ଚିମବଙ୍ଗ ମେଦିନାପୁରର ମାଷ୍ଟରମାଇଣ୍ଡ୍ ମୋମିମ ମଲ୍ଲିକ, ବଡଗଡ ଥାନା ଅଞ୍ଚଳରେ ରହୁଥିବା ଜଗତ୍‌ସିଂପୁରର କିଶୋର ମହାନ୍ତି, ଖଣ୍ଡଗିରିର ଏସ୍.କେ. ଔରଙ୍ଗଜେବ, ବାଲିଅନ୍ତାର ପ୍ରଭାତ ସାହୁ, ସାଲିଆ ସାହିରେ ରହୁଥିବା କେନ୍ଦ୍ରାପଡାର ଇକ୍‌ଲାକୁଲ ରେହମାନ। ସେମାନଙ୍କଠାରୁ ୨୩୪ ଗ୍ରାମ ସୁନା, ୪୪୦ ଗ୍ରାମ ରୁପା, ନଗଦ ୫୦ ହଜାର ଟଙ୍କା, ୫ଟି ପାଣି ପମ୍ପ, ଆକ୍ୱାଗାର୍ଡ, ପିତ୍ତଳ ବାସନ, ମୋଟର ସାଇକେଲ ଆଦି ଜବତ କରାଯାଇଛି। ନୟାପଲ୍ଲୀ, ଖଣ୍ଡଗିରି ଓ ବଡ଼ଗଡ଼ ଥାନାରେ ଅଭିଯୁକ୍ତଙ୍କ ନାଁରେ ଡକାୟତି ମାମଲା ରହିଥିବାବେଳେ ଚନ୍ଦ୍ରଶେଖରପୁର, ଇନ୍‌ଫୋସିଟି ଅଞ୍ଚଳରୁ ଲୁଟ କରିବାରେ ବିଫଳ ହୋଇଥିବା ପୋଲିସ ଜାଣିବାକୁ ପାଇଛି। ଗ୍ୟାଙ୍ଗ୍‌ରେ ସମ୍ପୃକ୍ତ ଅନ୍ୟ ସହଯୋଗୀ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଥିବା କହିଛନ୍ତି, ଡିସିପି ପ୍ରତୀକ ସିଂ ଖବରଦାତା ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି। ତେବେ ବଡ଼ ବଡ଼ ବ୍ୟବସାୟ ପ୍ରତିଷ୍ଠାନରେ ହୋଇଥିବା ଚୋରିରେ ଏମାନଙ୍କର ସମ୍ପୃକ୍ତି ରହିଛି। ଚୋରି ପରେ ତୁରନ୍ତ ସୁନା ଓ ରୁପା ଅଳଙ୍କାରକୁ ନିର୍ଦ୍ଦିଷ୍ଟ ଅଳଙ୍କାର ବ୍ୟବସାୟୀ ଓ କାରିଗରଙ୍କୁ କମ୍ ଦାମ୍‌ରେ ବିକ୍ରି କରିଦେଇଥାନ୍ତି। ତେବେ ଏମାନଙ୍କ ସହ କେଉଁ ଅଳଙ୍କାର ବ୍ୟବସାୟୀଙ୍କର ସମ୍ପୃକ୍ତି ରହିଛି ତାହା ଜାଣିବାକୁ ଅଧିକ ଖୋଳତାଡ଼ ଚଳାଇଛି ପୋଲିସ।

ନୟାପଲ୍ଲୀରେ ରହୁଥିବା ଅଭିମନ୍ୟୁ ମହାପାତ୍ରଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ନେଇଛି। ସେ ଘରେ ନ ଥିବାବେଳେ କେହି ଦୁର୍ବୃତ୍ତ କବାଟ ଭାଙ୍ଗି ସୁନା, ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଥିବା ସଂକ୍ରାନ୍ତରେ ଗତ ୨୪ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୬୦୩/୨୩) ରୁଜୁକରି ସିସିଟିଭି ଫୁଟେଜ ଆଧାରରେ ଏହି ଗ୍ୟାଙ୍ଗ୍‌କୁ ଧରିଥିଲା।

# ୧୨୧ ବର୍ଷରେ ଉତ୍କଳ ସମ୍ମିଳନୀ

## (ତା ୩୦-୧୨-୨୦୨୩ ରିଖ ଦିନ ଉତ୍କଳ ସମ୍ମିଳନୀର ୧୨୦ ବର୍ଷ ପୂର୍ତ୍ତି ଅବସରରେ)


**ଆ**ଜକୁ ୧୨୦ ବର୍ଷ ପୂର୍ବେ ୧୯୦୩ ଡିସେମ୍ବର ୩୦ ବୁଧବାର ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଆରମ୍ଭ ହୋଇଥିଲା। କଟକ ଇଦ୍‌ଗା ପଡ଼ିଆରେ ନିର୍ମିତ ମଣ୍ଡପରେ ଆରମ୍ଭ ହୋଇଥିବା ଏହି ଅଧିବେଶନ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିଥିଲା। ସଭା ମଣ୍ଡପଟି ସୁସଜ୍ଜିତ ହେବା ସହିତ ଆସନର ବନ୍ଦୋବସ୍ତ ଅତି ଉତ୍ତମ ଥିଲା। ସଭାରେ ବହୁ ଲୋକଙ୍କ ସମାଗମ ହୋଇଥିଲା। ଏହି ଅଧିବେଶନରେ ସଭାପତିତ୍ୱ କରିବା ପାଇଁ ବାମଣ୍ଡା ରାଜା ସୁଢଳ ଦେବଙ୍କ ନାମ ସ୍ଥିର ହୋଇଥିଲା। ହେଲେ ଅଧିବେଶନ ପୂର୍ବରୁ ବାମଣ୍ଡାଧିପତିଙ୍କ ଦେହାନ୍ତ ହେବାରୁ ମୟୂରଭଞ୍ଜ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ଏଥିରେ ସଭାପତିତ୍ୱ କରିଥିଲେ। ଭଞ୍ଜଦେଓ ଅଧିବେଶନର ପୂର୍ବଦିନ ସକାଳେ ରେଳଗାଡ଼ିରେ ପହଞ୍ଚିଥିଲେ। ଉତ୍କଳ ସମ୍ମିଳନୀର ଏହି ଅଧିବେଶନ ୩୦ ଓ ୩୧ ତାରିଖ ଚାଲିଥିଲା। ଅଧିବେଶନରେ ମୋଟ ୧୧ ପ୍ରସ୍ତାବ ଗୃହୀତ ହୋଇଥିଲା। ପ୍ରାକୃତିକ ଉତ୍କଳର ଏକତା ସ୍ଥାପନ, ଉତ୍କଳର ସର୍ବାଙ୍ଗୀନ ଉନ୍ନତି ସାଧନ, ଓଡ଼ିଆଭାଷୀ ଅଞ୍ଚଳଗୁଡ଼ିକୁ ଶାସନସୂତ୍ରରେ ଏକତ୍ରୀକରଣ ଏବଂ ପ୍ରବାସୀ ଓ ଦୁର୍ଗମ ଅଞ୍ଚଳରେ ଥିବା ଓଡିଆମାନଙ୍କ ସ୍ୱାର୍ଥ ସଂରକ୍ଷଣ ଆଦି ଉତ୍କଳ ସମ୍ମିଳନୀ ଗଠନର ମୁଖ୍ୟ ଲକ୍ଷ୍ୟ ଥିଲା।

ଉତ୍କଳ ସମ୍ମିଳନୀ କାହିଁକି ଓ କେଉଁ ଉଦ୍ଦେଶ୍ୟ ପାଇଁ ଗଠନ ହୋଇଥିଲା ତାହା ଆଲୋଚନାର ବିଷୟ। ଉତ୍କଳ ଦେଶ ଅର୍ଥ ଓଡ଼ିଶା, ଗଞ୍ଜାମ ଓ ସମ୍ବଲପୁର ଏବଂ ଯେତେ ସ୍ଥାନରେ ଓଡ଼ିଆ ଭାଷା ଚାଲୁଥିଲା ସେ ସମସ୍ତ ଅଞ୍ଚଳକୁ ବୁଝାଉଥିଲା। ଏକ ସମୟରେ ଓଡ଼ିଶାର ସୀମା ଉତ୍ତରରେ ଗଙ୍ଗାଠାରୁ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ ଲାଗିଥିଲା। ଆମମାନଙ୍କ ପୂର୍ବପୁରୁଷମାନେ ସେତେବେଳେ ଶିଳ୍ପ, ବାଣିଜ୍ୟ, ଧର୍ମ ଓ ସାହିତ୍ୟରେ ବହୁ ଉନ୍ନତି କରିଥିଲେ। ଓଡ଼ିଶାର ରାଜାମାନେ ନିଜ ବାହୁବଳରେ କେତେ ରାଜ୍ୟ ଜୟ କରିଥିଲେ ଓ ଗଜପତି ପଦରେ ମଧ୍ୟ ଭୂଷିତ ହୋଇଥିଲେ। ଆମ ପୂର୍ବପୁରୁଷମାନେ ବାଣିଜ୍ୟ ନିମନ୍ତେ ବୋଇତରେ ସମୁଦ୍ର ପାରହୋଇ ଜାଭା, ବୋର୍ଣ୍ଣିଓ, ବାଲି ଦ୍ୱୀପ ଆଦି ଯାଉଥିଲେ। ଓଡ଼ିଶାରେ କୋଣାର୍କ ଓ ଜଗନ୍ନାଥ ଦେଉଳ, ଭୁବନେଶ୍ୱରରେ ଲିଙ୍ଗରାଜ ଦେଉଳ ସହିତ ବହୁ ଦେଉଳ, କଟକରେ କାଠଯୋଡ଼ି ଓ ମହାନଦୀ ପଥର ବନ୍ଧ ଆଦି ତିଆରି କରିଥିଲେ। ଓଡ଼ିଶାର କାରିଗରମାନେ ବଡ଼ ବଡ଼ ନଗର, ଦୁର୍ଗ ଯେପରିକି କଟକର ବାରବାଟୀ ଦୁର୍ଗ ଆଦି ନିର୍ମାଣ କରିଥିଲେ। ଏହି ଦେଶରେ ଏପରି ବିଚିତ୍ର ଓ ସରୁ ଲୁଗା ବୁଣାଯାଉଥିଲା ଯେ, ୟୁରୋପରୁ ଧନୀ ବେପାରୀମାନେ ଆସି ସେ ଲୁଗା କିଣି ନେଉଥିଲେ। ଓଡ଼ିଶାରେ ଶିକ୍ଷା ମଧ୍ୟ ବହୁ ଉଚ୍ଚରେ ଥିଲା। ଓଡ଼ିଆ କବି ଜଗନ୍ନାଥ ଦାସ ଓ ବଳରାମ ଦାସଙ୍କ ସହିତ କବି ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ, ଅଭିମନ୍ୟୁ, କବିସୂର୍ଯ୍ୟ ପ୍ରମୁଖ କେତେ କେତେ ଉଚ୍ଚଧରଣର କବି ପୁରାତନ ଓଡିଆ ଭାଷା ଓ ସାହିତ୍ୟର ଶ୍ରୀ ବଢ଼ାଇ ଦେଇଥିଲେ। ଧନ, ଧର୍ମ, ସାହିତ୍ୟ, ଶିଳ୍ପ ଓ ବାଣିଜ୍ୟରେ ଉତ୍କଳୀୟମାନେ ଖୁବ ଉନ୍ନତି କରିଥିଲେ। ଉତ୍କଳର ଏହିପରି କେତେ ଗୌରବ ଥିଲା। କିନ୍ତୁ ମଝିରେ କେତେଦିନ ଆମ୍ଭମାନଙ୍କ ଭାଗ୍ୟ ଅସ୍ତ ହୋଇଯାଇଥିଲା। ସମସ୍ତେ ଉତ୍କଳ ମାତାର ସନ୍ତାନ ହୋଇଥିଲେ ମଧ୍ୟ କାଳକ୍ରମେ ଗଞ୍ଜାମ, ସମ୍ବଲପୁର, ମେଦିନୀପୁର ଓ ଓଡ଼ିଶାର ଭାଇମାନେ ଭିନ୍ନ ଭିନ୍ନ ହୋଇ ଯାଇଥିଲେ। ସମସ୍ତେ ଏକାଠି ହେବା ଓ ଭାରତବର୍ଷର ଅନ୍ୟାନ୍ୟ ଜାତି ସହିତ ଓଡ଼ିଆ ଜାତି ସମକକ୍ଷ ହେବା ପାଇଁ ଉତ୍କଳ ସମ୍ମିଳନୀ ସଭାର କଳ୍ପନା କରାଯାଇଥିଲା।


ଉତ୍କଳ ସମ୍ମିଳନୀ ଆଜି ବି କାମ କରୁଛି। ୧୯୩୬ ଏପ୍ରିଲ ପହିଲା ଦିନ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରେ ସମ୍ମିଳନୀର ମୁଖ୍ୟ ଲକ୍ଷ୍ୟ ସାଧିତ ହୋଇଥିଲେ ମଧ୍ୟ ଉତ୍କଳ ସମ୍ମିଳନୀ ଏବେବି କାମ କରୁଛି। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ କଳାର ଅଭିବୃଦ୍ଧି, ପ୍ରସାର ଓ ସୀମାର ସୁରକ୍ଷା ତଥା ଓଡ଼ିଆମାନଙ୍କ ଓଡ଼ିଶା ଭିତରେ ଓ ବାହାରେ ସାମାଜିକ ସୁରକ୍ଷା ପାଇଁ ଏହା କାର୍ଯ୍ୟ କରୁଛି। ଉତ୍କଳ ସମ୍ମିଳନୀର ବହୁ ସଭାପତି ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ବାଚସ୍ପତି ଭଳି ମର୍ଯ୍ୟାଦାଜନକ ଆସନରେ ଅଳଙ୍କୃତ ହୋଇଛନ୍ତି। ଯେପରି କି ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ବିଶ୍ୱନାଥ ଦାସ ଓ ରାଜେନ୍ଦ୍ର ନାରାୟଣ ସିଂହଦେଓ ଆଦି ଓଡିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିବାବେଳେ ପଣ୍ଡିତ ନୀଳକଣ୍ଠ ଦାସ ଓଡ଼ିଶା ବିଧାନସଭାର ବାଚସ୍ପତି ଆସନ ଅଳଙ୍କୃତ କରିଥିଲେ। ରାଜ୍ୟ ସରକାର ଉତ୍କଳ ସମ୍ମିଳନୀକୁ ଏକ ସରକାରୀ ଘର ଭଡ଼ାରେ ଦେଇଛନ୍ତି। ଉତ୍କଳ ସମ୍ମିଳନୀ ମାଧ୍ୟମରେ ରାଜ୍ୟ ସରକାର ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଲିପିଶିକ୍ଷା କେନ୍ଦ୍ର ଚଳାଉଛନ୍ତି। ବିଧାନସଭାର ବିଭିନ୍ନ କମିଟିରେ ତଥା ଓଡ଼ିଆ ଭାଷା ପ୍ରତିଷ୍ଠାନରେ ଉତ୍କଳ ସମ୍ମିଳନୀ ସଦସ୍ୟ ଅଛନ୍ତି। ବିଧାନସଭାରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସମୟରେ ଉତ୍କଳ ସମ୍ମିଳନୀ କର୍ମକର୍ତ୍ତାମାନଙ୍କୁ ନିମନ୍ତ୍ରଣ କରାଯାଉଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ଉତ୍କଳ ସମ୍ମିଳନୀ ପକ୍ଷରୁ ମିଳିତ ଭାବେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ଦିବସ ଆଗରୁ ମିଳିତ ଭାବେ ପାଳିତ ହେଉଥିଲା। ଉତ୍କଳ ସମ୍ମିଳନୀ ପାଇଁ ଆଗକୁ ବହୁ କାମ ଅଛି। ତେଣୁ ମଧୁବାବୁଙ୍କ ଆହ୍ୱାନ କ୍ରମେ ଆଜିର ଓଡ଼ିଆମାନେ ଏହି ଜାତିର ପ୍ରାଣ ସିନ୍ଧୁ ଉତ୍କଳ ସମ୍ମିଳନୀକୁ ଡେଇଁପଡ଼ି ସମ୍ମିଳନୀର କାମକୁ ଆଗେଇନେବା ପାଇଁ ଅନୁରୋଧ। **ବନ୍ଦେ ଉତ୍କଳ ଜନନୀ।**



ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଗୌରବ ମଧୁସୂଦନ ଦାସ



ଉତ୍କଳ ସମ୍ମିଳନୀ ସଭାର
ବିବରଣ।
ସନ ୧୯୦୩ ମସିହା
କଟକ
CUTTACK,
Printed by the Cuttack
Printing Company. Limited
1904.

[ଉତ୍କଳ ସମ୍ମିଳନୀ ପ୍ରଥମ ଅଧିବେଶନର ବିବରଣୀ ପୁସ୍ତିକାର ପ୍ରଚ୍ଛଦ ପୃଷ୍ଠା]



- ଦିଲ୍ଲୀପ ଦାଶଶର୍ମା, ସାଧାରଣ ସମ୍ପାଦକ, ଉତ୍କଳ ସମ୍ମିଳନୀ,
ଏ/ଇ- ୧୯୨, ବୀର ସୁରେନ୍ଦ୍ର ସାଏ ନଗର, ଭୁବନେଶ୍ୱର।
ମୋ: ୯୯୩୮୫୩୭୬୦୦

# ନିଯୁକ୍ତି ପାଇବେ ୬୨୧ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ

କଟକ, ୨୯।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ରାଜ୍ୟରେ ୬୨୧ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପଦବୀ ପୂରଣ ପାଇଁ ନିଯୁକ୍ତି ପରୀକ୍ଷା କରାଯିବ। ଆସନ୍ତା ଜାନୁୟାରୀ ୧୨ରୁ ଫେବୃୟାରୀ ୧୨ ତାରିଖ ପର୍ଯ୍ୟନ୍ତ ଆବେଦନ କରାଯିବ। ଏହି ପଦବୀଗୁଡିକ ମଧ୍ୟରୁ ଜଳସମ୍ପଦ ବିଭାଗ, ପୂର୍ତ୍ତ ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗରେ ୫୮୦ (୧୯୪-ମହିଳା) ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ସିଭିଲ) ପଦବୀ ଖାଲି ରହିଛି। ସାଧାରଣବର୍ଗରେ ୩୨୬ ପଦବୀ ସଂରକ୍ଷିତ ଥିବାବେଳେ ଏସ୍‌ଇବିସିରେ ୭୭, ଏସ୍‌ସି ବର୍ଗରେ ୧୩୭ ଓ ଏସ୍‌ଟି ବର୍ଗରେ ୪୦ ପଦବୀ ରହିଛି। ଅନ୍ୟପକ୍ଷରେ ଜଳ ସମ୍ପଦ ବିଭାଗରେ ୪୧ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ମେକାନିକାଲ) ପଦବୀ ପୂରଣ ନିମନ୍ତେ ଓପିଏସ୍‌ସି ପରୀକ୍ଷା କରିବ। ଏହି ପଦବୀ ମଧ୍ୟରୁ ସାଧାରଣ ବର୍ଗରେ ୨୨, ଏସ୍‌ଇବିସି ୪, ଏସ୍‌ସିରେ ୫ ଏବଂ ଏସ୍‌ଟି ବର୍ଗରେ ୧୦ଟି ସିଟ୍ ରହିଛି। ମୋଟ ପଦବୀରୁ ୧୩ଟି ମହିଳାଙ୍କ ନିମନ୍ତେ ସଂରକ୍ଷିତ ରଖାଯାଇଛି।

# କଳାହାଣ୍ଡି ବିଶ୍ୱବିଦ୍ୟାଳୟ ହେଲା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ

## ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

ଭୁବନେଶ୍ୱର,୨୯।୧୨(ଅନିଲ ଦାସ)

କଳାହାଣ୍ଡି ବିଶ୍ୱବିଦ୍ୟାଳୟକୁ କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀ ନାମରେ ନାମିତ କରାଯାଇଛି। ଏବେ ଏହା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା ନାମରେ ପରିଚିତ ହେବ। ଏ ସଂକ୍ରାନ୍ତରେ ଉଚ୍ଚଶିକ୍ଷା ବିଭାଗର ଦିଆଯାଇଥିବା ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଅନୁମୋଦନ କରିଛନ୍ତି।

ସୂଚନାଯୋଗ୍ୟ ଯେ, ସମୁଦାୟ ୫୦ଟି କଲେଜକୁ ନେଇ ୨୦୨୦ ସେପ୍ଟେମ୍ବର ୧ ତାରିଖରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନଭେମ୍ବର ପହିଲା ତାଙ୍କ କଳାହାଣ୍ଡି ଗସ୍ତ ସମୟରେ ଏହି ବିଶ୍ୱବିଦ୍ୟାଳୟର ନାମକୁ ମା' ମାଣିକେଶ୍ୱରୀଙ୍କ ନାମରେ ନାମିତ କରିବା ପାଇଁ ଘୋଷଣା କରିଥିଲେ।

# ବ୍ୟାଙ୍କ୍ ଲକର ଭାଙ୍ଗି ୧୪ ଲକ୍ଷ ଟଙ୍କା ଚୋରି

ବାଙ୍କୀ,୨୯।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

କଟକ ଜିଲା ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କର ଡମପଡ଼ା ଶାଖା କାର୍ଯ୍ୟାଳୟର ଲକ୍‌ର ଭାଙ୍ଗି ଦୁର୍ବୃତ୍ତମାନେ ୧୪ ଲକ୍ଷ ୧୯ ହଜାର ୩୬୪ ଟଙ୍କା ସହ କିଛି ଜରୁରୀ କାଗଜପତ୍ର ନେଇଯାଇଥିବା ଅଭିଯୋଗ ହୋଇଛି। ଏନେଇ ଶାଖା ପରିଚାଳକ ରମେଶ ମହାପାତ୍ର ବାଙ୍କୀ ଥାନା ଅନ୍ତର୍ଗତ ତାଳବସ୍ତ ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ସାଇଣ୍ଟିଫିକ୍‌ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଛାନବିନ୍ କରିଛି। ଖବରପାଇ ଗ୍ରାମାଞ୍ଚଳ ଏସ୍‌ପି ମିହିର ପଣ୍ଡା, ଉପଖଣ୍ଡ ପୋଲିସ୍ ଅଧିକାରୀ ଅଶ୍ୱିନୀ କୁମାର ସାହୁ ପହଞ୍ଚି ତଦନ୍ତ କରିଛି। ଏନେଇ ବାଙ୍କୀ ଥାନାରେ ମାମଲା ନଂ-୪୭୧/୨୩ ରୁଜୁ ହୋଇଛି।

ଅଭିଯୋଗ ଅନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ବ୍ୟାଙ୍କ ଭିତରେ ପଶି ଟ୍ରେଜେରି ଲକ୍‌ର ତାଡ଼ିବା ସହ ସେଥିରୁ ଉପରୋକ୍ତ ଟଙ୍କା ନେଇ ଚମ୍ପଟ ମାରିଛନ୍ତି। ଶୁକ୍ରବାର ସକାଳେ ସହକାରୀ ମ୍ୟାନେଜର ଅକ୍ଷୟ ନାୟକ ଓ ଅନ୍ୟ କର୍ମଚାରୀମାନେ ଆସିବାବେଳକୁ ବ୍ୟାଙ୍କର ଲକ୍‌ର ସହ ସିସିଟିଭି କ୍ୟାମେରା ଓ ହାର୍ଡଡିସ୍କ ଭଙ୍ଗା ହୋଇଥିବା ଦେଖି ପୋଲିସରେ ଖବର ଦେଇଥିଲେ। ଏ ସମ୍ପର୍କରେ ଆଇଆସି ଶିବଚରଣ ବେହେରା କୁହନ୍ତି, ଅଭିଯୋଗକୁ ଆଧାର କରି ତଦନ୍ତ ଜାରି ରହିଛି। ସେମାନଙ୍କୁ ଧରିବା ପାଇଁ ଏକ ଟିମ୍ ଗଠନ କରାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନେ ଧରାପଡ଼ିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

# ଖାଇବାକୁ ନ ପାଇ ଶଯ୍ୟାରେ ନନ୍ଦୀ

## ■ ମୁଣ୍ଡ ଗୁଞ୍ଜିବାକୁ ଘର ନାହିଁ
## ■ ସରକାରୀ ସହାୟତା ଦାବି

କେନ୍ଦୁଝର,୨୯।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେହି ଭୋକରେ ରହିବେନି। ସମସ୍ତଙ୍କ ମୁଣ୍ଡକୁ ଛାତ ମିଳିବ। ଏ ନେଇ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା ପ୍ରଣୟନ କରୁଛନ୍ତି। ରାଶନ କାର୍ଡରେ ଚାଉଳ ପ୍ରଦାନ ସହ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାରେ ଗରିବ ଅସହାୟଙ୍କୁ ଘର ମିଳୁଛି। ମାତ୍ର ଏବେ ବି ପ୍ରଶାସନ ନଜର ଆଢୁଆଳରେ ରହି ଅନେକ ପରିବାର ମୌଳିକ ଅଧିକାରରୁ ବଞ୍ଚିତ ହୋଇ ଦୁର୍ବିଷହ ଜୀବନ ଅତିବାହିତ କରୁଛନ୍ତି। କେନ୍ଦୁଝର ଜିଲା ସଦର ବ୍ଲକ୍ ପଦ୍ମପୁର ପଞ୍ଚାୟତ ପଦ୍ମପୁର ଗ୍ରାମରେ ଖାଦ୍ୟ ଅଭାବରୁ ଜଣେ ମହିଳା ଘରୁ ଉଠି ନ ପାରିବା ଏହାର ଜ୍ୱଳନ୍ତ ଉଦାହରଣ ପାଲଟିଛି।

ସୂଚନା ଅନୁଯାୟୀ, କେନ୍ଦୁଝର ଜିଲା ସଦର ବ୍ଲକ୍ ପଦ୍ମପୁର ପଞ୍ଚାୟତ ପଦ୍ମପୁର ଗ୍ରାମ ରାଇସ୍ ମିଲ ନିକଟ କୁଦୁରୁ ସାହିରେ ମୁଣ୍ଡା ସମ୍ପ୍ରଦାୟର ଆଦିବାସୀ ଲୋକ ବସବାସ କରୁଛନ୍ତି। ସାହିରେ ରହୁଥିବା ନନ୍ଦୀ ମୁଣ୍ଡା ୨ ଝିଅ ଓ ଜଣେ ପୁଅଙ୍କୁ ନେଇ ରହୁଛନ୍ତି। ୧୦ ବର୍ଷ ତଳେ ନନ୍ଦୀଙ୍କ ସ୍ୱାମୀ ଲକ୍ଷ୍ମୀଧର ମୁଣ୍ଡାଙ୍କ ମୃତ୍ୟୁ ହୋଇଥିଲା। ସେ ସମୟରେ ତାଙ୍କ ପୁଅକୁ ୨ ମାସ ହୋଇଥିଲା। ନନ୍ଦୀ ପର ଘରେ କାମ କରି ବହୁ ଦୁଃଖ କଷ୍ଟରେ ପରିବାର ଚଳାଉଥିଲେ।



ଶଯ୍ୟାଶାୟୀ ନନ୍ଦୀ।




ନନ୍ଦୀଙ୍କ ପୁଅ, ଝିଅ।

କିନ୍ତୁ ଦଇବ ଦାଉ ସାଧିବା ଭଳି ୬ ମାସ ହେଲା ଖାଦ୍ୟ ଅଭାବରୁ ସେ ଆଉ ଚାଲି ପାରୁନାହାନ୍ତି। ଏପରି ସ୍ଥିତି ହୋଇଛି ଯେ, ବିଛଣାରୁ ଉଠିବା ପାଇଁ ବି ଅନ୍ୟର ସାହାରା ଆବଶ୍ୟକ ପଡ଼ୁଛି। ଏଭଳି ସ୍ଥିତିରେ ୨ ମାସ ହେବ ରାଶନ କାର୍ଡରେ ମିଳୁଥିବା ଚାଉଳ ଆଉ ପଞ୍ଚାୟତରୁ ମିଳିନାହିଁ। ୧୫ ବର୍ଷୀୟ ଝିଅ ସେବତୀ ମୂଲ ମଜୁରି ଲାଗୁଥିଲେ ବି ପରିବାର ସମସ୍ତଙ୍କ ପାଇଁ ଖାଦ୍ୟ ଯୋଗାଡ଼ କରିବା ତାଙ୍କ ପକ୍ଷେ ସମ୍ଭବ ହେଉନାହିଁ। ଫଳରେ ଦିନେ ଖାଇଲେ ପରିବାର ପାଞ୍ଚ ଦିନ ଉପବାସରେ ରହୁଛନ୍ତି। ସେବତୀ ମଧ୍ୟ ଚର୍ମ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏଥିସହ ତାଙ୍କ ଗୋଡ଼ ଫୁଲି ଚାଲି ପାରୁନାହାନ୍ତି। ଏଭଳି ସ୍ଥିତିରେ ମୁଣ୍ଡ ଗୁଞ୍ଜିବାକୁ ପରିବାର ପାଖରେ ଘରଖଣ୍ଡେ ମଧ୍ୟ ନାହିଁ। ନଡ଼ା ଛପରରେ ଏକ କୁଡ଼ିଆ କରି ଶୀତ କାକରରେ ପଡ଼ି ରହିଛନ୍ତି। ଯଦି ଜିଲା ପ୍ରଶାସନ ତୁରନ୍ତ ସହାୟତାର ହାତ ନ ବଢ଼ାନ୍ତି ତେବେ ନନ୍ଦୀଙ୍କ ଅବସ୍ଥା ଗୁରୁତର ହେବା ସହ ୩ ପିଲାଙ୍କ ଅବସ୍ଥା ସଙ୍ଗିନ ହୋଇ ପଡ଼ିବ। ପରିବାରକୁ ତୁରନ୍ତ ଘର ଖଣ୍ଡିଏ ଓ ରାଶନ ସାମଗ୍ରୀ ଯୋଗାଇଦେବା ସହିତ ଉତ୍ତମ ଚିକିତ୍ସାର ବ୍ୟବସ୍ଥା କରିବାକୁ ଯୁବ ଓ ଶ୍ରମ ବିକାଶ ମଞ୍ଚ କେନ୍ଦୁଝରଗଡ଼ ସଭାପତି ରଞ୍ଜନ କୁମାର ବେହେରା, ଉପସଭାପତି ଜୟକୃଷ୍ଣ ନାଏକ ବ୍ଲକ୍ ପ୍ରଶାସନକୁ ନିବେଦନ କରିଛନ୍ତି। ଏ ନେଇ ବିଡିଓ ତିଲୋତ୍ତମା ପୃଷ୍ଟି କହିଛନ୍ତି, ସୂଚନା ପାଇ ପରିବାର ପାଖରେ ପହଞ୍ଚି ଡ୍ରାଏ ଫୁଡ୍ ପ୍ରଦାନ କରିଛନ୍ତି। ଅସୁସ୍ଥତା କାରଣରୁ ସେ ନେଇ ନ ଥିବା ରାଶନ ଚାଉଳ ତାଙ୍କ ଘରେ ପହଞ୍ଚାଇ ଦିଆଯାଇଛି। ଉଭୟ ମା' ଝିଅଙ୍କୁ ଚିକିତ୍ସା ନିମନ୍ତେ ପଦ୍ମପୁର ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ସରପଞ୍ଚ ଚପଳା ସାମଲଙ୍କ ପ୍ରତିନିଧି ହାଡ଼ିବନ୍ଧୁ ଦେହୁରୀ କହିଛନ୍ତି, ପରିବାରକୁ ଶୁକ୍ରବାର ୨ ମାସର ଚାଉଳ ପ୍ରଦାନ କରାଯାଇଛି। ନନ୍ଦୀଙ୍କ ଶାଶୁଙ୍କ ନାମରେ ଆବାସ ଘର ରହିଛି। ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ସେଠାରେ ରହୁନାହାନ୍ତି।

ଈଶ୍ୱର ମଣିଷକୁ ବାଟ ଦେଖାନ୍ତି। କିନ୍ତୁ ମଣିଷ ଚାଲେ ଅବାଟରେ। ନିମ୍ନସ୍ତରର ମରଣଶୀଳ ତ୍ରୁଟି ଓ ସ୍ଖଳନ ଉପରେ ପରାପ୍ରକୃତି ବା ଦିବ୍ୟପ୍ରକୃତି ସଜାଗ ଦୃଷ୍ଟି ରଖିଥାଏ। ଏହା ହିଁ ଆମ ଲାଗି ପ୍ରତିବନ୍ଧକ ଓ ପରର ବିରୋଧୀତା। ଆମକୁ ଏକ ଉଜ୍ଜ୍ୱଳଜ୍ଞାନ ଭିତରକୁ ଯିବା ଲାଗି- ଏହି ଦ୍ୱନ୍ଦ୍ୱ ଭିତରୁ ବାହାରିଯିବାକୁ ହେବ ନିଶ୍ଚୟ। **-ଶ୍ରୀଅରବିନ୍ଦ**



# ସ୍ୱାସ୍ଥ୍ୟ କୂଟନୀତିର ବିଜୟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଅବସରପ୍ରାପ୍ତ ପଞ୍ଜାବ ଆଇଏଏସ୍ ଅଧିକାରୀ ଡ. ପୁନମ୍ ଖେତ୍ରପାଲ ସିଂଙ୍କୁ ନିକଟରେ ଭୁଟାନ୍‌ର ନ୍ୟାଶନାଲ ଅର୍ଡର ଅଫ୍ ମେରିଟ୍ ଗୋଲ୍ଡ ମେଡାଲ ପୁରସ୍କାର ପ୍ରଦାନ କରାଯାଇଛି। ଏହା କେବଳ ଭୁଟାନ୍‌ର ସ୍ୱାସ୍ଥ୍ୟସେବାରେ ତାଙ୍କର ଅତୁଳନୀୟ ଅବଦାନକୁ ସୂଚିତ କରେ ନାହିଁ ବରଂ ପାର୍ବତ୍ୟ ରାଜ୍ୟ ସହିତ ଭାରତର ସମ୍ପର୍କ ତଥା ଭୁଟାନ୍ ସହ ଚାଇନାର ସମ୍ପର୍କ ବୃଦ୍ଧି ପରିପ୍ରେକ୍ଷୀରେ ମଧ ମହତ୍ତ୍ୱ ରଖେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ)ର ଦକ୍ଷିଣ-ପୂର୍ବ ଏସିଆ ଆଞ୍ଚଳିକ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିଥିବା ପ୍ରଥମ ଭାରତୀୟ ଡ. ଖେତ୍ରପାଲ ସିଂଙ୍କ ନିଯୁକ୍ତି ବିଶ୍ୱ ସ୍ୱାସ୍ଥ୍ୟ ନେତୃତ୍ୱ ପ୍ରତି ଭାରତର ପ୍ରତିବଦ୍ଧତାର ଏକ ଦୃଷ୍ଟାନ୍ତ। ଭୁଟାନ୍‌ରେ ପରିବର୍ତ୍ତନଶୀଳ ସ୍ୱାସ୍ଥ୍ୟସେବା ଅଗ୍ରଗତି କ୍ଷେତ୍ରରେ ତାଙ୍କର ପ୍ରମୁଖ ଭୂମିକା ଯୋଗୁ ମିଳିମିଳା ଏବଂ ରୁବେଲା ଶୀଘ୍ର ବିଲୋପ ହୋଇପାରିଛି। ଭୁଟାନ୍‌ର ବିକାଶରେ ଏକ ପ୍ରମୁଖ ଅଂଶୀଦାର ଭାବରେ ଭାରତର ସ୍ଥିତିକୁ ସେ ମଜଭୁତ କରିଛନ୍ତି। ପୁରସ୍କାରର ସମ୍ପର୍କ ଭୁଟାନ୍‌ର ଜାତୀୟ ଦିବସ ପାଳନ ଏବଂ ବହୁ ଭାରତୀୟ ପ୍ରତିନିଧିଙ୍କ ଉପସ୍ଥିତିରେ ଗେଲେଫୁ ମେଗାସିଟି ପ୍ରକଳ୍ପ ଘୋଷଣା ସହିତ ମେଳ ଖାଉଛି, ଯାହା ଗୁରୁତ୍ୱପୂର୍ଣ୍ଣ ମନେହୁଏ। ରାଜନୈତିକ ପରିବର୍ତ୍ତନ ସତ୍ତ୍ୱେ ଭୁଟାନ୍‌ର ରାଜା ଜିଗ୍‌ମେ ଖେସର ନାମଗିଲ ୱାଙ୍ଗ୍‌ଚୁକ ଭୁଟାନ୍‌ରେ ନିର୍ବାଚନ ସମୟରେ ଏହି ଘୋଷଣା କରିଛନ୍ତି ,ଯେଉଁଥିରୁ ନିର୍ବାଚନ ପରେ ଏହା ଚାଲୁ ରହିବାର ସଙ୍କେତ ମିଳୁଛି। ଏହି ପ୍ରକଳ୍ପ ବିଷୟରେ ଆଲୋଚନା କରିବା ପାଇଁ କିଙ୍ଗ୍ ୱାଙ୍ଗଚୁକଙ୍କ ଭାରତ ଗସ୍ତ ଭାରତୀୟ ଭିତ୍ତିଭୂମି ଏବଂ ବେସରକାରୀ ପୁଞ୍ଜି ବିନିଯୋଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ, ଯାହା ଭୁଟାନ୍‌ରେ ଚାଇନାର ବଢୁଥିବା ପ୍ରଭାବକୁ ପ୍ରତିହତ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ସୂଚିତ କରେ। ଭୁଟାନ୍‌ରେ ସ୍ୱାସ୍ଥ୍ୟସେବା ଏବଂ ବିକାଶରେ ଭାରତର ସକ୍ରିୟ ଯୋଗଦାନ ମହତ୍ତ୍ୱପୂର୍ଣ୍ଣ ଏବଂ ଦେଶର ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପଗୁଡ଼ିକରେ ଏହାର ଯୋଗଦାନ ଭାରତର ଆଞ୍ଚଳିକ ନେତୃତ୍ୱକୁ ଦୃଢ଼ କରିବାରେ ଏକ ରଣନୀତିକ ପ୍ରତିକ୍ରିୟାର ପ୍ରତୀକ।

### ନିଯୁକ୍ତି ଦ୍ୱନ୍ଦ୍ୱ

କେନ୍ଦ୍ରୀୟ ଅର୍ଦ୍ଧ ସାମରିକ ବଳ ଏବଂ କେନ୍ଦ୍ରୀୟ ପୋଲିସ ସଂଗଠନଗୁଡ଼ିକରେ ମହାନିର୍ଦ୍ଦେଶକ (ଡିଜି) ସ୍ତରୀୟ ପଦବୀଗୁଡ଼ିକ ଖାଲି ରହିବାରୁ ସେଗୁଡ଼ିକ ସମସ୍ୟା ସାମ୍ନା କରୁଛନ୍ତି। ତେବେ ମହମ୍ମଦ ତାଜ ହାସନଙ୍କ ଅବସର ପରେ ଖାଲିଥିବା ନେତୃତ୍ୱ ସ୍ତରୀୟ ପଦବୀ ସଂଖ୍ୟା ଅଧିକ ହୋଇଯିବ । ହାସନ ଚଳିତ ମାସ ଶେଷରେ ଅଗ୍ନିଶମ ସେବା, ସିଭିଲ ଡିଫେନ୍ସ ଏବଂ ହୋମଗାର୍ଡରେ ଡିଜି ପଦବୀରୁ ଅବସର ନେବାକୁ ଯାଉଛନ୍ତି। ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ସିଆଇଏସ୍ଏଫ୍) ଏବଂ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ (ସିଆର୍‌ପିଏଫ୍) ଭଳି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାରେ ନିୟମିତ ଭାବେ ଡିଜି ନିଯୁକ୍ତିରେ ବିଳମ୍ବ ଅତ୍ୟନ୍ତ ଚିନ୍ତାଜନକ। ତେବେ ଜାତୀୟ ମାନବ ଅଧିକାର ଆୟୋଗ (ଏନ୍ଏଚ୍ଆର୍‌ସି)ର ଡିଜି ପଦବୀରୁ ଗତ ଅଗଷ୍ଟରୁ ମନୋଜ ଯାଦବ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) କୁ ବଦଳି ହେବା ପରେ ଦୀର୍ଘସମୟ ତାହା ଖାଲି ରହିବା ଏହି ସମସ୍ୟାକୁ ଅଧିକ ଜଟିଳ କରିଛି। ଅନ୍ୟ ଏକ ଘଟଣାକ୍ରମରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ନ୍ୟାଶନାଲ ପୋଲିସ ଏକାଡେମୀରେ ଡିଜି ପଦବୀକୁ ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ସ୍ତରୀୟ ପଦବୀ ଭାବରେ ବିବେଚନା କରାଯିବାକୁ ନେଇ ବାବୁମାନେ ଦ୍ୱନ୍ଦ୍ୱରେ ପଡିଛନ୍ତି। ଫେବୃୟାରୀ ୨୦୨୩ରେ ସୀମା ରାଜନଙ୍କ ଅବସର ପରେ ତତ୍କାଳୀନ ଇନ୍ସପେକ୍ଟର ଜେନେରାଲ ଅମିତ ଗାର୍ଗଙ୍କୁ ଏଡିଜି ପଦବୀକୁ ଅନୁଷ୍ଠାନର ମୁଖ୍ୟ ଭାବରେ ପଦୋନ୍ନତି ଦିଆଯାଇଥିଲା। ନିକଟରେ ସଂସଦରେ ସୁରକ୍ଷା ଭଙ୍ଗକୁ ନେଇ ବିଭିନ୍ନ ସର୍ଭିସ ଓ ବ୍ୟାଚ୍‌ର ବରିଷ୍ଠ ଅଧିକାରୀମାନେ ଅଧିକ ସଚେତନ ହୋଇଛନ୍ତି। ଏହା ସିଆଇଏସ୍ଏଫ୍, ସିଆର୍‌ପିଏଫ୍ ଏବଂ ଅଗ୍ନିଶମ ସେବା ଓ ନାଗରିକ ସୁରକ୍ଷା, ସମ୍ଭବତଃ ଏନ୍ଏଚ୍ଆର୍‌ସିରେ ନିୟମିତ ଡିଜିଙ୍କ ନୂତନ ନିଯୁକ୍ତି ଘୋଷଣାକୁ ତ୍ୱରାନ୍ୱିତ କରିପାରେ ।

### ପୁନର୍ଗଠନର ସଙ୍କେତ

କେନ୍ଦ୍ର ଏବେ କମ୍ପିଟିଶନ କମିଶନ ଅଫ୍ ଇଣ୍ଡିଆ (ସିସିଆଇ)ରେ ଖାଲିଥିବା ମହାନିର୍ଦ୍ଦେଶକ ପଦବୀ ପୂରଣ କରିଛି। ଏଥିରେ ୧୯୯୪ ବ୍ୟାଚ୍ ଆଇଆର୍‌ଏସ୍ (ଆୟକର)ଅଧିକାରୀ ଅଂଶୁମାନ ପଟ୍ଟନାୟକଙ୍କୁ ନିଯୁକ୍ତ କରାଯାଇଛି। ନଭେମ୍ବରରେ ଅତୁଲ ବର୍ମା ତାଙ୍କର ଦ୍ୱିତୀୟ ବର୍ଦ୍ଧିତ କାର୍ଯ୍ୟକାଳ ଶେଷ କରିବା ପରେ ଏହି ପଦବୀ ଖାଲି ହୋଇଥିଲା। ସିସିଆଇର ସ୍ୱାଧୀନ ଅନୁସନ୍ଧାନ ଶାଖାର ମୁଖ୍ୟ ଭାବରେ ପଟ୍ଟନାୟକ ବୃହତ୍ ଟେକ୍ କମ୍ପାନୀ ସମେତ ଅନେକ ହାଇପ୍ରୋଫାଇଲ କର୍ପୋରେଟ ଉପରେ ଅନୁସନ୍ଧାନର ନେତୃତ୍ୱ ନେବେ। ଏହି ସମୟରେ ଅନ୍ୟ ଏକ ପଦକ୍ଷେପ କ୍ରମେ ୨୦୦୬ ବ୍ୟାଚ୍ ଆଇଆର୍‌ଏସ୍ ଅଧିକାରୀମାନଙ୍କୁ ଆୟକର କମିଶନର (ସିଆଇଟି) ଗ୍ରେଡରେ ପଦୋନ୍ନତି ଦିଆଯାଇଛି। ମୋଟ ୫୮ ଆଇଆର୍‌ଏସ୍ ଅଧିକାରୀଙ୍କୁ ପଦୋନ୍ନତି ଦିଆଯାଇଛି, ଯାହା ଆଇଆର୍‌ଏସ୍ ମଧ୍ୟରେ ପ୍ରମୁଖ ପଦବୀଗୁଡ଼ିକର ପୁନର୍ଗଠନକୁ ସୂଚିତ କରୁଛି। ସୂଚନାଯୋଗ୍ୟ ଯେ, ୧୬ଜଣ ଆଇଆର୍‌ଏସ୍‌ଅଧିକାରୀଙ୍କ ନିଯୁକ୍ତି ତାଲିକା ପାଇଁ ବିଭାଗୀୟ ପଦୋନ୍ନତି କମିଟି (ଡିପିସି)ର ସୁପାରିସକୁ ଗୁପ୍ତରେ ରଖାଯାଇଛି। ଷଡ଼ଯନ୍ତ୍ର କଥା ବି ଉଠୁଛି, ଯେଉଁଥିରେ ଅତି କମ୍‌ରେ ୩ଜଣ ଆଇଆର୍‌ଏସ୍ ଅଧିକାରୀଙ୍କୁ ନିଯୁକ୍ତି ତାଲିକାରୁ ବଞ୍ଚିତ କରାଯାଇଥିବା କୁହାଯାଉଛି। ଏହି ନିଷ୍ପତ୍ତିଗୁଡ଼ିକର କାରଣ ଅଜ୍ଞାତ ରହିଛି। ଦେଶରେ ଟିକସ ପରିଚାଳନା ଏବଂ ନିୟାମକ ତଦାରଖ ଉପରେ ଏହିସବୁ ପରିବର୍ତ୍ତନର କ'ଣ ପ୍ରଭାବ ରହିବ ତାହା ପରେ ଜଣାପଡ଼ିବ।

Email: dilipcherian@gmail.com

su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | 8 | | | |
| 9 | | | | 4 | | | 1 | |
| 4 | | 5 | 2 | 9 | | | | 7 |
| 1 | | 7 | | | | | | 2 |
| | | | | 6 | | | | 4 |
| 2 | | 9 | | | 7 | | | 3 |
| | | | 8 | | 1 | | | |
| | | | 5 | | | 2 | | |
| | 5 | | | | | 3 | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 8 | 5 | 1 | 7 | 3 | 2 | 9 | 4 |
| 4 | 9 | 1 | 2 | 8 | 5 | 7 | 3 | 6 |
| 7 | 2 | 3 | 6 | 9 | 4 | 1 | 5 | 8 |
| 8 | 3 | 9 | 4 | 1 | 2 | 5 | 6 | 7 |
| 2 | 5 | 6 | 7 | 3 | 8 | 4 | 1 | 9 |
| 1 | 7 | 4 | 5 | 6 | 9 | 3 | 8 | 2 |
| 9 | 4 | 7 | 8 | 5 | 1 | 6 | 2 | 3 |
| 3 | 1 | 2 | 9 | 4 | 6 | 8 | 7 | 5 |
| 5 | 6 | 8 | 3 | 2 | 7 | 9 | 4 | 1 |

ଗତକାଲିର ଉତ୍ତର

# ସାଧାରଣ ନିର୍ବାଚନ ପାଇଁ ଅବଗଣନା



ସୌଭାଗ୍ୟ ସୁନ୍ଦରରାୟ

ଲୋକ ସଭା ନିର୍ବାଚନ ପାଇଁ ଆଉ ଅଳ୍ପ କିଛି ମାସ ବାକି ରହିଛି। ରାଜନୈତିକ ଦଳ ପକ୍ଷରୁ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତି ପ୍ରାୟତଃ ଆରମ୍ଭ ହୋଇଗଲାଣି। ଇତିମଧ୍ୟରେ ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନରେ ଭାରତୀୟ ଜନତା ପାର୍ଟି (ଭାଜପା)କ୍ଷମତା ଦଖଲ କରି କର୍ଣ୍ଣାଟକ ବିଫଳତାଜନିତ ନୈରାଶ୍ୟରୁ ବାହାରି ଆସିପାରିଛି। ଦଳର ମନୋବଳ ବୃଦ୍ଧି ପାଇଛି। ୨୦୨୨ରେ କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ଚାଲିଥିବା ସମୟରେ ଦୁଇଟି ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଗୁଜରାଟରେ ଭାଜପା ବିପୁଳ ଭୋଟ ପାଇ ପୁନର୍ବାର କ୍ଷମତାସୀନ ହୋଇଥିବାବେଳେ ହିମାଚଳପ୍ରଦେଶ କଂଗ୍ରେସ ଦଖଲକୁ ଆସିଲା। ଚଳିତ ବର୍ଷ ଆରମ୍ଭରେ ମେଘାଳୟ, ନାଗାଲାଣ୍ଡ ଓ ତ୍ରିପୁରାରେ ବିଧାନସଭା ନିର୍ବାଚନରେ କଂଗ୍ରେସ ବିଶେଷ ସଫଳତା ପାଇପାରିଲା ନାହିଁ। ଏହା ପରେ ୨୦୨୩ରେ ଅନୁଷ୍ଠିତ କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ କଂଗ୍ରେସ କ୍ଷମତା ଦଖଲ କଲା। କର୍ଣ୍ଣାଟକ ଫଳାଫଳ ଭାଜପାକୁ ଚକିତ କରିଥିଲା। ନିକଟରେ ଅନୁଷ୍ଠିତ ରାଜସ୍ଥାନ, ଛତିଶଗଡ଼, ତେଲଙ୍ଗାନା ଓ ମଧ୍ୟପ୍ରଦେଶ ନିର୍ବାଚନରେ କଂଗ୍ରେସ କେବଳ ତେଲଙ୍ଗାନାରେ କ୍ଷମତାସୀନ ହୋଇଥିବାବେଳେ ଅନ୍ୟ ୩ଟି ଯାକ ରାଜ୍ୟ ହାତଛଡ଼ା କରିଛି। ରାଜସ୍ଥାନ, ଛତିଶଗଡ଼ ଓ ମଧ୍ୟପ୍ରଦେଶରେ ଭାଜପା ନୂଆ ଚେହେରା ମୁଖ୍ୟମନ୍ତ୍ରୀ ଅବସ୍ଥାପିତ କରିଛି। ବିଭିନ୍ନ ବର୍ଗଙ୍କୁ ସନ୍ତୁଷ୍ଟ କଲାଭଳି ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଚୟନ କରାଯାଇଛି।

୨୦୨୨ ଶେଷ ଭାଗରୁ ଆରମ୍ଭ ହୋଇଥିବା କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ଜମ୍ମୁ-କଶ୍ମୀରରେ ଶେଷ ହୋଇଥିଲା। ବିଗତ କିଛିବର୍ଷ ମଧ୍ୟରେ 'ଭାରତ ଯୋଡ଼ୋ' କଂଗ୍ରେସର ଏକ ବଡ଼ ରାଜନୈତିକ କାର୍ଯ୍ୟକ୍ରମ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ଯାତ୍ରା ୧୨ଟି ରାଜ୍ୟ ଦେଇ ୩୫୦୦ କିଲୋମିଟର ପଥ ଅତିକ୍ରମ କରିଥିଲା। 'ଭାରତ ଯୋଡ଼ୋ' ଯାତ୍ରା ସମୟରେ କଂଗ୍ରେସର ନୂତନ ସଭାପତି ନିର୍ବାଚନ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ବର୍ଷ ଧରି କଂଗ୍ରେସ ସଭାପତି ଦାୟିତ୍ୱ ତୁଲାଇବା ପରେ ସୋନିଆ ଅବ୍ୟାହତି ନେଇଥିଲେ। କଂଗ୍ରେସର ଯୁଆଳି ପଡ଼ିଥିଲା ମଲ୍ଲିକାର୍ଜୁନ ଖାର୍ଗେଙ୍କ କାନ୍ଧରେ। ମଲ୍ଲିକାର୍ଜୁନ ଜଣେ ଅଭିଜ୍ଞ ରାଜନେତା। ରାହୁଲ ଆରମ୍ଭ କରିଥିବା ଭାରତ ଯୋଡ଼ୋ ଯାତ୍ରା କର୍ଣ୍ଣାଟକରେ କଂଗ୍ରେସ ପାଇଁ ସହାୟକ ହୋଇଥିବା ମନେ ହୋଇଥିଲା। କର୍ଣ୍ଣାଟକରେ ବିଜୟ ପରେ ଦଳରେ ଏକପ୍ରକାର ଆତ୍ମବିଶ୍ୱାସ ସୃଷ୍ଟି ହେଲା। କିନ୍ତୁ



ନିକଟରେ ଅନୁଷ୍ଠିତ ୩ ରାଜ୍ୟରେ ଦଳ ବିପର୍ଯ୍ୟୟର ସମ୍ମୁଖୀନ ହେବା ପରେ ଆଗାମୀ ଲୋକ ସଭା ପାଇଁ କଂଗ୍ରେସର ମୂଳଚାଲ ଶକ୍ତି ହ୍ରାସ ପାଇଛି।

ରାଜସ୍ଥାନରେ କଂଗ୍ରେସ ସରକାର ରହିଥିଲା। ଏହି ରାଜ୍ୟର ବିଧାନସଭା ଆସନ ସଂଖ୍ୟା ୨୦୦। କିନ୍ତୁ ଚଳିତ ନିର୍ବାଚନରେ ଭାଜପା ୧୧୫ଟି ଆସନ ପାଇଥିବାବେଳେ କଂଗ୍ରେସ ୬୯ଟି ଆସନ ପାଇଛି। ମଧ୍ୟପ୍ରଦେଶରେ ମଧ୍ୟ ଗତ ନିର୍ବାଚନରେ କଂଗ୍ରେସ ବିଜୟ ଲାଭ କରି ସରକାର ଗଠନ କରିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ନେତୃତ୍ୱରେ ଦଳର ୨୨ ଜଣ ବିଧାୟକ ଇସ୍ତଫା ଦେବା ପରେ ସରକାର ଭାଙ୍ଗି ଯାଇଥିଲା। ଏଣୁ ଚଳିତ ଥର କଂଗ୍ରେସ ସେଠାରେ ସଫଳତା ଲାଭ କରିବ ବୋଲି ଆଶା କରାଯାଉଥିଲା। କିନ୍ତୁ ତାହା ହୋଇପାରିଲା ନାହିଁ। ଏହି ବିଧାନସଭା ନିର୍ବାଚନର ଫଳାଫଳ ଦଳର ସର୍ବଭାରତୀୟ ପତିଆରାକୁ କେତେକାଂଶରେ କ୍ଷୁଣ୍ଣ କରିଛି। ଏପରି ସ୍ଥିତିରେ 'ଇଣ୍ଡିଆ ମେଣ୍ଟ' ବୈଠକ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ କିଛି ମାସ ଧରି ଅନୁଷ୍ଠିତ ହୋଇ ନ ଥିଲା। ଲୋକ ସଭା ନିର୍ବାଚନ ନିମନ୍ତେ ଆସନ ବୁଝାମଣା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଲୋକ ସଭା ନିର୍ବାଚନ ପାଇଁ ଆଉ ୩ ମାସ ସମୟ ରହିଲା କହିଲେ ଚଳେ। ଏହା ମଧ୍ୟରେ ଲେଖାନୁଦାନ ପାଇଁ ପାର୍ଲାମେଣ୍ଟର ବଜେଟ ଅଧିବେଶନ ସ୍ୱଳ୍ପ ସମୟ ପାଇଁ ଅନୁଷ୍ଠିତ ହୋଇପାରେ। ତେଣେ ଭାରତୀୟ ଜନତା ପାର୍ଟି ନିର୍ବାଚନ ପ୍ରସ୍ତୁତି ଆରମ୍ଭ କରିଥିବା ପରିଲକ୍ଷିତ ହେଉଛି। ବିକାଶ ସହ ଧର୍ମୀୟ ଓ ସାଂସ୍କୃତିକ ପ୍ରସଙ୍ଗକୁ ଦଳ ନିର୍ବାଚନ ପ୍ରକ୍ରିୟାରେ ସାମିଲ କରିବା ପାଇଁ ଉଦ୍ୟମରତ। ଜାନୁୟାରୀରେ ଅଯୋଧ୍ୟାରେ ନୂଆ ରାମମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଇତିମଧ୍ୟରେ କାଶୀ ତାମିଲ ସଙ୍ଗମମ୍ କାଶୀରେ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଅଂଶଗ୍ରହଣ କରିଥିଲେ। ଏକ ସାଂସ୍କୃତିକ ଯୋଗସୂତ୍ର ମାଧ୍ୟମରେ ଦଳ ଦକ୍ଷିଣ ଭାରତରେ ପ୍ରବେଶ ପାଇଁ ଚେଷ୍ଟା କରିବ। କାରଣ ନିକଟରେ ଅନୁଷ୍ଠିତ ନିର୍ବାଚନରେ ସନାତନ ଧର୍ମ ବିବାଦ ଦଳକୁ ସହାୟକ ହୋଇଥିବା ମନେହୁଏ। ଏହି ବିବାଦ ତାମିଲନାଡୁ ରାଜନେତାଙ୍କ ଉଚ୍ଚାରଣରୁ ଆରମ୍ଭ ହୋଇଥିଲା। ହିନ୍ଦୀ ଭାଷାଭାଷୀ ଏକାଧିକ ରାଜ୍ୟରେ ଭାଜପା କ୍ଷମତାସୀନ ହେବା ପରେ ଦଳର ଉତ୍ସାହ ବୃଦ୍ଧି ପାଇବା ସତ୍ତ୍ୱେ ମନରେ କିଛି ଆଶଙ୍କା ରହିଛି। କାରଣ ପଶ୍ଚିମବଙ୍ଗ, କର୍ଣ୍ଣାଟକ ଓ ହିମାଚଳପ୍ରଦେଶ ବିଧାନସଭା ନିର୍ବାଚନରେ ଦଳ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ତେଣେ ଗତ ଉତ୍ତରପ୍ରଦେଶ ବିଧାନସଭାରେ ଭାଜପାର ଆସନ ସଂଖ୍ୟା ହ୍ରାସ ପାଇଛି। ଅର୍ଥାତ ଭାଜପାର ଜନ ସମର୍ଥନ କେତେକାଂଶରେ ହ୍ରାସ ପାଇଛି। ଏହା ଭାଜପା ପାଇଁ ଚିନ୍ତାଜନକ ହୋଇଛି।

ବିଗତ ନିର୍ବାଚନଗୁଡ଼ିକରେ କଂଗ୍ରେସର ଭୋଟ ହାର ହ୍ରାସ ପାଉଥିବା ଓ ନେତାଙ୍କ ଦଳ ତ୍ୟାଗ ପରିପ୍ରେକ୍ଷୀରେ ଦଳ ପକ୍ଷରୁ ଗତବର୍ଷ ଉଦୟପୁରଠାରେ ଅନୁଷ୍ଠିତ ନବ ସଂକଳ୍ପ ଚିନ୍ତନ ବୈଠକକୁ ଘରସଜଡ଼ା ଅଭିଯାନ ଥିଲା ବୋଲି କୁହାଯାଇପାରେ। ଏହି ବୈଠକରେ ଭାରତ ଯୋଡ଼ୋ ଯାତ୍ରା ଆରମ୍ଭ ସହ ଦଳର ପୁନରୁଦ୍ଧାର ପାଇଁ ୬ଟି ଚିଠା ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଉଲ୍ଲେଖନୀୟ ପ୍ରସ୍ତାବ ମଧ୍ୟରେ ପରିବାରବାଦ ଉପରେ ଅଙ୍କୁଶ ଓ ଦଳକୁ ଯୁବ ଚେହେରାଭିମୁଖୀ କରିବା ଅନ୍ତର୍ଭୁକ୍ତ ଥିଲା। ଦଳର ସମସ୍ତ ସ୍ତରରେ ୫୦ ବର୍ଷରୁ କମ୍ ବୟସର ବ୍ୟକ୍ତିଙ୍କୁ ୫୦ଭାଗ ପ୍ରତିନିଧିତ୍ୱ ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିବାବେଳେ ଗୋଟିଏ ପରିବାରରୁ ଜଣଙ୍କୁ ଟିକେଟ ଦିଆଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଭାରତ ଯୋଡ଼ୋ ଯାତ୍ରା ପରେ ଦଳ କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ ସଫଳତା ପାଇଥିଲେ ମଧ୍ୟ ଯୁବ ଚେହେରାଭିମୁଖୀ ହୋଇପାରିଲା ନାହିଁ। ରାଜସ୍ଥାନ ଓ ମଧ୍ୟପ୍ରଦେଶ ଏହାର ଉଦାହରଣ। ଦୁଇ ରାଜ୍ୟରେ ପୁରୁଣା ଚେହେରାଙ୍କ ଦ୍ୱାରା ନିର୍ବାଚନ ଲଢ଼ି କଂଗ୍ରେସ ବିପର୍ଯ୍ୟୟ ସାମନା କଲା। ତେବେ ତେଲଙ୍ଗାନାରେ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ଭାବେ ଯୁବ ଚେହେରା ଅବସ୍ଥାପିତ କରାଯାଇଛି। ଏହା ଦଳ ପାଇଁ ସୁଫଳ ଆଣିବ ବୋଲି ଆଶା କରାଯାଉଛି।

ଗତ ୧୯ ତାରିଖରେ ଅନୁଷ୍ଠିତ ବିରୋଧୀ ଦଳର ଇଣ୍ଡିଆ ମେଣ୍ଟ ବୈଠକରେ ଆସନ ବୁଝାମଣା ପାଇଁ ନିଷ୍ପତ୍ତି ନିଆଯାଇଛି। ଇଣ୍ଡିଆ ମେଣ୍ଟରେ ଅଧିକାଂଶ ହେଉଛନ୍ତି ଆଞ୍ଚଳିକ ଦଳ। ଏଥିମଧ୍ୟରୁ କଂଗ୍ରେସ ଦଳର ଭଲ ସର୍ବଭାରତୀୟ ଭୋଟ ରହିଛି। କିନ୍ତୁ କଂଗ୍ରେସର ଲଗାତର ବିପର୍ଯ୍ୟୟ ଯୋଗୁ ଆଞ୍ଚଳିକ ଦଳ ନିକଟରୁ କଂଗ୍ରେସକୁ ଯେତେଟା ଗୁରୁତ୍ୱ ମିଳିବା କଥା ତାହା ମିଳିପାରୁ ନାହିଁ। ତେଣେ କଂଗ୍ରେସ ବିନା ମେଣ୍ଟ ଗଠନ ମଧ୍ୟ ଅସମ୍ଭବ। ଏଣୁ କଂଗ୍ରେସ ଓ ଏକାଧିକ ଆଞ୍ଚଳିକ ଦଳ ମଧ୍ୟରେ ଆସନ ବୁଝାମଣା ପାଇଁ ଟଣାଓଟରା ଜାରି ରହିଛି। ଫଳରେ ଆସନ ବୁଝାମଣା ତ୍ୱରିତ ଭାବେ ଚୂଡ଼ାନ୍ତ ହୋଇପାରୁ ନାହିଁ। ଏପରି ସ୍ଥିତିରେ ଭାଜପା ନିଜର ନିର୍ବାଚନୀ ରଣକୌଶଳ ଆଗୁଆ ପ୍ରସ୍ତୁତ କରିଥିବା ଜଣାପଡୁଛି। କଂଗ୍ରେସ ଦଳ ଦ୍ୱିତୀୟ ପର୍ଯ୍ୟାୟ ଭାରତ ଯୋଡ଼ୋ ଯାତ୍ରା ପାଇଁ ନିଷ୍ପତ୍ତି ନେବା ସହ 'ଦେଶ ପାଇଁ ଦାନ' ଅଭିଯାନ ଆରମ୍ଭ କରିଛି। ଏଣୁ କହିବାକୁ ଗଲେ ସମସ୍ତ ରାଜନୈତିକ ଦଳ ସାଧାରଣ ନିର୍ବାଚନ ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇସାରିଲେଣି। କିଏ କେଉଁଭଳି ଭାବେ ଭୋଟରଙ୍କୁ ପ୍ରଭାବିତ କରିବେ ତାହା ଆଗକୁ ଦେଖିବାର କଥା।

ମୋ: ୯୪୩୭୨୨୯୨୩୩

# ବିକାଶ ନାମରେ ବିପଦ



ଅସିତ୍ ମହାନ୍ତି

ସିଲ୍‌କ୍ୟାରା-ବାରକୋଟ ସୁଡ଼ଙ୍ଗରେ ୪୧ ଜଣ ଶ୍ରମିକଙ୍କ ଫସିରହିବା ଏବଂ ୧୭ ଦିନିଆ ଉଦ୍ୟମ ପରେ ସେମାନଙ୍କୁ ବାହାର କରିବା କେନ୍ଦ୍ର ସରକାର, ପ୍ରଶାସନ ଏବଂ ବିପର୍ଯ୍ୟୟ ପରିଚାଳନାର ପାରଦର୍ଶିତା ଏବଂ ପ୍ରସ୍ତୁତିକୁ ପରୀକ୍ଷା କରିଛି। ଶ୍ରମିକମାନଙ୍କୁ ଟନେଲରୁ ବାହାର କରିବାରେ ନିୟୋଜିତ ଥିବା ସମସ୍ତ ସରକାରୀ ଏଜେନ୍ସି ଟେକ୍ନିକାଲ ଅକ୍ଷମ ବୋଲି ପ୍ରମାଣିତ ହୋଇଥିବାବେଳେ ଏହି ଘଟଣା ପ୍ରମାଣ କରିଛି ଯେ, ଉତ୍ତରାଖଣ୍ଡ ପରି ଜଟିଳ ଭୂଗୋଳ ଏବଂ ଇକୋସିଷ୍ଟମ ଥିବା ରାଜ୍ୟରେ ମଧ ସରକାର ସବୁକିଛିକୁ କାଜୁଆଲ ଢଙ୍ଗରେ କରନ୍ତି। ସେ ପରିବେଶର ସୁରକ୍ଷା ବିଷୟରେ ଚିନ୍ତା କରନ୍ତି ନାହିଁ କିମ୍ବା ଶ୍ରମ ଆଇନ ପ୍ରତି ମଧ ଧ୍ୟାନ ଦିଅନ୍ତି ନାହିଁ।

ଏହା ବାସ୍ତବରେ ସୁଖ ଏବଂ ବିଜୟର ସ୍ୱାଦ ଥିଲା, ଯାହା ଦେଶରେ ତଥା ଅନ୍ତର୍ଜାତୀୟ ସ୍ତରରେ ଆଲୋଚନାର ବିଷୟ ହୋଇଥିଲା। କିନ୍ତୁ ଏହା ବିଚାର କରିବା ଉଚିତ ଯେ ଏହି ଦୁର୍ଘଟଣା କାହିଁକି ଘଟିଲା, ଏହା ପରିବେଶ ତଥା ଇକୋ-ସିଷ୍ଟମ ଉପରେ କିପରି ପ୍ରଭାବ ପକାଉଛି, ପରିବେଶ ଦୃଷ୍ଟିରୁ ଏହି କାର୍ଯ୍ୟ ଠିକ କି, ସରକାରଙ୍କ ଦ୍ୱାରା ପୂର୍ବ ସଚେତନତା ବ୍ୟବସ୍ଥା କରାଯାଇଥିଲା କି ନାହିଁ ଅନେକ ପ୍ରଶ୍ନ ରହିଛି ? ଏସବୁ ବିଷୟରେ ଚର୍ଚ୍ଚା ହେବା ବାଞ୍ଛନୀୟ। ସର୍ବପ୍ରଥମେ, ଚାରିଧାମ ପ୍ରକଳ୍ପରେ ପରିବେଶ ଏବଂ ଶ୍ରମ ନିୟମ ଉଲ୍ଲଂଘନ କରାଯାଇଛି - ଉତ୍ତରାଖଣ୍ଡରେ ଦ୍ରୁତ ବିକାଶମୂଳକ ପ୍ରକଳ୍ପ ଚାଲିଛି। କିନ୍ତୁ ତୀର୍ଥଯାତ୍ରା ମାର୍ଗ ନିର୍ମାଣ ନାମରେ ଚାରିଧାମ ପ୍ରକଳ୍ପ ପର୍ବତର ଇକୋସିଷ୍ଟମକୁ ନଷ୍ଟ କରିଦେଇଛି। ନିର୍ମାଣାଧୀନ ସିଲ୍‌କ୍ୟାରା-ବାରକୋଟ ଟନେଲରେ ଦୁର୍ଘଟଣା ପର୍ବତରେ ମନୁଷ୍ୟକୃତ ବିପର୍ଯ୍ୟୟର ଅନେକ କାହାଣୀ ମଧ୍ୟରୁ ଗୋଟିଏ ; ଯାହା ଦେଶ ସାମ୍ନାରେ ଆସିଛି। କିନ୍ତୁ ବିକାଶ ନାମରେ ସେଠାରେ ଚାଲିଥିବା କର୍ପୋରେଟ ଲୁଟ ସମଗ୍ର ହିମାଳୟ ଅଞ୍ଚଳକୁ ଏକ ବିପଦପୂର୍ଣ୍ଣ ଅଞ୍ଚଳରେ ରଖିଛି। ଉତ୍ତରାଖଣ୍ଡକୁ ଦେବଭୂମି କୁହାଯାଏ। ଏହା କେବଳ ଚାରୋଟି ପ୍ରମୁଖ ହିନ୍ଦୁ ତୀର୍ଥସ୍ଥାନ ଏଠାରେ ଅବସ୍ଥିତ ହେତୁ ନୁହେଁ, ବରଂ ବାସ୍ତବତା ହେତୁ ଏଠାରେ ବାସ କରୁଥିବା ବିଭିନ୍ନ ଜାତି ଏବଂ ସମ୍ପ୍ରଦାୟ ସମଗ୍ର ହିମାଳୟର ଦୃଶ୍ୟକୁ ପବିତ୍ର ବିବେଚନା କରନ୍ତି। ସେମାନଙ୍କର ଦୃଢ଼ ବିଶ୍ୱାସ ଯେ, ହିମାଳୟକୁ କିଛି କ୍ଷତି ହେଲେ, କେବଳ ପର୍ବତବାସୀଙ୍କ ପାଇଁ ନୁହେଁ, ସମଗ୍ର ମାନବ ଜାତି ପାଇଁ ହିମାଳୟ ପର୍ବତ ବିପର୍ଯ୍ୟୟ ଆଣିପାରେ। ହିମାଳୟ ଏକ ଭୌଗୋଳିକ ପ୍ରତିନିଧିତ୍ୱ କରେ ; ଯାହା ଜଙ୍ଗଲ, ଶିଖର, ଆଲ୍‌ପାଇନ ମାଳଭୂମି, ଉପତ୍ୟକା ଏବଂ ଜଳ କ୍ଷେତ୍ର ମାଧ୍ୟମରେ ଏକ ଜଟିଳ ପର୍ବତ ସଂରଚନାକୁ ସଂରକ୍ଷଣ କରେ ବୋଲି ବିଶ୍ୱାସ କରାଯାଏ। ଆଧୁନିକ ସମ୍ବଳ ପାଇଁ ଭୋକିଲା ଶିକ୍ଷିତ ଜନସଂଖ୍ୟା ପାଇଁ ଏହା ଅନ୍ଧ ବିଶ୍ୱାସ ହୋଇପାରେ, କିନ୍ତୁ ପ୍ରକୃତ କଥା ହେଉଛି ଏହି ବିଶ୍ୱାସ ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ହିମାଳୟ ଅଞ୍ଚଳକୁ ସୁରକ୍ଷା ଦେଇଆସୁଛି, ଯାହା ବର୍ତ୍ତମାନ ବିକାଶ ଦ୍ୱାରା ଧୀରେ ଧୀରେ ନଷ୍ଟ କରାଯାଉଛି। ବାସ୍ତବରେ ବିକାଶ କାହା ପାଇଁ ? ମନୁଷ୍ୟ ପାଇଁ, କିନ୍ତୁ ଏହି ବିକାଶରେ ମନୁଷ୍ୟ ଏବଂ ପ୍ରକୃତିର ସମ୍ପର୍କ ଯଦି ନଷ୍ଟ ହୁଏ ତେବେ ଏହା ବିକାଶ ନୁହେଁ ବରଂ ବିନାଶ ।

୨୦୧୩ରେ କେଦାରନାଥ ବନ୍ୟା,



ଜୋଷୀମଠରେ ଥିବା ଘର ଏବଂ ହୋଟେଲରେ ଫାଟ ସୃଷ୍ଟି ହେବା ପାର୍ବତ୍ୟ ସମ୍ପଦର ଶୋଷଣ ଏବଂ ବେପରୁଆ ନିର୍ମାଣ କାରଣରୁ ହୋଇଛି। ତେବେ, ଆଜି ଦିଲ୍ଲୀର ସିଂହାସନରେ ବସିଥିବା ନେତାମାନେ ଉତ୍ତରପ୍ରଦେଶର ଚାର ଧାମଙ୍କୁ ଜାତୀୟ ସ୍ତରରେ ଭୋଟ ପାଇବାରେ ସାହାଯ୍ୟ କରୁଛନ୍ତି ଏବଂ ପାହାଡ଼କୁ କର୍ପୋରେଟମାନଙ୍କ ପାଇଁ କ୍ଷୀର ଦେଉଥିବା ଗାଈ ଭାବରେ ଦେଖୁଛନ୍ତି। ପାହାଡ଼ର ଲୋକମାନେ ସେମାନଙ୍କ ଭାଗ୍ୟ ନିର୍ମାତାମାନଙ୍କ ସହିତ ଅଧିକ ସହାନୁଭୂତିର ଆଶା କରୁଛନ୍ତି ; ଯେଉଁମାନେ ଏହି କ୍ଷେତ୍ରରେ ପ୍ରତ୍ୟେକ ବିପର୍ଯ୍ୟୟ ପାଇଁ କୌଣସି ପ୍ରକାରେ ଦାୟୀ । ହିମାଳୟ ସମ୍ପ୍ରଦାୟ ଜାଣନ୍ତି ଯେ ଚାର ଧାମ ଯାତ୍ରା ପାଇଁ ନିର୍ମାଣ ହେବାକୁ ଥିବା ଦେଶର ବହୁମୁଖୀ ରାଜପଥ, ରେଳ ନେଟ୍‌ୱର୍କ, ହେଲିପ୍ୟାଡ ଏବଂ ରାଜପଥ ହେଉଛି ସେମାନଙ୍କ ଉପରେ ଥୋପା ହୋଇଥିବା ବିକାଶ ; ଯାହା ଶତାବ୍ଦୀର ପରିବେଶ ସନ୍ତୁଳନକୁ ବାଧା ଦେବ ଏବଂ ସ୍ଥାନୀୟ ଲୋକଙ୍କୁ ବିପଦ ସୃଷ୍ଟି କରିବ। ଭବିଷ୍ୟତରେ ସମ୍ପ୍ରଦାୟଗୁଡ଼ିକୁ ଆଗାମୀ ଶତାବ୍ଦୀ ଧରି ବିପର୍ଯ୍ୟୟର ଅନ୍ଧ ଟନେଲରେ ଠେଲି ଦେବ। ଦିୱାଲୀ ଦିନରେ ମଧ ଟନେଲ ନିର୍ମାଣ କାର୍ଯ୍ୟ ଚାଲିଥିଲା - ହୋଲି, ଦିୱାଲୀ, ଇଦ, ଖ୍ରୀଷ୍ଟମାସ, ୧୫ ଅଗଷ୍ଟ ଏବଂ ୨୬ ଜାନୁୟାରୀ ସାରା ଦେଶରେ ଛୁଟିଦିନ। ଏହି ଦିନ ଲୋକମାନେ ସରକାରୀ, ଅଣ-ସରକାରୀ ଏବଂ ଘରୋଇ କାର୍ଯ୍ୟକୁ ବନ୍ଦ କରି ଏହି ପର୍ବ ପାଳନ କରନ୍ତି। କିନ୍ତୁ ନୂତନ ଭାରତରେ ଟନେଲ ଭିତରେ ଶ୍ରମିକ ନିୟୋଜିତ ହୋଇଥିଲେ। ଏହା ଅତ୍ୟନ୍ତ ଅମାନବୀୟ ଏବଂ ଶ୍ରମ ନିୟମର ଉଲ୍ଲଂଘନ। ଆଶ୍ଚର୍ଯ୍ୟଜନକ କଥା ହେଉଛି ଭାରତ ସରକାରଙ୍କ ଜାତୀୟ ରାଜପଥ ମନ୍ତ୍ରଣାଳୟ ନିଜେ ଶ୍ରମ ଆଇନକୁ ଖଣ୍ଡନ କରିବାରେ ନିୟୋଜିତ ଅଛି। ବିପର୍ଯ୍ୟୟ ପରିଚାଳନାରେ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଅଭିଜ୍ଞତା ନାହିଁ ଏହା ମଧ ପ୍ରମାଣିତ ହେଲା। ଏହି ଘଟଣାର ତଦାରଖ କରିବାକୁ ଉକ୍ତ ସ୍ଥାନ ପରିଦର୍ଶନ କରିଥିବା ବ୍ୟକ୍ତିଙ୍କ ମଧରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି, ସଡ଼କ ଓ ରାଜପଥ ମନ୍ତ୍ରୀ ନିତୀନ ଗଡକରୀ ଏବଂ ଜେନେରାଲ (ଅବସରପ୍ରାପ୍ତ) ଭି.କେ. ସିଂ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଡେପୁଟି ସେକ୍ରେଟାରୀଙ୍କଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀଙ୍କ ମୁଖ୍ୟ ସଚିବ ପ୍ରତ୍ୟେକ ଛୋଟ କିମ୍ବା ବଡ଼ ପ୍ରଗତି ଉପରେ ନଜର ରଖିଥିଲେ। ଏଥିମଧରେ ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍, ବିଆର୍‌ଓ, ଜାତୀୟ ରାଜପଥ ଏବଂ ଭିତ୍ତିଭୂମି ବିକାଶ ନିଗମ ଲିମିଟେଡ୍, ନବଯୁଗ, ତୈଳ ଏବଂ ପ୍ରାକୃତିକ ଗ୍ୟାସ୍ ନିଗମ, ଟେହେରୀ ହାଇଡ୍ରୋ ଡେଭଲପମେଣ୍ଟ କର୍ପୋରେଶନ, ସତଲୁଜ ଜଳ ବିଦ୍ୟୁତ୍ ନିଗମ, ରେଳ ବିକାଶ ନିଗମ ଲିମିଟେଡ୍, ଟ୍ରେଞ୍ଚଲେସ ଇଞ୍ଜିନିୟରିଂ ୱାର୍କସ ରହିଛି। ଉଦ୍ଧାର କର୍ମଚାରୀମାନେ ଫସି ରହିଥିବା ଶ୍ରମିକଙ୍କ ନିକଟରେ ପହଞ୍ଚିବା ପାଇଁ ଏକକାଳୀନ ପାଞ୍ଚଟି ଯୋଜନା ଉପରେ କାର୍ଯ୍ୟ କରୁଥିଲେ। କିନ୍ତୁ ପ୍ରତ୍ୟେକ ରଣନୀତି ଫ୍ଲପ୍ ବୋଲି ପ୍ରମାଣିତ ହେଲା। ଶେଷରେ ରେଟ ହୋଲ ଖଣିଗୁଡ଼ିକ (ଯାହା ଦେଶରେ ଆଇନ ଦ୍ୱାରା ନିଷେଧ) ନିୟୋଜିତ କରାଯାଇଥିଲା ଏବଂ ସେତେବେଳେ ହିଁ ସଫଳତା ହାସଲ କରାଯାଇଥିଲା। ଏଭଳି ପରିସ୍ଥିତିରେ ପ୍ରଶ୍ନ ଉଠେ ଯେ ଦେଶର ସମସ୍ତ ଏଜେନ୍ସି ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ କେବଳ ହାତୀର ଦାନ୍ତ, ଯାହା କେବଳ ଶୋ ପାଇଁ ?

**ସୁଜନପୁର, ଯାଜପୁର**
**ମୋ: ୯୩୪୮୭୬୮୮୧୨**

## ଏଇ ଭାରତରେ

ଜୈବ ଇନ୍ଧନ ଚାଳିତ ଦୁଇଚକିଆ ଯାନ ଯୋଗୁ ବାୟୁ ପ୍ରଦୂଷଣ ବଢୁଛି। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ମୋଟର କମ୍ପାନୀ ବିଦ୍ୟୁତ୍ ଚାଳିତ ଯାନ(ଇଭି)ଉତ୍ପାଦନରେ ଲାଗିଛନ୍ତି। କିନ୍ତୁ ବ୍ୟକ୍ତିଗତ ସ୍ତରରେ ପ୍ରଦୂଷଣ ରୋକିବା ଲାଗି ବେଙ୍ଗାଲୁରର ଆଶିଷ ଡୋକାନିଆଙ୍କ ପ୍ରୟାସ ପ୍ରଶଂସନୀୟ। ସେ ଗ୍ରୀନ୍ ଟାଇଗର ମୋବିଲିଟି ଷ୍ଟାର୍ଟଅପ୍ ଗଠନ କରି ତା' ମାଧ୍ୟମରେ ଜୈବ ଇନ୍ଧନ ଚାଳିତ ଦୁଇଚକିଆ ସ୍କୁଟରକୁ ଇଭିରେ ପରିଣତ କରୁଛନ୍ତି। ମୂଳ ପେଟ୍ରୋଲ ଇଞ୍ଜିନ ନ ବଦଳାଇ ସେଥିରେ ମୋଟର ଓ ଇଲେକ୍ଟ୍ରି ପାୱାର ଟ୍ରେନ୍ ଲଗାଯାଉଛି। ଫଳରେ ଏହି ଯାନରେ ଉଭୟ ଜୈବ ଇନ୍ଧନ ଏବଂ ବିଦ୍ୟୁତ୍‌ର ବିକଳ୍ପ ରହୁଛି। ସେଥିରେ ବ୍ୟାଟେରି, କଣ୍ଟ୍ରୋଲର ଓ ସ୍ମାର୍ଟ ଡିସପ୍ଲେ ଲଗାଯାଉଛି। ଏହି କମ୍ପାନୀ ଆରଟିଓ ଓ ଅଟୋମୋଟିଭ ରିସର୍ଚ୍ଚ ଆସୋସିଏଶନ ଅଫ୍ ଇଣ୍ଡିଆ(ଏଆର୍‌ଏଆଇ)ର ସ୍ୱୀକୃତି ଲାଭ କରିଛି। ଏବେ ସୁଦ୍ଧା କମ୍ପାନୀ ୫୦ଟି ସ୍କୁଟରକୁ ଇଭି କରିସାରିଲାଣି। ସେ ଅକ୍ଷୟଶକ୍ତି କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମୟରେ ପ୍ରଦୂଷଣ ରୋକିବାରେ ଇଭିର ଆବଶ୍ୟକତା ଉପଲବ୍ଧି କରିବା ପରେ ଏହି କାର୍ଯ୍ୟ ଆରମ୍ଭ କରିଥିଲେ। ଏବେ ଦୁଇଚକିଆ ଚାଳକଙ୍କ ପାଇଁ ଏଭଳି ଇଭି ସୁଯୋଗ ଆଣିଦେବ ବୋଲି କହନ୍ତି ଆଶିଷ।

## ୫୦ ବର୍ଷ ତଳର ଧରିତ୍ରୀ

୩୦ ଡିସେମ୍ବର ୧୯୭୪

- ହୃଦ୍‌ରୋଗାକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ରାଜସ୍ଥାନର ପ୍ରଥମ ମୁଖ୍ୟମନ୍ତ୍ରୀ ପଣ୍ଡିତ ହୀରାଲାଲ ଶାସ୍ତ୍ରୀଙ୍କ ପରଲୋକ।
- ଭାରତ ମହାସାଗରସ୍ଥିତ ବ୍ରିଟିଶ୍ ଦ୍ୱୀପ ଡିଏଗୋଗାର୍ସିଆରେ ଆମେରିକାର ସାମରିକ ଘାଟି ନିର୍ମାଣ ପାଇଁ ୨୯୪୮ ନିୟୁତ ଡଲାର ବ୍ୟୟ ବ୍ୟବସ୍ଥା ସମ୍ବଳିତ ବିଧେୟକକୁ ରାଷ୍ଟ୍ରପତି ଫୋର୍ଡଙ୍କ ସ୍ୱାକ୍ଷର।
- ଗ୍ୱାଟେମାଲା ସିଟିଠାରେ ଏକ ବିମାନ ଦୁର୍ଘଟଣା ଘଟି ୨୦ ଜଣ ଆମେରିକାନ୍ ପର୍ଯ୍ୟଟକଙ୍କ ସମେତ ୨୨ ଯାତ୍ରୀ ନିହତ।

## ପାଠକ ଶ୍ରେଷ୍ଠ ବିଚାରକ

### ନଦୀବନ୍ଧ ରାସ୍ତା ମରାମତି ହେଉ

ମହାଶୟ,

କଟକ ସଦର ଅନ୍ତର୍ଗତ ଗତିରାଉତପାଟଣାଠାରୁ ଆୟତପୁର ଦେଇ ଯାଇଥିବା ନଦୀବନ୍ଧ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ରାସ୍ତା ମହାନଦୀ କଡରେ ଯାଇଛି। ରାସ୍ତାରେ ଦୁଇଚକିଆ, ତିନିଚକିଆ ଏବଂ ଚାରିଚକିଆ ବାଲିଗାଡ଼ି ଯାତାୟାତ କରିଥାଏ। ଏହିପରିକି ପରିବା ବିକାଳୀମାନେ ପରିବା ପାଇଁ କଟକ ଯାଇଥାନ୍ତି। ମଟର ସାଇକେଲରେ ଯାତାୟାତ ସୁରକ୍ଷିତ ନୁହେଁ। ବହୁ ସମୟରେ ଛୋଟ ବଡ଼ ଦୁର୍ଘଟଣା ମଧ ଘଟୁଛି। ଏହାକୁ ସାମୟିକ ଭାବେ ମରାମତି କଲେ ଯାତ୍ରା ସୁଗମ ହୋଇପାରିବ। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବା ଆବଶ୍ୟକ। ରାସ୍ତାକୁ ଅଣଦେଖା କରିବା ଅନୁଚିତ୍।

**-ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ**

## ଚିରନ୍ତନୀ

ହିଂସାବିହୀନ ଶାନ୍ତ ଉପରେ ପଡିଲା ଦାଗ
ଦିଶେ ଦିଶେ ଆଜି ଚମକି ଉଠିଲା ରକ୍ତରାଗ !
ସମାନ ହେବାକୁ ସମାଜ ଏଣିକି ସହଜ ହେଲା
ରୁଧିରେ ବୋଳିଛ ହାତ ଯେହୁ ଆସ ହିନ୍ଦୁ ଚେଲା !
-(ରକ୍ତ-ସ୍ରୋତ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ମଦ ଜବତ, ଜଣେ ଗିରଫ

ବଇଣ୍ଡା,(ପରିକ୍ଷିତ ସାହୁ): କିଶୋରନଗର ପୋଲିସ ଶୁକ୍ରବାର ହିମିତିରା ଅଞ୍ଚଳରୁ ଚୋରା ମଦ ବିକ୍ରି କରୁଥିବା ଅଭିଯୋଗରେ ହିମିତିରା ଗ୍ରାମର ଭୀମସେନ ବେହେରାଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ୯ ବୋତଲ ବିଦେଶୀ ମଦ ଜବତ କରାଯାଇଛି। ପୋଲିସ କହିଛି, ଭୀମସେନ ବିକ୍ରି କରିବା ପାଇଁ ଚୋରାରେ ମଦ ନେଉଥିବାବେଳେ ଖବରପାଇ ପୋଲିସ ଚଢାଉ କରିଥିଲା। ଏ ନେଇ ନମ୍ବର ୨୯୦/୨୩ ରେ ଏକ ମାମଲା ରୁଜୁ ହୋଇଛି।

# ଆଜି ନଗର ପରିକ୍ରମା କରିବ ଶୋଭାଯାତ୍ରା

**ଅନୁଗୋଳ,୨୯।୧୨ (ଅମିତ କୁମାର ସାମଲ)**


ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଅଯୋଧ୍ୟା ମନ୍ଦିର ପ୍ରାଣ ପ୍ରତିଷ୍ଠା ଉପଲକ୍ଷେ କାର୍ଯ୍ୟକ୍ରମ ପରିଚାଳନା ପାଇଁ ଅନୁଗୋଳ ମାରୱାଡି ପଞ୍ଚାୟତ ଧର୍ମଶାଳା ଠାରେ ଏକ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏକ ଖବରଦାତା ସମ୍ମିଳନୀ କରାଯାଇ ଆଗାମୀ ଜାନୁୟାରୀ ୨୨ରେ ହେବାକୁ ଥିବା ଶ୍ରୀରାମ ଲାଲାଙ୍କ ମନ୍ଦିର ପ୍ରତିଷ୍ଠା ସମ୍ପର୍କିତ ଅଭିଯାନର ବିଶଦ ବିବରଣୀ ପ୍ରଦାନ କରାଯାଇଥିଲା। ଅଯୋଧ୍ୟାସ୍ଥିତ ଶ୍ରୀରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ପାଇଁ ଡିସେମ୍ବର ୩୦ ଶନିବାର ପୂର୍ବାହ୍ନ ୧୦ଟା ୩୦ରେ ଏକ ଶୋଭାଯାତ୍ରା ଶୈଳଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିର ଠାରୁ ବାହାରି ଅନୁଗୋଳ ନଗର ପରିକ୍ରମା କରିବ। ସେହିପରି ଜାନୁୟାରୀ ୧ ଠାରୁ ୧୫ ତାରିଖ ପର୍ଯ୍ୟନ୍ତ ଅଯୋଧ୍ୟାରୁ ଆସିଥିବା ପବିତ୍ର 'ଅକ୍ଷତ' ନିମନ୍ତ୍ରଣ ସ୍ୱରୂପ ବଣ୍ଟନ କରାଯିବ। ପ୍ରାଣ ପ୍ରତିଷ୍ଠା ଦିବସ ଜାନୁୟାରୀ ୨୨ରେ ପ୍ରତି ପରିବାର ୫ଗୋଟି ଦୀପ ଜଳାଇ କାର୍ଯ୍ୟକ୍ରମରେ ସାମିଲ ହେବେ। ସେହିପରି ଜାନୁୟାରୀ ୨୨ ସନ୍ଧ୍ୟାରେ ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ସମ୍ମୁଖରେ ଏକକାଳୀନ ୧୧ ଶହ ଦୀପ ଜଳାଯିବ। ଏହି ଖବରଦାତା ସମ୍ମିଳନୀରେ ସଂଯୋଜକ ଅଭୟ ରାୟ, ସହ ସଂଯୋଜକ ଚନ୍ଦ୍ରକାନ୍ତ ଧଳ, ଉପଦେଷ୍ଟା ଗୋପାଳ ମୁନ୍ଦ୍ରା, ଅଶୋକ ମୋଦି, ବିଷ୍ଣୁ ତୁଳସିଆନ ପ୍ରମୁଖ ଉପସ୍ଥିତ ଥିଲେ।

# ମହୋତ୍ସବ ଆହୁରି ଆଗକୁ ବଢ଼ିବ

## ଛେଣ୍ଡିପଦା ମହୋତ୍ସବ ଉଦ୍‌ଯାପିତ

**ଛେଣ୍ଡିପଦା,୨୯।୧୨(ଅଜିତ ଧଳ)**

ଛେଣ୍ଡିପଦା ବ୍ଲକ ସଦରମହକୁମାସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖ ପଡିଆରେ ଚାଲିଥିବା ଛେଣ୍ଡିପଦା ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅନୁଗୋଳ ଉପ ଜିଲାପାଳ ତଥା ମହୋତ୍ସବ କମିଟି ଅଧ୍ୟକ୍ଷ ବରଣ୍ୟେନ୍ଦୁ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଯାପନୀ ସନ୍ଧ୍ୟାରେ କୋଶଳାର ସମ୍ବଲପୁରୀ ନୃତ୍ୟ, ନୃତ୍ୟ ନିଳୟ, କଳା ନିକେତନ କାଳୀ ନାଗ, କୋଶଳ ଲୋକନୃତ୍ୟ ଏକାଡେମୀ ପକ୍ଷରୁ ଡାଲଖାଇ, ଗଞ୍ଜାମର ଯୋଡି ଶଙ୍ଖ ଓ ରଣପା ଦ୍ୱାରା ସଙ୍ଗୀତ ଆଦି ପରିବେଷଣ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ସ୍ୱତନ୍ତ୍ର ଅତିଥି ଭାବେ ରାଜ୍ୟ ସରକାରଙ୍କ ରାଜ୍ୟ ଯୁବ ବିକାଶ ପରିଷଦର



ଉଦ୍‌ଯାପନୀ ସନ୍ଧ୍ୟାରେ ଉପସ୍ଥିତ ଅତିଥିମାନେ।

କାର୍ଯ୍ୟ ନିର୍ବାହୀ ଅଧିକାରୀ କୁଞ୍ଜବିହାରୀ ଦାସ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଏମ୍‌ପି ନଗେନ୍ଦ୍ର କୁମାର ପ୍ରଧାନ, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ପ୍ରମୁଖ ଯୋଗ ଦେଇ ଏହି ମହୋତ୍ସବ ଆହୁରି ଆଗକୁ ବଢ଼ିବ ବୋଲି ପ୍ରକାଶ କରିଥିଲେ। ଏହାପରେ ଅତିଥିମାନେ ଅଙ୍ଗନୱାଡି କର୍ମୀ, ମତ୍ସ୍ୟ ଚାଷୀ ଓ ବ୍ଲକସ୍ତରୀୟ ନୂଆ-ଓ କ୍ରୀଡ଼ାରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ମହିଳାଙ୍କୁ ପୁରସ୍କୃତ କରିଥିଲେ। ସ୍ଥାନୀୟ କଳାକାର ବର୍ଷି ଅନୁଗୋଳିଆଙ୍କ କମେଡି ଓ ନକାଶ ଅଜିଜଙ୍କ ସଙ୍ଗୀତ ଦର୍ଶକଙ୍କୁ ବିମୋହିତ କରିଥିଲା। ବିଡିଓ ତ୍ରିବିକ୍ରମ କୁମରା, ତହସିଲଦାର ମାନସ ରାୟ ଓ ଛେଣ୍ଡିପଦା ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ ସହଯୋଗ କରିଥିଲେ। ଛେଣ୍ଡିପଦା ବିକାଶ ସମିତି ସଭାପତି ସୁବାସ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବିକାଶ ସମିତି ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

# ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପ୍ରଥମ ବୈଠକ

**ଅନୁଗୋଳ,୨୯।୧୨ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପ୍ରଥମ ବୈଠକ ଶୁକ୍ରବାର ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ପରିଷଦର ଅଧ୍ୟକ୍ଷ ସଦାଶିବ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଜିଲା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅଧ୍ୟକ୍ଷ ଧନ୍ୟବାଦ ଜଣାଇବା ସହିତ ଅନୁସୂଚିତ ଜନଜାତିମାନଙ୍କ ଉନ୍ନତିରେ ବହୁ ପଦକ୍ଷେପ ନିଆଯାଉଛି ବୋଲି ପ୍ରକାଶ କରିଥିଲେ। ଏହି ବୈଠକରେ ଆଠମଲ୍ଲିକ ଓ ଅନୁଗୋଳ ବ୍ଲକକୁ ୭୫ ଲକ୍ଷ ଟଙ୍କା ଲେଖାଏ ଓ ପାଲଲହଡା ବ୍ଲକକୁ ୧.୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଅନୁମୋଦନ ହୋଇଥିଲା। ସମସ୍ତ ପ୍ରକଳ୍ପ ବ୍ଲକସ୍ତରରେ କାର୍ଯ୍ୟକାରୀ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକଳ୍ପଗୁଡିକୁ ଠିକ୍ ସମୟରେ ଶେଷ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସଦସ୍ୟ ମହେଶ୍ୱର ମାଝି, ସୁରଥ ଦେହୁରୀ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସମସ୍ତ କାର୍ଯ୍ୟକାରୀ କମିଟିସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ତାଳଚେର,୨୯।୧୨(ମନୋଜ ନନ୍ଦ)**

ଅଦିନିଆ ବର୍ଷା ଦାଉରୁ ଗଦା ଧାନକୁ ରକ୍ଷା କରିବା ପାଇଁ ଚାଷୀମାନଙ୍କୁ ସରକାର ପାଲ ଦେବାର ବ୍ୟବସ୍ଥା କରିଛନ୍ତି। ହେଲେ ତାଳଚେର ତହସିଲରେ ଏହି ପାଲ ବଣ୍ଟନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରି କଙ୍କିଳି ସମେତ ଅନ୍ୟ ଗ୍ରାମବାସୀ ଶୁକ୍ରବାର ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଗ୍ରାମବାସୀ ଅଭିଯୋଗ କରିଛନ୍ତି, ପ୍ରକୃତ ଚାଷୀମାନେ ପାଲ ପାଇଁ ତହସିଲଦାରଙ୍କ ନିକଟରେ ଦୀର୍ଘ ଦିନ ହେବ ଦରଖାସ୍ତ କରିଥିଲେ। ଅତିରିକ୍ତ ତହସିଲଦାର ସେଗୁଡ଼ିକୁ ଆର୍‌ଆଇଙ୍କ ନିକଟକୁ ପଠାଇଥିଲେ। ଆର୍‌ଆଇ ପାଲ ଦେବା ପାଇଁ ସମ୍ପୃକ୍ତ ଚାଷୀମାନଙ୍କୁ ଦୁଇଦିନ ପର୍ଯ୍ୟନ୍ତ କାର୍ଯ୍ୟାଳୟକୁ ଦୌଡାଇଥିଲେ। ହେଲେ ପାଲ ଦେବାକୁ ଆରଆଇ ଏବଂ ଅତିରିକ୍ତ ତହସିଲଦାର ମନା କରିଦେଇଥିଲେ। ଏ ନେଇ ସେମାନେ ତହସିଲଦାରଙ୍କୁ ଭେଟି ଆପତ୍ତି ଅଭିଯୋଗ କରିଥିଲେ। ଚାଷୀମାନଙ୍କୁ ପାଲ ଦିଆ ନ ଯାଇ ଏକ ରାଜନୈତିକ ଦଳର ଶହେ କର୍ମୀଙ୍କୁ କାହିଁକି ପାଲ ଦିଆଯାଇଛି ବୋଲି ପ୍ରଶ୍ନ କରିଥିଲେ। ଏ ନେଇ ଏକ ତାଲିକା ପ୍ରକାଶ କରିବାକୁ ଭାଜପା ମିଡିଆ ସେଲ୍ ଅଧ୍ୟକ୍ଷ ପର୍ଶୁରାମ ବାରିକ ଦାବି କରିଥିଲେ। ପରେ କଙ୍କିଳି ଗ୍ରାମର ଲିପୁନ କାଞ୍ଜି, ସୁଧାକର ତୁଙ୍ଗ, ସୁନୀଲ ବେହେରା, ଅଲି ସାହୁ, ପଙ୍କଜିନୀ ସାହୁ, ବନ୍ତଲ ଗ୍ରାମର ଚାନ୍ଦୁ ସାହୁ, ସୁମୀ ସାହୁ, ସବିତା ସାହୁ, ମମତା ସାହୁ, ଗୁଞ୍ଜରୀ ସାହୁଙ୍କ ସମେତ ବହୁ ହିତାଧିକାରୀ ଧାରଣା ଦେଇଥିଲେ।

# ଓଡ଼ିଶା ଟିମ୍ କଙ୍କଡ଼ାହାଡ଼ ଜିପି ଚାମ୍ପିୟନ

**କାମାକ୍ଷାନଗର,୨୯।୧୨(ଅମଜାଦ ଖାନ)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କନ୍ଦରା ଖେଳ ପଡିଆଠାରେ ଚାଲିଥିବା ଫୁଟବଲ ପ୍ରତିଯୋଗିତା ଶୁକ୍ରବାର ଶେଷହୋଇଛି। ଫାଇନାଲ ମ୍ୟାଚ ଓଡ଼ିଶା ଟିମ୍ କଙ୍କଡ଼ାହାଡ଼ ଜିପି ଏବଂ ରାଇବୋଲ ଜିପି ଡେଙ୍ଗାବାହାଳ ମଧ୍ୟରେ ଖେଳାଯାଇ ଥିଲା। ଏଥିରେ ଓଡ଼ିଶା ଟିମ୍ କଙ୍କଡ଼ାହାଡ଼ ଜିପି ଚାମ୍ପିୟନ ହୋଇଥିଲା। କଙ୍କଡ଼ାହାଡ ବିଡିଓ ଯଶୋବନ୍ତ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ



ବିଧାୟକ ଡ. ନୃସିଂହ ଚରଣ ସାହୁ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ବିଡିଓ ଯଶୋବନ୍ତ ଦେହୁରୀ, ସାମାଜିକ କର୍ମୀ ରମେଶ ମିଶ୍ର ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। କଙ୍କଡ଼ାହାଡ଼ ବ୍ଲକ ସଭାପତି ତାପସ ପାଣି, ଶୁଭ୍ରାଂଶୁ ମିଶ୍ର, ବ୍ଲକର ସମସ୍ତ କର୍ମଚାରୀ ଏବଂ ବିଜୁ ଜନତା ଦଳର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।


## WANTED

ଧରିତ୍ରୀ DHARITRI Oriya daily

is looking for

**DTP OPERATOR (ADVERTISEMENT)**

- Candidate should have at least 2 years experience in DTP and Creative Design.
- Proficiency in InDesign, Adobe Photoshop & CorelDraw is a must.
- Must possess good typing speed in both Odia & English.
- Experience in print media will be preferred.

Apply immediately to : recruitment@dharitri.com

Attractive salary commensurate with experience


# ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ

**କଣିହାଁ,୨୯।୧୨(ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ୍ ଉପରେ ଦୀର୍ଘ ୨୦ ବର୍ଷ ହେଲା ଭାରିଯାନ ଚଳାଚଳ ନିଷିଦ୍ଧ ଥିବା ବେଳେ ଗତ ଗୁରୁବାର ଏକ ସରକାରୀ କାର୍ଯ୍ୟକ୍ରମ ପାଇଁ ଡ୍ୟାମ୍ ଉପରେ ୯ଟି ଭାରିଯାନକୁ ଚଳାଚଳ ଅନୁମତି ଦିଆଯାଇଥିଲା। ଏହାକୁ ଭାଜପା ପକ୍ଷରୁ ବିରୋଧ କରାଯିବା ସହ ଶୁକ୍ରବାର



ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଏତଲା ଦିଆଯାଇଥିଲା। ଏହି ଘେରାଉ ଏବଂ ଅଧୀକ୍ଷଣ ଯନ୍ତ୍ରୀଙ୍କ ଘେରାଉରେ ଭାଜପା ରାଜ୍ୟ ବିରୋଧରେ ରେଙ୍ଗାଳି ଥାନାରେ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ରେଙ୍ଗାଳି ମଣ୍ଡଳ ସଭାପତି ତ୍ରିପୁରାରୀ ପ୍ରଧାନ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ଜିଲା ଉପସଭାପତି ନୃସିଂହ ବରାଳ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ସୁମନ୍ତ ପ୍ରଧାନ, ପରମାନନ୍ଦ ବିଳାସ, ପରମାନନ୍ଦ ସାମଲ, ଶତ୍ରୁଘ୍ନ ପ୍ରଧାନ, ମୀନା ସାମଲ, ତରୁଣ ସାହୁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ଯୁବଶକ୍ତିର ବିକାଶରେ ସମାଜର ବିକାଶ

**ବଇଣ୍ଡା,୨୯।୧୨(ପରିକ୍ଷିତ ସାହୁ)**

ଛାତ୍ରୀଛାତ୍ରଙ୍କଠାରେ ବହୁ ପ୍ରତିଭା ଲୁଚି ରହିଛି। ଏହା କିଭଳି ବାହାରକୁ ଆସିବ ସେ ନେଇ ସମସ୍ତେ ଯତ୍ନବାନ ହେବା ଦରକାର। ଶୁକ୍ରବାର କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ଏହା କହିଛନ୍ତି। ଅଧ୍ୟକ୍ଷ କାଳନ୍ଦୀ



ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ସଭାରେ ମୁଖ୍ୟବକ୍ତା ଭାବେ କିଶୋରନଗର ସିଟି ସ୍କୁଲ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ, ଅନ୍ୟତମ ଅତିଥି ଭାବେ ଆଠମଲ୍ଲିକ ଉପଜିଲାପାଳ ଜିତେନ୍ଦ୍ର କୁମାର ପାତ୍ର, ମହାବିଦ୍ୟାଳୟ ନୋଡାଲ ଅଫିସର ଅସିତ କୁମାର ଜେନା ଯୋଗ ଦେଇଥିଲେ। ଅଧ୍ୟାପକ ନିରଞ୍ଜନ ଦାସ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧ୍ୟାପକ ଚନ୍ଦ୍ରଶେଖର ସିଂ, ରବିନାରାୟଣ ବେହେରା, ହାଡିବନ୍ଧୁ ପ୍ରଧାନ, ସୁମିତ୍ରା ସ୍ୱାଇଁ, ବିଜେନ୍ଦ୍ର କୁମାର ବିହାରୀ, ପ୍ରିୟବ୍ରତ ସାହୁ, ଶୁଭାଶିଷ ପ୍ରଧାନ, ମଧୁସ୍ମିତା ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।


**JDCA**
JD Centre of Art

**NOTICE INVITING TENDER**

JD Centre of Art (JDCA), a museum with approx. 27,000 Sqft built-up area located on an 1 acre land at A5 Jagamara, Bhubaneswar 751030, Odisha, is inviting sealed tender for the following works:

| S. No | Work | Value (₹) | Submission Deadline |
|---|---|---|---|
| 1 | HVAC | ₹ 17,00,000 /- | 21-01-2024 |
| 2 | Passenger Lift | ₹ 20,00,000 /- | 21-01-2024 |
| 3 | Aluminium Windows | ₹ 6,00,000 /- | 15-01-2024 |
| 4 | Aluminium System Windows | ₹ 11,00,000 /- | 21-01-2024 |
| 5 | Metal Storage Racks | ₹ 19,00,000 /- | 15-01-2024 |

Interested firms/parties should:
1. Email spaces@jdcentreofart.org requesting project information and tender documents.
2. Submit the tender fee of Rs. 1,500/- by DD in favour of JD Centre of Art, Payable at Bhubaneswar.
3. Submit **Sealed Tender** and EMD 2% of the quoted amt. (Rs.) to JDCA, A5 Jagamara, NH5 (next to Hotel Kharavela), Khandagiri, Bhubaneswar 751030, Odisha, as per tender instructions before deadline.

For queries & tender documents: spaces@jdcentreofart.org
T: 0674 2951179, +91 9310322133, +91 8582926548



**ODISHA LIFT IRRIGATION CORPORATION LTD.**
(A Government of Odisha Undertaking)
Plot No. N-17/2, Nayapalli, Bhubaneswar - 751012
Phone: (0674) 2390195, Fax: (0674) 2395844
E-Mail ID: olicltd123@bsnl.in, olicltd@ymail.com

**Empanelment of Advocates in OLIC**

No. ILC-94/2023-9062/OLIC Dated: 26.12.2023

No.CAD-3444: Applications in prescribed format are invited from the eligible advocates for empanelment in Odisha Lift Irrigation Corporation Ltd., Bhubaneswar having 10 (Ten) years practice as an advocate as on 01.01.2024. The application will be received from 01.01.2024 to 15.01.2024 through Registered Post or Speed Post. The application form eligible criteria and other terms and conditions shall be available in the website: **odishalift.com**.

Any addendum/corrigednum/cancellation will be available in the said website.

The authority reserves the right to accept/reject any or all applications without assigning any reasons there.

Sd./- Executive Director (Tech.)
OIPR-32432/11/0047/2324 OLIC Ltd., Bhubaneswar



**Office of the Executive Engineer**
**Road Construction Department,**
**Road Division,Garhwa.**

e-Procurement Notice
For National Competitive Bidding
(Very Short Term Tender)
e-Tender Reference No. : RCD/GARHWA/1338/2023-24
(2nd Call) Date:- 27.12.2023

| | | |
|---|---|---|
| 1. | Name of the work | Improvement of Riding Quality work of Chainpur-Ramkanda Road from km. 13.00 to km. 26.718 (Total Length 13.718 km.) under Road Division, Garhwa |
| 2a. | Approximate Value of Work | Rs. 9,20,24,535.55 (Rupees Nine crore Twenty Lac Twenty Four thousand Five hundred Thirty Five & Paise Fifty Five) only. |
| b. | Bid Security* | Rs. 9,21,000.00 (Rupees Nine Lac Twenty One Thousand) only. |
| 3. | Time of Completion | 03 (Three) Months. |
| 4. | Last date/Time for receipt of bids | 10-01-2024, 12.00 Noon |
| 5. | Date of Publication of Tender on website | 04-01-2024, 10.30 A.M. |
| 6. | Name & address of office Inviting tender | Executive Engineer, RCD, Road Division, Garhwa Pin Code - 822114 |
| 7. | Contact no. of Procurement officer | 06561-295161 |
| 8. | Helpline number of e-Procurement cell | 0651-2401010 |

Note :- The Bid Amount & Bid security will be decrease or increase.
**Further details can be seen on website** http://jharkhand tenders. gov.in
UCAN registration is mandatory for the bidders who are already registered in appropriate class with road construction department Govt. of Jharkhand.

Executive Engineer,
Road Construction Department,
Road Division,Garhwa.
PR 314579 Road(23-24).D


## ଧାନ ବିକ୍ରୟ ବ୍ୟବସ୍ଥାର ଶୁଭାରମ୍ଭ

**ଆଠମଲ୍ଲିକ,୨୯।୧୨ (ଉଦୀପ୍ତ ପୁରୋହିତ)/ ମାଧପୁର (ମନୋଜ ପ୍ରଧାନ)**

ଆଠମଲ୍ଲିକ ସଦର ମହକୁମାସ୍ଥିତ କଇଁତ୍ରାଗଡ଼ ସେବା ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ଚାଷୀଙ୍କ ଧାନ କ୍ରୟ ପାଇଁ ଶୁକ୍ରବାର ମଣ୍ଡି ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ପଣ୍ଡିତ ଚିତ୍ତରଞ୍ଜନ ପାଣିଗ୍ରାହୀ ପୂଜା କରିବା ପରେ ସମବାୟ ସମିତି ସଭାପତି ଦିଲୀପ କୁମାର ସିଂହ ଧାନ କ୍ରୟର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଆଶୁତୋଷ ଗଡତିଆ, କର୍ମଚାରୀ ତୁଷାରକାନ୍ତ ବାରିକ, ଆର୍‌ଏମ୍‌ସିର ମାର୍କେଟିଂ ଗାର୍ଡ ନରୋତ୍ତମ ନାଏକ, ବରିଷ୍ଠ ଚାଷୀ ସୁରେଶ୍ୱରୀ ଚନ୍ଦ୍ର ଦାସ, ରମାନନ୍ଦ ପାଣିଗ୍ରାହୀ, ସୁଶୀଲ ଆଚାର୍ଯ୍ୟ, କବିନ୍ଦ୍ର ଦାସ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ପୁରୁଣାମାଣତ୍ରୀ ପଞ୍ଚାୟତ ମାଳିପଦର ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମିତି ସଭାପତି ନିରଞ୍ଜନ ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଆଠମଲ୍ଲିକ ଏଆର୍‌ସିଏସ ବିରଜା ନନ୍ଦ ଦାସ, ସମିତି ସମ୍ପାଦକ ସୁବ୍ରତ ଦେହୁରୀ, ସମିତିର ସମସ୍ତ ନିର୍ଦ୍ଦେଶକ, ଚାଷୀମାନେ ଉପସ୍ଥିତ ଥିଲେ।

# ବୁବୁନଙ୍କୁ ଅନ୍ତର୍ଜାତୀୟ ଶିକ୍ଷା ପୁରସ୍କାର

**ବଇଣ୍ଡା,୨୯।୧୨(ପରିକ୍ଷିତ ସାହୁ)**



କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳରେ କମ୍ପ୍ୟୁଟର ଶିକ୍ଷାର ପ୍ରସାର ପରିଚାଳନା ପାଇଁ ବୁବୁନ ପ୍ରଧାନଙ୍କୁ ବୁଧବାର ଅନ୍ତର୍ଜାତୀୟ ଶିକ୍ଷା ପୁରସ୍କାରରେ ସମ୍ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ସୁଲୋତା ଦେଓ ଯୋଗଦେଇ ମାନପତ୍ର ଦେଇ ବୁବୁନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ଡିଜିଟାଲ ଦୁନିଆରେ ପ୍ରତ୍ୟେକ ପରିବାରକୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଭୁବନେଶ୍ୱରର ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ ଯୋଗ ଦେଇଥିଲେ। ବୁବୁନ ବଇଣ୍ଡା ଅଞ୍ଚଳରେ ବହୁ ଛାତ୍ରୀଛାତ୍ରଙ୍କୁ କମ୍ପ୍ୟୁଟର ଶିକ୍ଷା ଦେବା ସହ କିଭଳି ଏହି ଶିକ୍ଷା ସମସ୍ତଙ୍କଠାରେ ପହଞ୍ଚିବ ସେ ନେଇ ତତ୍ପର ଥିବା ପ୍ରକାଶ କରିଛନ୍ତି।


**CITY HEALTH SOCIETY, CUTTACK**
**NATIONAL HEALTH MISSION, ODISHA**
**Dept. of Health & Family Welfare, Govt. of Odisha**
Adv. No. 3032/CPMU/NUHM/CTC-31/2021 Date: 29.12.2023

**TENDER NOTICE**

Sealed tenders in prescribed format are invited from the Manufacturers/Authorized Dealers for supply/fixing of different printing & painting assignments under City Health Society, Cuttack under National Health Mission.

The bidder should submit two separate sealed packets i.e. one for Technical Bid and another for Financial Bid to be superscribed on the cover of the packets separately and to be kept in a single cover which should be superscribed as "Tender for Supply/ Fixing of different printing & painting assignments under City Health Society, Cuttack. The last date of receipt of tender is 12.01.2024 upto 12.30 P.M. & tender will be opened on same day at 3.00 P.M. in the office of undersigned. The list of all the items with detail specification, eligibility criteria and tender terms & conditions may be downloaded from website of Cuttack Municipal Corpoartion i.e. **www.cmccuttack.odisha.gov.in**.

The undersigned has reserve right to reject any or all tenders without assigning any reason thereof. All legal disputes if any relating to the tender are subject to Jurisdiction in the Court of Law situated at Cuttack, Odisha only.

**Sd./- ADUPHO, Cuttack**



## ସର୍ବସାଧାରଣ ଅଧିସୂଚନା

**ଦକ୍ଷିଣ ପୂର୍ବ ରେଳପଥର ପ୍ରଧାନ ମୁଖ୍ୟ ସୁରକ୍ଷା ଅଧିକାରୀଙ୍କ ଦ୍ୱାରା ତା୩୦।୧୨।୨୦୨୩ରିଖ ଦିନ ଖଡ୍ଗପୁର ଡିଭିଜନର ରାଣିତାଲ-ରାଣିତାଲ ଲିଙ୍କ୍ ଜଙ୍କସନ୍ କ୍ୟାବିନ୍ ମଧ୍ୟରେ ନବନିର୍ମିତ ତୃତୀୟ ଲାଇନ୍ ଓ ଚତୁର୍ଥ ଲାଇନ୍‌ର ତଦାରଖ**

ଏତଦ୍ୱାରା ଅଧିସୂଚିତ କରାଯାଉଛି ଯେ, ପ୍ରଧାନ ମୁଖ୍ୟ ସୁରକ୍ଷା ଅଧିକାରୀ, ଦକ୍ଷିଣ ପୂର୍ବ ମଣ୍ଡଳ, କୋଲକାତା **ତା୩୦।୧୨।୨୦୨୩ରିଖ** ଦିନ ଖଡ୍ଗପୁର ଡିଭିଜନର ରାଣିତାଲ-ରାଣିତାଲ ଲିଙ୍କ୍ ଜଙ୍କସନ୍ କ୍ୟାବିନ୍ ମଧ୍ୟରେ ନବନିର୍ମିତ ତୃତୀୟ ଲାଇନ୍ ଓ ଚତୁର୍ଥ ଲାଇନ୍‌କୁ ଖୋଲିବା ପାଇଁ ଏକ ତଦାରଖ ସଞ୍ଚାଳନ କରିବେ । **ତା୩୦।୧୨।୨୦୨୩ରିଖରେ** ଇନ୍ସପେକ୍ସନ୍ ସ୍ପେଶାଲ, ମୋଟର ଟ୍ରଲି, ପୁଶ୍ ଟ୍ରଲି ଆଦି ଦ୍ୱାରା ଆବଶ୍ୟକୀୟ ତଦାରଖ ସମ୍ପାଦନ କରାଯିବ ଏବଂ ଇନ୍ସପେକ୍ସନ୍ ସ୍ପେଶାଲ ଦ୍ୱାରା ସ୍ପିଡ୍ ଟ୍ରାଏଲ୍ କରାଯିବ । ଏତଦ୍ୱାରା ସଡ଼କ ବ୍ୟବହାରକାରୀ, ସ୍ଥାନୀୟ ଜନସାଧାରଣ ଏବଂ ଅନ୍ୟାନ୍ୟ ବ୍ୟବହାରକାରୀଙ୍କୁ ଏହି ଅଧିସୂଚନାକୁ ଧ୍ୟାନରେ ରଖିବା ତଥା ସମ୍ପୃକ୍ତ ରେଳଧାରଣାକୁ ଅତିକ୍ରମ କରିବା ସମୟରେ ପର୍ଯ୍ୟାପ୍ତ ସୁରକ୍ଷା ସତର୍କତା ଅବଲମ୍ବନ କରିବା ଏବଂ ଅନଧିକାର ପ୍ରବେଶକୁ ଏଡ଼ାଇବା ପାଇଁ ପରାମର୍ଶ ଦିଆଯାଉଛି ।

(PR-978) ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଗାର୍ଡେନ୍ ରିଚ୍

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ



## ୟୁକୋ ବ୍ୟାଙ୍କ

ଆଞ୍ଚଳିକ କାର୍ଯ୍ୟାଳୟ:
ସି-୨, ଅଶୋକ ନଗର, ୟୁନିଟ୍-୨, ଭୁବନେଶ୍ୱର,
ପିନ୍-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

## ଦଖଲ ନୋଟିସ୍

(ସ୍ଥାବର ସମ୍ପତ୍ତି ନିମନ୍ତେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା, ସହ-ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା, ସହ-ଋଣଗ୍ରହୀତା ଓ ଜାମିନ୍‌ଦାରମାନମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା, ସହ-ଋଣଗ୍ରହୀତା ଓ ଜାମିନ୍‌ଦାରମାନମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ **ୟୁକୋ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ସହୀଦ ନଗର ଶାଖା / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତି ଗୁଡିକର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ମନଜିତ ସାମଲ, ପିତା: ୰ ପର୍ଶୁରାମ ସାମଲ ଏବଂ ୨) ଶ୍ରୀମତୀ ସୁଶ୍ରୀ ସଙ୍ଗୀତା ସାମଲ, ସ୍ୱାମୀ: ଶ୍ରୀ ମନଜିତ ସାମଲ, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୧୭୪୯, ମଞ୍ଚେଶ୍ୱର, ପାଣ୍ଡରା, ରେଲୱେ କଲୋନୀ, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୧୭ | ୩୧.୦୫.୨୦୨୩ ସୁଦ୍ଧା ଟ.୩୨,୧୦,୫୭୧.୯୨ + ୩୧.୦୫.୨୦୨୩ ଠାରୁ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୦୯.୧୦.୨୦୨୩ / ୨୬.୧୨.୨୦୨୩ | ଶ୍ରୀ ମନଜିତ ସାମଲ ଏବଂ ଶ୍ରୀମତୀ ସୁଶ୍ରୀ ସଙ୍ଗୀତା ସାମଲଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୧୧୦, ପ୍ରଥମ ମହଲା, ବ୍ଲକ୍-ସି, ଟାଇପ୍: ୨ ବିଏଚ୍‌କେ, ଆପାର୍ଟମେଣ୍ଟର ନାମ "କଲ୍ୟାଣୀ ହାଇଟ୍ସ" ସହିତ କାର ପାର୍କିଂ ସ୍ଥାନ, ତହସିଲ ନଂ. ୨୮୮, ବାଲିଅନ୍ତା, ଥାନା ନଂ. ୭, ବାଲିଅନ୍ତା, ଖୋର୍ଦ୍ଧା, ମୌଜା: ଭୀମପୁର, କଲ୍ୟାଣୀ ହାଇଟ୍ସର ଚତୁର୍ପାର୍ଶ୍ୱରେ- ଉତ୍ତର: ରାସ୍ତା |

ଏବଂ ପ୍ଲଟ୍ ନଂ. ୬୬୪, ଦକ୍ଷିଣ: ପ୍ଲଟ୍ ନଂ. ୬୭୧, ୬୬୬ ଏବଂ ୬୬୧, ପୂର୍ବ: ପ୍ଲଟ୍ ନଂ. ୬୭୫ ଏବଂ ୬୭୪, ପଶ୍ଚିମ: ପ୍ଲଟ୍ ନଂ. ୬୬୨

ତାରିଖ: ୨୯.୧୨.୨୦୨୩, ସ୍ଥାନ: ଭୁବନେଶ୍ୱର | ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

### ଅପହୃତା ନାବାଳିକା ଉଦ୍ଧାର

ବଇଣ୍ଡା,(ପରିକ୍ଷିତ ସାହୁ): ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅଞ୍ଚଳରୁ ଅପହୃତ ହୋଇଥିବା ଜଣେ ନାବାଳିକାଙ୍କୁ ଗୁରୁବାର ରାତିରେ ହିନ୍ଦୋଳ ଅଞ୍ଚଳରୁ ପୋଲିସ ଉଦ୍ଧାର କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଜରପଡା ଥାନା ଅଞ୍ଚଳର ଜଣେ ନାବାଳକଙ୍କୁ ଗିରଫ କରି ବାଳସ୍ୱଧାର ଗୃହକୁ ପଠାଇଛି। ଏ ନେଇ ପୋଲିସ ନମ୍ବର ୨୯୯/୨୩ ରେ ଏକ ମାମଲା ରୁଜୁ ହୋଇଛି।

# ବାଲ୍ୟବିବାହ ରୋକାଯାଇପାରୁ ନ ଥିବାରୁ ଉଦ୍‌ବେଗ

### ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମର ସମୀକ୍ଷା

ଢେଙ୍କାନାଳ,୨୯।୧୨(ରତନ ନାୟାର)

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଶୁକ୍ରବାର ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମର ଜିଲାସ୍ତରୀୟ ତ୍ରୈମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲାପାଳ ମନୋରଞ୍ଜନ ମଲ୍ଲିକ ଜିଲାରେ ବାଲ୍ୟ ବିବାହକୁ ଠିକ୍ ଭାବରେ ରୋକାଯାଇ ପାରୁ ନ ଥିବା ହେତୁ ଉଦ୍‌ବେଗ ପ୍ରକାଶ କରିବା ସହ ଅଙ୍ଗନୱାଡି ଓ ଆଶାକର୍ମୀ ଅଧିକ ସକ୍ରିୟ ହୋଇ ବାଲ୍ୟ ବିବାହ ସମ୍ପର୍କରେ ସୂଚନା ଦେବା ଆବଶ୍ୟକ ବୋଲି କହିଥିଲେ। ଏ ସଂକ୍ରାନ୍ତରେ ଜିଲାର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀମାନେ ବିଶେଷ ଯତ୍ନବାନ ହେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଅଧାରୁ ପାଠପଢ଼ା ନ ଛାଡ଼ି ସମସ୍ତ ପିଲା ଯେପରି ଯୁକ୍ତ୨ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବେ ସେ ନେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲାପାଳ ଜିଲା ଶିକ୍ଷା ଅଧିକାରୀଙ୍କୁ କହିଥିଲେ। ସମସ୍ତ ଭିନ୍ନକ୍ଷମପିଲାଙ୍କୁ ଚିହ୍ନଟ କରି ଭତ୍ତା ପ୍ରଦାନ, ଅସହାୟ ଅନାଥପିଲାଙ୍କ ଥଇଥାନ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ବିପଦପୂର୍ଣ୍ଣ କାର୍ଯ୍ୟ, ବିଭିନ୍ନ ଢାବା, ହୋଟେଲ, ଜଳଖିଆ ଆଦି ବ୍ୟବସାୟିକ ସଂସ୍ଥାରେ କାର୍ଯ୍ୟରତ ଶିଶୁଙ୍କ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି ଓ ଆସନ୍ତା ଜାନୁୟାରୀ ଶେଷ ସୁଦ୍ଧା ଶିଶୁଶ୍ରମିକମାନଙ୍କୁ ଉଦ୍ଧାର କରାଯିବ ବୋଲି ଜିଲା ଶ୍ରମ ଅଧିକାରୀ ସଂଗ୍ରାମ କେଶରୀ ଦଳେଇ ସୂଚନା ଦେଇଥିଲେ। ୟୁନିସେଫ୍ ତଥା ଆକ୍ସନଏଡ୍ ଜିଲା ସଂଯୋଜିକା ଅଙ୍ଗୁର ମିଶ୍ର ଜିଲାରେ ହୋଇଥିବା ତ୍ରୈମାସିକ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ବାଲ୍ୟ ବିବାହ ରୋକିବା, କିଶୋରୀମାନଙ୍କୁ ଧନ୍ଦାମୂଳକ ତାଲିମ ପ୍ରଦାନ ଏବଂ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସମ୍ଭବ କାର୍ଯ୍ୟକ୍ରମର ରୂପାୟନ, ରାଜ୍ୟସ୍ତରୀୟ ସଖି-ସହେଲି ସମ୍ମିଳନୀ ଆୟୋଜନ ଆଦି ସମ୍ପର୍କରେ ଅବଗତ କରାଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ, ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ସମାଜ କଲ୍ୟାଣ ଅଧିକାରୀ ମିତା ଶର୍ମା, ଜିଲା ଆଇନସେବା ପ୍ରାଧିକରଣ ସଚିବ ମମିତା ସାହୁ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ପୁଷ୍ପକ ତ୍ରିପାଠୀଙ୍କ ସମେତ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ, ସଖି ଅନୁଷ୍ଠାନ କର୍ମକର୍ତ୍ତା ଓ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀମାନେ ଯୋଗ ଦେଇଥିଲେ।



ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମର ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀମାନେ।

## ଭାଜପାରେ ମିଶିଲେ କଂଗ୍ରେସ, ବିଜେଡି କର୍ମୀ

ଅନୁଗୋଳ,୨୯।୧୨ (ଅମିତ କୁମାର ସାମଲ)

ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ ୩ ନମ୍ବର ଜୋନ୍ ଅନ୍ତର୍ଗତ ଖଲାରୀ ମଣ୍ଡଳ ବଲାସିଂଘା ପଞ୍ଚାୟତ ହାଣ୍ଡିହ ଗ୍ରାମର ବହୁ ବିଜେଡି ଓ କଂଗ୍ରେସ କର୍ମୀ ଶୁକ୍ରବାର ଭାଜପାରେ ସାମିଲ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନୀତି, ଆଦର୍ଶ ଓ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଏବଂ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ରାଜ୍ୟ ଓବିସି ମୋର୍ଚ୍ଚାର ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ବଳିଷ୍ଠ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ଏହି କର୍ମୀମାନେ ମିଶ୍ରପଡ଼ାସ୍ଥିତ ଭାଜପା କାର୍ଯ୍ୟାଳୟରେ ଉପସ୍ଥିତ ରହି ଦଳରେ ଯୋଗଦାନ କରିଛନ୍ତି। ଭାଜପା ନେତା ପ୍ରତାପ ପ୍ରଧାନ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପସଭାପତି ଅମିୟ ତ୍ରିପାଠୀ, ଦୁଃଖବନ୍ଧୁ ସାହୁ ଓ ପଞ୍ଚାୟତ ସଦସ୍ୟ ଦୟାନିଧି ଦାସଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସାଂସ୍କୃତିକ, ସାମାଜିକ ସେବା କାର୍ଯ୍ୟକ୍ରମ

ଢେଙ୍କାନାଳ,୨୯।୧୨(ରତନ ନାୟାର)

ଢେଙ୍କାନାଳ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନଭେମ୍ବର ୧୮ରୁ ଚାଲିଥିବା ନୂଆ-ଓ ସାଂସ୍କୃତିକ ଏବଂ ସାମାଜିକ ସେବା କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ କହିଲେ, ନୂଆ ଓଡ଼ିଶା ପାଇଁ ଯୁବ ଗୋଷ୍ଠୀଙ୍କ ଅବଦାନ ଅତୁଳନୀୟ। ସମ୍ମାନିତ ଅତିଥି ଭାବେ ଓଡ଼ିଶୀ ନୃତ୍ୟଗୁରୁ ଗୌରୀଶଙ୍କର ଦାଶ ଓ କାଉନସିଲର ସନ୍ଦୀପ ଷଡ଼ଙ୍ଗୀ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ମଲ୍ଲଙ୍କ ଅଧ୍ୟକ୍ଷତାରେ କୃତୀ ଛାତ୍ରୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ନୂଆ-ଓ କାର୍ଯ୍ୟକ୍ରମର ନୋଡାଲ ଅଫିସର ଅଧ୍ୟାପିକା ଲିନା ଗନ୍ତାୟତ, ଅଧ୍ୟାପିକା ସାଗରିକା ପଣ୍ଡା, ଅଧ୍ୟାପିକା ପ୍ରଜ୍ଞାପରମିତା ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ସଂସ୍କୃତି ଓ କ୍ରୀଡ଼ା ମନ୍ତ୍ରରେ ଅନୁପ୍ରାଣିତ ହୁଅ



ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପନ ଅବସରରେ ମଞ୍ଚାସୀନ ଅତିଥିମାନେ।

ଢେଙ୍କାନାଳ,୨୯।୧୨(ରତନ ନାୟାର)

ଢେଙ୍କାନାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ନୂଆ-ଓର ବିଚାରଧାରା ସମ୍ପର୍କରେ ଆଲୋକପାତ କରିବା ସହିତ ସମାଜସେବା, ସଂସ୍କୃତି ଓ କ୍ରୀଡ଼ା ମନ୍ତ୍ରରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ ଅଧ୍ୟକ୍ଷତା କରିଥିଲେ। ଜିଲା ନୋଡାଲ ଅଧିକାରୀ ଡ. ଦେବାଶିଷ ମହାନ୍ତି, କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ସଂସ୍କୃତି ସଂଯୋଜକ ଡ. ସୌମ୍ୟା ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟତମ ସଂଯୋଜକ ଡ. ସଞ୍ଜିତ ମହାପାତ୍ର କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମହାବିଦ୍ୟାଳୟସ୍ତରୀୟ ନୋଡାଲ ଅଫିସର ଡ. ଅମୃତ କୁମାର ସେଠୀ, କ୍ରୀଡ଼ା ସଂଯୋଜକ ରବର୍ଟ ୱିଲସନ ବତ୍ରା, ଡ. ଦେବରାଜ ପରିଡା ଓ ଡ. ଭୁପେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# 'ଝର୍କା ସେପଟର ପୃଥିବୀ' ଉନ୍ମୋଚିତ

ଢେଙ୍କାନାଳ,୨୯।୧୨(ରତନ ନାୟାର)

ଢେଙ୍କାନାଳ ଗୋପବନ୍ଧୁ ଟାଉନହଲ ଠାରେ ଗୁରୁବାର କବି ପ୍ରକାଶଚନ୍ଦ୍ର ରାଉତଙ୍କ ପ୍ରଥମ କବିତା ସଂକଳନ 'ଝର୍କା ସେପଟର ପୃଥିବୀ' ଉନ୍ମୋଚିତ ହୋଇଯାଇଛି। ଢେଙ୍କାନାଳ ଥିଙ୍କର୍ସ ଫୋରମ ଆନୁକୂଲ୍ୟରେ ଏହି ଉପଲକ୍ଷେ ଆୟୋଜିତ ଏକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଭାଷା ଗବେଷକ ପଦ୍ମଶ୍ରୀ ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ର, ମୁଖ୍ୟବକ୍ତା ଭାବେ ବିଶିଷ୍ଟ କବି ପ୍ରଭାସିନୀ ମହାକୁଡ, ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା ଆନ୍ଦୋଳନର ପୁରୋଧା ସୁବାସ ପଟ୍ଟନାୟକ, ସାହିତ୍ୟିକ ସନାତନ ମଲ୍ଲିକ, କବିଙ୍କ ପିତା ରଘୁନାଥ ରାଉତ, ମାତା ଦେବକୀ ରାଉତ, ସ୍ତ୍ରୀ ସସ୍ମିତା ରାଉତ, ଶାଶୁ ମୀନତୀ ଜେନା, କନ୍ୟା ପ୍ରିୟଙ୍କା ପ୍ରିୟଦର୍ଶିନୀଙ୍କ ଉପସ୍ଥିତିରେ ସଂକଳନ ଉନ୍ମୋଚନ ହୋଇଥିଲା।



ବିଶିଷ୍ଟ ଶିକ୍ଷାବିତ୍ ଅଟଳ ବିହାରୀ ଦାସ, କବି କାଳୀକିଙ୍କର ଦାସ ପୁସ୍ତକର ସମୀକ୍ଷା କରିଥିଲେ। କବି ନିର୍ମଳା ମହାପାତ୍ରଙ୍କ ପୌରୋହିତ୍ୟରେ କବି ଦେବ ପ୍ରସାଦ ଓ ପିଙ୍କି ପରିଡାଙ୍କ ସଂଯୋଜନାରେ ଉନ୍ମୋଚିତ ହୋଇଥିବା କବିତା ସଂକଳନରୁ କିଛି କବିତା ଆବୃତ୍ତି କରାଯାଇଥିଲା। ବରିଷ୍ଠ ସଦସ୍ୟ ପତିତପାବନ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ। ଏହାପରେ ଜିଲା ଲେଖକ ସଂସଦ ସଭାପତି ବସନ୍ତ ପଟ୍ଟନାୟକଙ୍କ ପୌରୋହିତ୍ୟ, କବି ପ୍ରେମାନନ୍ଦ ରାଉତଙ୍କ ସମ୍ପାଦନ, ମୀନତି ମିଶ୍ର ଓ ବୈଜୟନ୍ତୀ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ପ୍ରାୟ ୫୦ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ଶିକ୍ଷାବିତ୍ ସରୋଜ କୁମାର ଷଡଙ୍ଗୀ, ସତ୍ୟାନନ୍ଦ ମଲ୍ଲିକ, ଭାବଗ୍ରାହୀ ପଣ୍ଡା, ବରିଷ୍ଠ କବି ହିମାଂଶୁ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଢେଙ୍କାନାଳ ଥିଙ୍କର୍ସ ଫୋରମ ସଦସ୍ୟ ଦେବୀ ପ୍ରସନ୍ନ ପାଣି, ବିବେକାନନ୍ଦ ଷଡଙ୍ଗୀ, ଅବିନାଶ ପଟ୍ଟନାୟକ, ଦେବ ପ୍ରସାଦ ସାହୁ, ବୈକୁଣ୍ଠନାଥ ଦ୍ୱିବେଦୀ, ବିଭୁ ଦ୍ୱିବେଦୀ, ଭୋଜରାଜ ସାହୁ, ସୁନିତା ପଟ୍ଟନାୟକ, ସୁଶାନ୍ତ ଜେନା, କମଳ ରାଉତ, ବିନୋଦ ମଲ୍ଲିକ, ଅଂଶିତା ପଟ୍ଟନାୟକ, ସାଗର ବେହେରା, ଓମ୍‌ଉର୍ଜିତ ଶତପଥୀ ଓ ଅଂଶୁମାନ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ସାତମାଇଲ,୨୯।୧୨(ସୁଶାନ୍ତ ପତି)

ଓଡ଼ାପଡ଼ା ବ୍ଲକ ସତ୍ୟମ ଶିବମ ସୁନ୍ଦରମ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଯୁକ୍ତ ୨ ଅଧ୍ୟକ୍ଷ ତାରାପ୍ରସନ୍ନ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ନେହେରୁ ଯୁବକେନ୍ଦ୍ର ସହକାରୀ ନିର୍ଦ୍ଦେଶକ ଅଶୋକ ଦାସ, ସମ୍ମାନିତ ଅତିଥି ଭାବେ ସିଆର୍‌ସି ବବିତା ପରିଡ଼ା, ପୂର୍ବତନ ସଭାପତି ରମେଶ ଚନ୍ଦ୍ର ଦାସ, ମହାବିଦ୍ୟାଳୟର ଯୁକ୍ତ ୩ ଅଧ୍ୟକ୍ଷା ରଶ୍ମିତା ମିଶ୍ର, ନୟାଭାଗୀରଥିପୁର ସରପଞ୍ଚ ଜତି ନାଏକ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।



## ଲୁକ୍କାୟିତ ପ୍ରତିଭାର ବିକାଶ ଏକ ଯୁଗାନ୍ତକାରୀ ପଦକ୍ଷେପ



ନୂଆ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପନୀ ଅବସରରେ ଅତିଥିମାନେ।

ଢେଙ୍କାନାଳ,୨୯।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସିମିନଇ ଆଞ୍ଚଳିକ ଡିଗ୍ରୀ କଲେଜ ପରିସରରେ ଶୁକ୍ରବାର ନୂଆ ଓଡ଼ିଶା, ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ କଲେଜ ଅଧ୍ୟକ୍ଷ ଧରଣୀଧର ବାରିକଙ୍କ ସଭାପତିତ୍ୱରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ବାଳକୃଷ୍ଣ ସାହୁ, ସିମିନଇ ସରପଞ୍ଚ ଅଜିତ ସିଂହ, ପ୍ରତିଷ୍ଠାତା ଶଶାଙ୍କ ଶେଖର ରଥ, ପୂର୍ବତନ ସଭାପତି କୈଳାସ ଚନ୍ଦ୍ର ରାଉତ, ପୂର୍ବତନ ସଭ୍ୟ ଅକ୍ଷୟ କୁମାର ରଥ, ନିରାକାର ପରିଡା ପ୍ରମୁଖ ଯୋଗ ଦେଇଥିଲେ। ନୋଡାଲ ଅଫିସର ସୁଜିତ କୁମାର ସାମଲ ସାମାଜିକ, ସାଂସ୍କୃତିକ ଓ କ୍ରୀଡ଼ା କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ଅଧ୍ୟାପକ ସୁରେନ୍ଦ୍ର କୁମାର ପରିଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଜ୍ଞା ନନ୍ଦଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା। ସାମାଜିକ ନୋଡାଲ ଅଫିସର କୀର୍ତ୍ତି କୌଶିକ ପଣ୍ଡା, କ୍ରୀଡ଼ା ଶିକ୍ଷକ ଅନିଲ କୁମାର ପଣ୍ଡା, ଶଶଧର ସାହୁ, ଅନିତା ଦାସ, ଭାରତୀ ବେହେରା, ପରିମିତା ନାୟକ, ପଲ୍ଲିଶ୍ରୀ ମିଶ୍ର, ପ୍ରଜ୍ଞା ପରିମିତା, ଅନ୍ତର୍ଯ୍ୟାମୀ ବେହେରା, କିଶୋରଚନ୍ଦ୍ର ନନ୍ଦଙ୍କ ସମେତ କର୍ମଚାରୀମାନେ ସହଯୋଗ କରିଥିଲେ।

## ପ୍ରତିଫଳିତ ହୋଇଛି ଅନ୍ତର୍ନିହିତ ପ୍ରତିଭା

କାମାକ୍ଷାନଗର,୨୯।୧୨(ଅମଜାଦ ଖାନ)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଗଡପଳାଶୁଣି ସ୍ନାତକ କଲେଜରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟରେ ଚାଲିଥିବା ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ତାରକେଶ୍ୱର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ନବକିଶୋର ସାହୁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ମୁକୁନ୍ଦ ସେଠ ଓ ରୁଦ୍ରନାରାୟଣ ସାମଲ ଯୋଗ ଦେଇଥିଲେ ଅନ୍ତର୍ନିହିତ ପ୍ରତିଭା ଏହି କାର୍ଯ୍ୟକ୍ରମ ଦ୍ୱାରା ପ୍ରତିଫଳିତ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ରୀଡା, ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ବିକାଶ ତ୍ରିପାଠୀ, ଅନ୍ନପୂର୍ଣ୍ଣା ରାଉତ, ଡଲି ପ୍ରଧାନ, ଗୌରହରୀ ସେଠ, ଗତିକୃଷ୍ଣ ସେଠ, ଶଙ୍କର୍ଷଣ ବାରିକ, ତୋଫାନ ପରିଡା, ବିଭୂତି ସେଠ ଓ ରଞ୍ଜନ ନାୟକ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ଭୁବନକୁ ହରାଇ କେନ୍ଦୁଝର ଫାଇନାଲରେ

ଭୁବନ,୨୯।୧୨ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ମିନି ଷ୍ଟାଡିୟମରେ ଚାଲିଥିବା ୩୨ତମ ସର୍ବଭାରତୀୟ ଦେବେନ୍ଦ୍ର ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟର ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଭୁବନକୁ ହରାଇ କେନ୍ଦୁଝର ଫାଇନାଲରେ ପ୍ରବେଶ କରିଛି। କେନ୍ଦୁଝର ପ୍ରଥମେ ବ୍ୟାଟିଂ କରି ୨୨୩ ରନ୍ ସଂଗ୍ରହ କରିଥିଲା। ଜବାବରେ ଭୁବନ ୨୦୭ ରନ୍ କରି ପରାସ୍ତ ହୋଇଥିଲା। କେନ୍ଦୁଝର ଦଳର ଅମ୍ଲାନ ପଟ୍ଟନାୟକ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଜସ୍ମିନ୍ଦର ସିଂ, ସବ୍ୟସାଚୀ ସାହା ପରିଚାଳନା କରିଥିଲେ। ସୂର୍ଯ୍ୟପ୍ରକାଶ ରାଉତ ଧାରା ବିବରଣୀ ପ୍ରଦାନ କରିଥିଲେ। ଶନିବାର ୨ୟ ସେମିଫାଇନାଲ ମ୍ୟାଚ୍ ଭୁବନେଶ୍ୱର କଳିଙ୍ଗ କ୍ରିକେଟ୍ କ୍ଲବ ଓ କଟକ ବିଡାନାସୀ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ଆବାସିକ ବିଦ୍ୟାଳୟରେ ପୁରସ୍କାର ବିତରଣ

ଢେଙ୍କାନାଳ,୨୯।୧୨(ରତନ ନାୟାର)

ଢେଙ୍କାନାଳ ଜିଲା କରମୂଳସ୍ଥିତ ଐରା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ଅନୁସୂଚିତ ଜାତି ଓ ଜନଜାତି ଆବାସିକ ବିଦ୍ୟାଳୟରେ ଗୁରୁବାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଦେଶକ ଡ. ସୁରେଶ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପ୍ରଦ୍ୟୁମ୍ନ କୁମାର ପଣ୍ଡା, ଗୋଲକ ବିହାରୀ ପାଣିଗ୍ରାହୀ, ସୁଧୀର ପଣ୍ଡା, ଚକ୍ରଧର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଅନୁସୂଚିତ ଜାତି ବିଦ୍ୟାଳୟର ଛାତ୍ର ଟିକୁ କିଶାନ ଓ ଛାତ୍ରୀ ମୀରା ମଲ୍ଲିକ, ଅନୁସୂଚିତ ଜନଜାତି ବିଦ୍ୟାଳୟର ଛାତ୍ର ରାଜେଶ ପଧାନ ଓ ଛାତ୍ରୀ ସୁଜାତା ଗୁଡୁ ଚାମ୍ପିୟନ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୈଳାସଚନ୍ଦ୍ର ନାୟକ, ଗୀତାଞ୍ଜଳି ବେହେରା, ସୁଶ୍ରୀ ପତି, ମମତା ବେହେରା, ରେସମା ପାତ୍ର, ପ୍ରଭାତ ତରାଇ, ସୁଶାନ୍ତ ପଣ୍ଡା, କ୍ରୀଡ଼ା ଶିକ୍ଷକ ନରେଶ ସାହୁ, ବିଜୟ ସାହୁ, ଦ୍ୱାରିକା ପ୍ରସାଦ ମହାନ୍ତି, ମୀନତୀ ପଣ୍ଡା, ବନଜାବାଳା ରାଉତ, ଶଶିଭୂଷଣ ଶତପଥୀ, ପଲ୍ଲିଶ୍ରୀ ବାଳା, ଉତ୍ସବାନନ୍ଦ ନାୟକ, ଦୁର୍ଲଭ ସାମଲ, ଶୁକଦେବ ବେହେରା, ନୀଳମଣି ନାୟକ, ମାମା ସାହୁ, ରୂପଶ୍ରୀ ମହାନ୍ତି, ବସନ୍ତ ବସନ୍ତିଆ, ପଦ୍ମିନୀ ସାହୁ ଓ ଦିଲୀପ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ଆଠଗଡ଼କୁ ହରାଇ ରାଧାଦେଇପୁର ସେମିରେ

ଢେଙ୍କାନାଳ,୨୯।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକରେ ୩୨ତମ ରାଧାଦେଇପୁର କପ୍ କ୍ରିକେଟ ପ୍ରତିଯୋଗିତାର ଶୁକ୍ରବାର ମ୍ୟାଚରେ ଆଠଗଡ଼କୁ ହରାଇ ରାଧାଦେଇପୁର ସେମି ଫାଇନାଲରେ ପ୍ରବେଶ କରିଛି। ଆଠଗଡ଼ ପ୍ରଥମେ ବ୍ୟାଟିଂ କରି ୧୨୪ ରନ ସଂଗ୍ରହ କରିଥିଲା। ଜବାବରେ ରାଧାଦେଇପୁର ୧୨୫ ରନ କରି ବିଜୟୀ ହୋଇଥିଲା। ପ୍ରୀତିରଞ୍ଜନ ସେଠୀ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସୁରେଶ ସାହୁ ଓ ସନାତନ ବେହେରା, ସୀମାଞ୍ଚଳ ଷଡ଼ଙ୍ଗୀ, ବିକାଶ ଜେନା, ସୌମ୍ୟରଞ୍ଜନ ସେଠୀ ସହଯୋଗ କରିଥିଲେ।

# ପାଣି ପାଇଲେ ୨୦ ହଜାର ଲୋକ

### ଟାଟାଷ୍ଟିଲ୍ ଫାଉଣ୍ଡେଶନ ପକ୍ଷରୁ ବିଶୁଦ୍ଧ ପାନୀୟଜଳ ଯୋଗାଣ

ଢେଙ୍କାନାଳ,୨୯।୧୨(ରତନ ନାୟାର)

ସମସ୍ତଙ୍କ ପାଇଁ ଜଳ ଓ ପରିମଳର ଉପଲବ୍ଧତା ଏବଂ ନିରନ୍ତର ପରିଚାଳନା ସୁନିଶ୍ଚିତ କରିବା ପାଇଁ ଜାତିସଂଘ ଦ୍ୱାରା ନିର୍ଦ୍ଧାରିତ ବିକାଶଲକ୍ଷ୍ୟ-୬ ମାର୍ଗକୁ ଅନୁସରଣ କରିଛି ଟାଟାଷ୍ଟିଲ ଫାଉଣ୍ଡେଶନ। ସ୍ୱଚ୍ଛ ଓ ବିଶୁଦ୍ଧ ପାନୀୟଜଳ ସୁନିଶ୍ଚିତ କରିବା ଉଦ୍ଦେଶ୍ୟ ରଖି ଢେଙ୍କାନାଳ ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ ମେରାମଣ୍ଡଳୀ କାରଖାନା ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ ଦ୍ୱାରା ଆଖପାଖ ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଣ କରୁଛି। ଏହି କାର୍ଯ୍ୟକ୍ରମର ଏକ ଅଂଶବିଶେଷ ଭାବେ କୁସୁପଙ୍ଗା, ନୂଆଗାଁ ଓ ନୁଆହତା ପଞ୍ଚାୟତ ଅଧୀନରେ ଥିବା ୫ଟି ପାରିପାର୍ଶ୍ୱିକ ଗ୍ରାମରେ ସୌରଶକ୍ତି ଚାଳିତ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ଏଥିସହିତ ଓଡ଼ାପଡ଼ା ବ୍ଲକର ଆଖପାଖ ବିଦ୍ୟାଳୟକୁ ୧୯ଟି ଓ ଅନ୍ୟାନ୍ୟ ସରକାରୀ ଅନୁଷ୍ଠାନକୁ ୭ଟି ୱାଟର ପିଉରିଫାୟର ପ୍ରଦାନ କରାଯାଇଛି। ସେହିପରି କୁସୁପଙ୍ଗା ଗ୍ରାମରେ ଏକ ସବ୍‌ମର୍ସିବଲ ପମ୍ପ ସହ ଗଭୀର ନଳକୂପ ଏବଂ ୫୦୦ ମିଟର ପାଇପ ଲାଇନ ସଂଯୋଗ କରାଯାଇଛି। ଏ ସମ୍ପର୍କରେ ବ୍ରାହ୍ମଣ ପୁରୁଣାକୋଟ ଗ୍ରାମର ମାମି ପଲେଇ କହିଛନ୍ତି, ପୂର୍ବରୁ ପାଣି ଆଣିବା ପାଇଁ ଏକ କିଲୋମିଟର ଚାଲିଚାଲି ଯିବାକୁ ପଡୁଥିଲା। ଗାଁ ନଳକୂପ ମଧ୍ୟ ଠିକ୍ ଭାବେ କାମ କରୁ ନ ଥିଲା। ଏହି ପ୍ରକଳ୍ପ ଗାଁର ମହିଳାମାନଙ୍କ ପାଇଁ ଏକ ବଡ଼ ସାହାଯ୍ୟ ହୋଇପାରିଛି। ଜୋରଗାଡିଆ ଗ୍ରାମର ମମତା ରାଉତ କହିଛନ୍ତି, ଗ୍ରୀଷ୍ମ ଋତୁରେ ପିଇବା ପାଣି ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଥିଲୁ। ସୌର ପାନୀୟଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାପରେ ଆମ ହାତ ପାଆନ୍ତାରେ ପର୍ଯ୍ୟାପ୍ତ ପରିମାଣରେ ପିଇବା ପାଣି ମିଳିପାରିଛି। ଏଥିସହିତ ଓଡ଼ାପଡ଼ା, ବଅଁରପାଳ ଓ ହିନ୍ଦୋଳ ବ୍ଲକର ଆଖପାଖ ୯ଟି ପଞ୍ଚାୟତରେ ୧୨୦ଟି ନଳକୂପ ସ୍ଥାପନ କରାଯାଇଛି। ଖଡଗପ୍ରସାଦରେ ୨୦୦୦ ଏଲ୍‌ପିଏଚ୍ କ୍ଷମତା ବିଶିଷ୍ଟ ୨ଟି ରିଭର୍ସ ଓସମୋସିସ୍ ଜଳ ପ୍ରକ୍ରିୟାକରଣ ପ୍ଲାଣ୍ଟର ବାର୍ଷିକ ରକ୍ଷଣାବେକ୍ଷଣ ଶେଷହୋଇଛି। ସେହିପରି ଜୋରାଗାଡିଆ, ଖଲିବେରେଣା, ମଙ୍ଗଳପୁର, କୁସୁପଙ୍ଗା, ଗଣ୍ଡିଗାଡିଆ ଆଦି ଗ୍ରାମକୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ କରାଯାଉଥିବାରୁ ଗ୍ରୀଷ୍ମ ଋତୁରେ ଏହି ଗ୍ରାମଗୁଡ଼ିକରେ ପାନୀୟଜଳର ଆବଶ୍ୟକତା ପୂରଣ ହୋଇପାରୁଛି। ଏହି ପଦକ୍ଷେପ ଦ୍ୱାରା ୭ଟି ପାରିପାର୍ଶ୍ୱିକ ଗ୍ରାମକୁ ପାଇପ ଲାଇନ ମାଧ୍ୟମରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ହେଉଛି। ଫଳରେ ମୋଟ ୨୦ହଜାର ଲୋକ ଉପକୃତ ହୋଇଛନ୍ତି। ଶିକ୍ଷାନୁଷ୍ଠାନଗୁଡିକ ପାଇଁ ବିଶୁଦ୍ଧ ଜଳ ସୁନିଶ୍ଚିତ ହୋଇଛି। କୁସୁପଙ୍ଗା ସରପଞ୍ଚ ଅନିତା ନାୟକ ନିଜ ଗ୍ରାମକୁ ବିଶୁଦ୍ଧ ଜଳଯୋଗାଣ ପାଇଁ ଖୁସିବ୍ୟକ୍ତ କରିଛନ୍ତି।





ଟାଟାଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି।

# ଚନ୍ଦ୍ରପୁରରେ କ୍ରାଇମବ୍ରାଞ୍ଚ ଟିମ୍‌ର ତଦନ୍ତ



କ୍ରାଇମବ୍ରାଞ୍ଚ ଅଧିକାରୀ ଚନ୍ଦ୍ରପୁରରେ ତଦନ୍ତ କରୁଛନ୍ତି।

## ଲକ୍ଷ୍ମୀ ମାଝି ମୃତ୍ୟୁ ମାମଲା

ରାୟଗଡ଼ା/ଚନ୍ଦ୍ରପୁର, ୨୯।୧୨ (ଆଶିଷ ରଞ୍ଜନ ପଣ୍ଡା/ ବିଜୟ ପ୍ରସାଦ ଉଲାକା)

ବହୁ ଚର୍ଚ୍ଚିତ ଲକ୍ଷ୍ମୀ ମାଝି ମୃତ୍ୟୁ ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଶୁକ୍ରବାର କ୍ରାଇମବ୍ରାଞ୍ଚ ଟିମ୍ ରାୟଗଡ଼ା ଜିଲା ଚନ୍ଦ୍ରପୁରରେ ପହଞ୍ଚିଛି। କ୍ରାଇମବ୍ରାଞ୍ଚର ୧୦ ଜଣିଆ ଟିମ୍ ମୃତଦେହ ପଡ଼ି ରହିଥିବା ସ୍ଥାନକୁ ଯାଇ ଯାଞ୍ଚ କରିବା ସହ ପାଖରେ ରହୁଥିବା ଲୋକଙ୍କୁ ପଚରାଉଚୁରା କରିଛନ୍ତି। ଏହାସହ ଲକ୍ଷ୍ମୀ ରହୁଥିବା ମା'ଗୃହକୁ ଯାଇ ମଧ୍ୟ ତଦନ୍ତ କରାଯାଇଛି। ଡିଏସ୍‌ପି ନରେନ୍ଦ୍ର ବେହେରାଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚ ଟିମ୍ ଓ ଷ୍ଟେଟ୍ ଫୋରେନସିକ୍ ଟିମ୍ ଚନ୍ଦ୍ରପୁରରେ ପହଞ୍ଚି ତଦନ୍ତ କରୁଛି। ସେମାନଙ୍କ ସହ ରାୟଗଡ଼ା ଓ କୋରାପୁଟର ସାଇଣ୍ଟିଫିକ୍ ଟିମ୍ ସାମିଲହୋଇ ଘଟଣାସ୍ଥଳରେ ତଦନ୍ତ ଜାରି ରଖିଛନ୍ତି।

ମୃତ ଲକ୍ଷ୍ମୀ ମାଝି ଆଲିଶା ନାମକ ଏକ ଏନ୍‌ଜିଓ ଅଧୀନରେ ଚନ୍ଦ୍ରପୁରସ୍ଥିତ ମା'ଗୃହରେ କାର୍ଯ୍ୟରତ ଥିଲେ। ଡିସେମ୍ବର ୨୧ ସନ୍ଧ୍ୟାରୁ ସେ ନିଖୋଜ ଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ ହୋଇଥିଲା। ଏହି ଘଟଣା ପରେ ମୃତ ଲକ୍ଷ୍ମୀଙ୍କ ବାପା ବେଲଧର ମାଝି ସମ୍ପୃକ୍ତ ଏନ୍‌ଜିଓ ଅଧ୍ୟକ୍ଷ ତାଙ୍କ ଝିଅ ଲକ୍ଷ୍ମୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଏବଂ ହତ୍ୟା କରିଥିବା ନେଇ ଥାନାରେ ଏତଲା ଦେଇଛନ୍ତି। ଏହି ଘଟଣାର ପ୍ରକୃତ ସତ୍ୟତା ଏବେ ବି ଅସ୍ପଷ୍ଟ ରହିଛି। ମୃତଦେହ ଜବତହେବାର ସପ୍ତାହେ ବିତିଯାଇଥିଲେ ମଧ୍ୟ ପୋଲିସକୁ କୌଣସି ସୁରାକ୍ ମିଳିନାହିଁ। ଏହି ଘଟଣାକୁ ସମ୍ବେଦନଶୀଳ ଭାବେ ନେଇ ରାଜ୍ୟ ସରକାର ତଦନ୍ତଭାର କ୍ରାଇମବ୍ରାଞ୍ଚକୁ ଦେଇଛନ୍ତି। ଅନ୍ୟପକ୍ଷରେ ଲକ୍ଷ୍ମୀଙ୍କୁ ନ୍ୟାୟ ଦାବିରେ କାଶୀପୁରରେ ଆଦିବାସୀ ସଂଗଠନ ପକ୍ଷରୁ ଏକ ବିଶାଳ ରାଲି ହୋଇଥିଲା। ଗତ ୨୬ ତାରିଖରେ ଭାଜପା ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଡ.ଐଶ୍ୱର୍ଯ୍ୟା ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଚନ୍ଦ୍ରପୁର ଗସ୍ତକରି ତଦନ୍ତ କରିବା ସହ ଗୁରୁବାର ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ରାୟଗଡ଼ା ଜିଲାରେ ୬ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା।

# ଦନ୍ତା ହାତୀର ଗଳିତ ମୃତଦେହ ଜବତ

ବଡ଼ମ୍ବା, ୨୯।୧୨ (ମାୟାଧର ମଲ୍ଲିକ)

କଟକ ଜିଲା ବଡ଼ମ୍ବା ରେଞ୍ଜ ଅନ୍ତର୍ଗତ ନିଜିଗଡ଼ ନିକଟରେ ଥିବା ଜଗା ବେହେରା ଥଳି ରିଜର୍ଭ ଜଙ୍ଗଲରୁ ଏକ ଦନ୍ତା ହାତୀର ଗଳିତ ମୃତଦେହ ଶୁକ୍ରବାର ଜବତ ହୋଇଛି। ହାତୀଟି ଆନୁମାନିକ ୫ରୁ ୬ ବର୍ଷର ହେବା ସହ ୧୦ଦିନ ହେବ ତା'ର ମୃତ୍ୟୁ ଘଟିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନାହିଁ। ତେବେ ଏକ ପଥର ଓ ଗଛ କୋରଡ଼ରେ ଛନ୍ଦି ହୋଇଯିବାରୁ ନିକଟସ୍ଥ ନାଳର ପଥରରେ ପିଟି ହୋଇ ହାତୀର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି ବୋଲି ରେଞ୍ଜର ସୀତାରାମ ଶବର କହିଛନ୍ତି। ଖବରପାଇ ଆଠଗଡ଼, ଡିଏଫ୍‌ଓ, ଯଜ୍ଞଦତ୍ତ ପତି, ବଡ଼ମ୍ବା ବିଡିଓ ଦିଲେଶରୀ ବିଶ୍ୱାଳ, ରେଞ୍ଜର ସୀତାରାମ, ସଦର ବନପାଳ କୃଷ୍ଣ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ହାତୀର ଦାନ୍ତ ଓ ହାଡ଼ ଇତ୍ୟାଦି ସଂଗ୍ରହ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

# ସ୍ୱତନ୍ତ୍ର ବିଦ୍ୟାଳୟ ଶିକ୍ଷକଙ୍କୁ ମିଳୁନି ଅବସରକାଳୀନ ଭତ୍ତା

## ଆଜିଠୁ ଅନଶନରେ ବସିବେ ଶିକ୍ଷକ

ଭୁବନେଶ୍ୱର, ୨୯।୧୨ (ଅସମାପିକା ସାହୁ)

ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅଧୀନରେ ୫୧ ସ୍ୱତନ୍ତ୍ର ବିଦ୍ୟାଳୟ ଶତପ୍ରତିଶତ ଅନୁଦାନ ପାଇଛି। କିନ୍ତୁ ଏହି ବିଦ୍ୟାଳୟରେ ଦିବ୍ୟାଙ୍ଗଙ୍କୁ ଶିକ୍ଷା, ତାଲିମ, ଥଇଥାନ ନିମନ୍ତେ ନିୟୋଜିତ ନିୟମିତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ଅବସରକାଳୀନ ଭତ୍ତା ପ୍ରଦାନ କରାଯାଉ ନାହିଁ। ୨୦୧୬ ଡିସେମ୍ବର ୨୨ରେ ହୋଇଥିବା ଉଚ୍ଚସ୍ତରୀୟ ବୈଠକର ନିଷ୍ପତ୍ତିକୁ ମଧ୍ୟ କାର୍ଯ୍ୟକାରୀ କରାଯାଉ ନାହିଁ। ଅଧିକାଂଶ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରଙ୍କ ମୃତ୍ୟୁ ମଧ୍ୟ ହୋଇସାରିଲାଣି। ଅର୍ଥାଭାବରୁ ୧୩୫ ଜଣ ଉପଯୁକ୍ତ ଚିକିତ୍ସା ନ ପାଇ ଆଖିବୁଜିଥିବାରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ଓଡ଼ିଶା ସ୍ୱତନ୍ତ୍ର ବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀ ସଂଘ। ଏହା ପ୍ରତିବାଦରେ ସଂଘ ଆନ୍ଦୋଳନ ଡାକରା ଦେଇଛି। ପେନ୍‌ସନ ଦାବିରେ ଶନିବାରଠାରୁ ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନେ ଅନଶନରେ ବସିବେ ବୋଲି ସଂଘ ସଭାପତି ଡ. ଯୁଧିଷ୍ଠିର ଖଟୁଆ ସୂଚନା ଦେଇଛନ୍ତି। ସରକାର ଏ ଦିଗରେ କୌଣସି ପଦକ୍ଷେପ ନ ନେଲେ ସଂଘ ନବୀନ ନିବାସ ସମ୍ମୁଖରେ ଧର୍ମଘଟ କରିବ ବୋଲି ଚେତାବନୀ ଦେଇଛନ୍ତି।

# ହାତୀ ଭୟ: ଘର ଛାଡ଼ିଲେ ପରିବାର

## ୪ ଦିନରେ ଗୋଟିଏ ଘରକୁ ୨ଥର ଭାଙ୍ଗିଲେ ହାତୀପଲ

ପାଟଣା, ୨୯।୧୨ (ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ଏକ ସପ୍ତାହ ହେବ ୨୨ ଟିକିଆ ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ପ୍ରତ୍ୟେକ ରାତିରେ ହାତୀପଲ ଗାଁରେ ପଶି ଘର ଭାଙ୍ଗିବା ସହ ଧାନ, ଚାଉଳ ଖାଉଛନ୍ତି। ୪ ଦିନ ଭିତରେ ଏହି ହାତୀପଲ ରେଞ୍ଜ ଅଧୀନ ସ୍ୱାମଖସାପିଟା ସାହିର ଗୋଟିଏ ଘରକୁ ୨ ଥର ଭାଙ୍ଗିଛନ୍ତି। ଫଳରେ ପରିବାର ଭୟରେ ଘର ଛାଡ଼ି ମାଧପୁରସ୍ଥିତ ସମ୍ପର୍କୀୟଙ୍କ ଘରେ ମୁଣ୍ଡ ଗୁଞ୍ଜିଛନ୍ତି।

ସୂଚନା ଅନୁଯାୟୀ, ଗତ ରବିବାର ରାତିରେ ହାତୀପଲ ସ୍ୱାମଖସାପିଟା ସାହିର ମିଥୁନ ମହାନ୍ତଙ୍କ ୩ ବଖରା ଘର ଭାଙ୍ଗି ଦେଇଥିବା ବେଳେ ଗୁରୁବାର ରାତିରେ ଆଉଥରେ ଗାଁରେ ପଶି ମିଥୁନଙ୍କ ଅନ୍ୟ ୨ ବଖରା ଘରକୁ ଭାଙ୍ଗି ଦେଇଛନ୍ତି। ଏଥିସହ ଲୁହା ଗେଟ ଭାଙ୍ଗି ଘର ଅଗଣାରେ ଥିବା ଧାନ ଖାଇବା ସହ ନଷ୍ଟ କରିଥିଲେ। ହାତୀ ଆସିବା ଜାଣି ପରିବାର ଜୀବନ ବଞ୍ଚାଇ ଘର ଛାଡ଼ି ପଳାଇଥିଲେ। ପରେ ହାତୀପଲ ସରାସକୋଲା ଗ୍ରାମ ଜିଆଣି ସାହିରେ ମନୁ ଦେହୁରୀଙ୍କ ଘର ଭାଙ୍ଗି ଘର ଥିବା ହାଣ୍ଡିଆ ଖାଇଥିଲେ। ଡିଏଫ୍‌ଓ ଧନରାଜ୍ ହନୁମନ୍ତ ଧମ୍‌ଧେର କହିଛନ୍ତି, ଧାନ ଅମଳ ସମୟ ଚାଲିଥିବାରୁ ହାତୀ ଧାନ ଖାଇବା ଉଦ୍ଦେଶ୍ୟରେ ଖଳାକୁ ଯାଉଛନ୍ତି। ହାତୀ ପଲଙ୍କୁ ଜନବସତିଠାରୁ ଦୂରେଇ ରଖିବାକୁ ବନ ବିଭାଗ ଚେଷ୍ଟା କରୁଛି। ଲୋକଙ୍କୁ ହାତୀ ପାଖକୁ ନ ଯିବା ପାଇଁ ସଚେତନ କରାଯାଉଛି। ଯାହା କ୍ଷୟକ୍ଷତି ହୋଇଛି ଆକଳନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଶୁକ୍ରବାର ହାତୀପଲ ୨ ଦଳରେ ବିଭକ୍ତ ହୋଇ ମଙ୍ଗଳପୁର ସନ୍ନିକଟ ବୈତରଣୀ ନଦୀ କୂଳ ଓ ପାଟଣା ସଂରକ୍ଷିତ ଜଙ୍ଗଲ ଝାଟିପଡ଼ା ଗାଁ ନିକଟରେ ରହିଛନ୍ତି। ଘଟଣାସ୍ଥଳରେ ରେଞ୍ଜର ବନ ବିହାରୀ ସର୍ଦ୍ଦାର, ବନପାଳ ପିଥନ ନାଏକ, ଗାର୍ଡ ଦେବଯାନୀ ମହାନ୍ତ, ତପସ୍ୱିନୀ ନାଏକ ଓ ପାରା ଷ୍ଟାଫ ମୁତୟନ ହୋଇ ନଜର ରଖିଛନ୍ତି।



ଭଙ୍ଗା ଘର ନିକଟରେ ମିଥୁନ୍।

**THE ODISHA STATE CO-OPERATIVE BANK LTD.**
Pandit Jawaharlal Nehru Marg, Bhubaneswar-751 001

Ref.No.OSCB/DIT/6115/2023-24 Date:27.12.2023

**CANCELLATION OF REQUEST FOR PROPOSAL**

No.LL-66: "Request for Proposal for supply of Point-Of-Sale Devices with printers and other QR services for merchant establishment" is hereby cancelled.
Ref.No.-OSCB/DIT/5311/2023-24 Date:21.11.2023
Ref No.-OSCB/DIT/5758/2023-24 Date:12.12.2023

OIPR-39012/11/0030/2324 **Sd./- Managing Director**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, M.I. DIVISION GANJAM NO.I, BERHAMPUR**

No.A-1097: **E-Procurement Notice**
**Bid Identification No.Online Tender/05/GMID-1/2023-24**

| | |
|---|---|
| Name of Work | : Civil Construction Works |
| No. of Work | : 07 (Seven) |
| Estimated Cost | : Varies from Rs.16.62 Lakh to Rs.29.92 Lakh |
| Period of Completion | : 06 (Six) Calendar Month |
| Date and Time of Sale and receipt of Bid document online | : From 18.01.2024 at 10.00 Hours to 02.02.2024 upto 17.00 Hours. |
| Date & Time of Opening of bids | : 03.02.2024 at 11.00 Hours |
| Name & Address of the Officer Inviting Tender | : Superintending Engineer M.I. Division, Ganjam-I,Berhampur |

Further details can be seen from the website: https://www.tendersodisha.gov.in. Any Addendum/Corrigendum/Cancellation of can also be seen in the said website.

OIPR-32104/11/0019/2324 **Superintending Engineer M.I.Divn., Ganjam-I, Berhampur**

**SECTION - I**
**INVITATION FOR EXPRESSION OF INTEREST Through e-Procurement Portal**
**OFFICE OF THE NOTIFIED AREA COUNCIL, KUCHINDA**
Bid Reference No.- KCDA/NAC-17/2023-24
Letter No.- 2190/NAC Date: 26.12.2023

**Invitation for Expression of Interest for "Comprehensive Consultancy Services for Drone Survey for dumpsites within the jurisdiction of Kuchinda NAC"**

No. C-2221:- The Executive Officer, NAC Kuchinda, Kuchinda (Odisha) on behalf of NAC Kuchinda invites Expression of Interest (EOI) for "Drone Survey work and Water Quality Tests" from registered and eligible Firm/ Consultant/ Architect for tendering their bids through online mode only.

1. Intending bidders have to participate through "**On-Line**" bidding only. The website for online bidding is https://www.tendersodisha.gov.in
2. The bid documents will be available in the above website from **10.00 A.M. of Dt. 28.12.2023 to 5.30 P.M. of Dt.05.01.2024** for online bidding.
3. Bids received will be opened from e-Procurement System at **10.00 A.M. onwards on Dt.06.01.2024,**
4. The bidder must possess valid and compatible **Digital Signature Certificate (DSC).**
5. Further details are available in the DTCN. The DTCN for the work shall be available during the aforesaid period in the e-procurement portal https://www.tendersodisha.gov.in for on-line bidding.

**Sd./- Executive Officer, Notified Area Council, Kuchinda**
OIPR-13121/11/0012/2324

See Career Appointment on every Wednesday & Saturday

**ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ଼**
Ph. No.- 06658-222247 e-mail:- nac_ptg@yahoo.co.in
website:- www.nacpatnagarh.in
ସଂଖ୍ୟା: 4280 / ତା: 26.12.2023

**ଅଭିବ୍ୟକ୍ତି ପ୍ରକାଶନ**

No.C-2223:- ଏତଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ଼ର ସମସ୍ତ ୨୩ ଗୋଟି ୱାର୍ଡର ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଗଠନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସ୍ୱଚ୍ଛ ଭାରତ ମିଶନ ମାଧ୍ୟମରେ (Legacy Waste) ପରିଚାଳନା ନିମନ୍ତେ କାର୍ଯ୍ୟକାରୀ ସଂସ୍ଥା (Implementing Agcency/Implementing Partner) ଭାବେ ଚୟନ କରିବା ପାଇଁ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଗଠନମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଅଛି । ଏଣୁ, ଏଥିନିମନ୍ତେ ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଗଠନମାନେ ଆବଶ୍ୟକୀୟ କାଗଜପତ୍ର/ଦସ୍ତାବିଜ ସହ **ତା୦୫.୦୧.୨୦୨୪ରିଖ ଅପରାହ୍ନ ୩ଟା ସୁଦ୍ଧା ସ୍ପିଡ୍ ପୋଷ୍ଟ/ରେଜିଷ୍ଟ୍ରୀ ପୋଷ୍ଟ** କିମ୍ବା **କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ସିଧାସଳଖ ପକେଇ ଆବେଦନ କରିପାରିବେ ।** ଧାର୍ଯ୍ୟ ସମୟ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ଏବଂ ଆସନ୍ତା **ତା୦୫.୦୧.୨୦୨୪ରିଖ ୪.୦୦ ଘଟିକା** ସମୟରେ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଗଠନ କିମ୍ବା ସେମାନଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଖୋଲାଯିବା ପାଇଁ ସ୍ଥିର କରାଯାଇଅଛି । ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଗଠନ ଏହି ଅଭିବ୍ୟକ୍ତି ପ୍ରକାଶନ ସହ ଜଡ଼ିତ ଆବେଦନ ପତ୍ର ବଲାଙ୍ଗୀର ଜିଲ୍ଲା ୱେବ୍‌ସାଇଟ୍ ଏବଂ ଏନ୍‌ଏସିର ୱେବ୍‌ସାଇଟ୍ www.balangir.nic.in/ www.nacpatnagarh.inରୁ ମଧ୍ୟ ଡାଉନଲୋଡ୍ କରିପାରିବେ । **ଲଫାପାର** ଉପରେ **"ସ୍ୱଚ୍ଛ ଭାରତ ମିଶନ ମାଧ୍ୟମରେ (Legacy Waste) କାର୍ଯ୍ୟର ଆବେଦନ"** ଲେଖାଥିବା ଆବଶ୍ୟକ । ଅଧିକ ଜାଣିବା ପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ଼ କାର୍ଯ୍ୟାଳୟ ସହ ଯୋଗାଯୋଗ କରିପାରନ୍ତି ।

**ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ**
OIPR-13102/11/0011/2324 **ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ଼**

**DISTRICT PROJECT OFFICE SAMAGRA SHIKSHA, MALKANGIRI**
Letter No.6135/2023 Date:28.12.2023

**NOTIFICATION**

**No.n-246:** It is brought to the notice of all concerned that the draft list of candidates applied for different post of KGBVs and Residential Schools of Malkangiri District in response to advertisement no.3385, dtd.26.08.2023 is here by published and the details can be downloaded from the website i.e. www.malkangiri.nic.in for submitting any objection on omission/commission against their name by 10.01.2024 at District Project Office, Samagra Shiksha, Malkangiri through Speed Post/ Courier Service only. The documents submitted by the candidates at the time of advertisement / Application shall be treated as final and no documents shall be entertained. Any objection received after due date shall not be entertained.

**By the order of Collector-cum-Chairman**
**Sd./- District Project Coordinator**
OIPR-27064/11/0003/2324 **Samagra Shiksha, Malkangiri**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER SAMBALPUR (R&B) DIVISION-I, SAMBALPUR**
**e-Procurement Notice**
**BID IDENTIFICATION No: SE/R AND B/SBP/29/2023-24**
**E-mail:exeengsbp@rediffmail.com**
**No.B-1507: Order No.8863, Dtd.19.12.2023**

1. The Superintending Engineer, Sambalpur (R&B) Division No-I, Sambalpur on behalf of Governor of Odisha, invites Percentage Rate bids in Double/Single Cover System in ONLINE MODE for construction of Civil Work as detailed in the DTCN from the eligible Class of Contractors.
2. No. of Works : 08 (Eight)
3. Tender Cost : Rs.10,000/-, Rs.6,000/- & Rs. 4,000/- (Online)
4. Class of Contractor : "B", "C" & "D" Class Contractor.
5. Date and Time available in website & receipt of Bids: 11.00 Hrs. 29.12.2023 to 17.00 Hrs. of 10.01.2024.
6. Date of Opening of Tender: 10.01.2024 at 18.00 Hrs.
7. The bidders have to participate in ONLINE bidding only. Further details can be seen from the website.
8. Any Corrigendum/ Addendum will be displayed in the website www.tendersodisha.gov.in. only.

**Sd./- Superintending Engineer**
**Sambalpur R&B Division-I**
OIPR-34042/11/0010/2324

**SHORT TENDER CALL NOTICE**
**Notification No.497, Dated 27.12.2023**

**No.RR-66:** Sealed tenders are invited in prescribed format from intending Firms/ Agencies/ Firms/ Service Providers with Valid GSTIN No. and Service Tax holder for providing service relating to "Light & Sound" & Stage Decoration etc. for the ensuing Subarna Loka Mahotsav-2024 to be held from 6th to 10th January, 2024.
**For details please visit http://subarnapur.nic.in.**

**Sd./- Collector, Subarnapur**
**OIPR-24195/11/0006/2324**

**GOVERNMENT OF ODISHA** No.O-2012:
**OFFICE OF THE SUPERINTENDING ENGINEER RURAL WORKS DIVISION, GAJAPATI, PARALAKHEMUNDI**
e-mail: rwd_gajapati@yahoo.co.in
**NATIONAL COMPETITIVE BIDDING THROUGH e-Procurement**
**Identification No.Online Tender-12/GJP/2023-24**

| | |
|---|---|
| 1. Name of the Work | : Building Works |
| 2. Total No. Work | : 2 (Two) No.of Building Works |
| 3. Estimated Cost | : Rs.25.28 Lakhs to 46.30 Lakhs |
| 4. Class of Contractor | : 'C' & 'B' Class Contractor |
| 5. Period of Completion | : Furnished in Annexure |
| 6. Availability of Tender Online for bidding | : 08.01.2024 at 10.00 AM to 16.01.2024 upto 5.30 PM |
| 7. Date and Time of Opening of Tender | : 17.01.2024 at 11.30 AM |
| 8. Place of Opening | : As per Annexure |

Further details can be seen from the website www.tenderorissa.gov.in.

**Sd./- Superintending Engineer R.W.DIVN. GAJAPATI**
OIPR-25158/11/0018/2324

No.C-2218:
**GOVERNMENT OF ODISHA**
**OFFICE OF THE ADDITIONAL CHIEF ENGINEER PUBLIC HEALTH CIRCLE, SAMBALPUR, ODISHA**
E-mail Id:sephsbp@yahoo.in/sephsbp@gmail.com
**NATIONAL COMPETITIVE BIDDING THROUGH e-Procurement**
**Bid Identification No.ACEPHSBP-06/2022-23 Dt.22.12.2023**

| | |
|---|---|
| 01. Number of Work | : 01 No. |
| 02. Type of Bid | : Two Bid System |
| 03. Estimated Cost | : Rs.117.68 Lakh |
| 04. Period of Completion | : 6 (Six) Calendar Months |
| 05. Class of Contractor | : 'B' & 'A' Class |
| 06. Date & Time of availability of bid document in the portal | : From 11.00 Hrs. of Dt.29.12.2023 to 17.00 Hrs. of 12.01.2024 |
| 07. Last Date/Time of seeking clarification | : 17.00 Hrs. of 03.01.2024 |
| 08. Last date/time of receipt of bids in the portal | : 17.00 Hrs. of 12.01.2024 |
| 09. Date & Time of opening of Technical Bids | : At 11.30 Hrs. of 16.01.2024. |
| 10. Name and Address of the Officer Inviting Bid | : Additional Chief Engineer P.H. Circle, Sambalpur Brooks' Hill Near Stadium At/Po- Motijharan Dist-Sambalpur- 768001 |

Further details can be seen from the e-Procurement portal "http://www.tendersorissa.gov.in."

**Sd./- Additional Chief Engineer**
**OIPR-13018/11/0001/2324 P.H. Circle, Sambalpur**

**ODISHA PUBLIC SERVICE COMMISSION**
**ADVERTISEMENT No.19 OF 2023/24**
**Recruitment to the posts of Asst. Executive Engineer (Civil) and Asst. Executive Engineer (Mechanical) in Group- 'A' of Odisha Engineering Service under the Water Resources Department**

**WEBSITE - http://opsc.gov.in**

**No. D-:-** Online applications are invited from the prospective candidates through the Proforma application form to be made available on the website of the Commission (**http://opsc.gov.in**) for recruitment to **580 (194-W) posts of Assistant Executive Engineer (Civil) under (1) Water Resources Department (2) Works Department and (3) H & UD Department of Government of Odisha and for recruitment to 41 (13-W) posts of Assistant Executive Engineer (Mechanical) under Water Resources Department** in Group-A of Odisha Engineering Service carrying the scale of pay in Level-12 of pay matrix under ORSP Rules-2017 with usual dearness allowance and other allowances as may be sanctioned by the Government of Odisha from time to time.

**2. VACANCY POSITION:** As per requisition filed by the Water Resources Department of Government of Odisha the vacancy position are given below:

**A. Assistant Executive Engineer (Civil)**

| Sl. No. | Category | No. of Vacancies | No of Post reserved for PWD |
|---|---|---|---|
| 1 | UR | 326 (109-W) | (i) Blindness/low vision- 07 (02-W) |
| 2 | SEBC | 77 (26-W) | (ii) Hearing impaired- 06 (02-W) |
| 3 | SC | 137 (45-W) | (iii) Locomotor disability/ Cerebral Palsy- 05 (02-W) |
| 4 | ST | 40 (14-W) | (iv) Autism/Intellectual disability/ Multiple disability- 05 (01-W) |
| Total | | 580 (194-W) | |

Out of the **580 (194-W)** vacancies mentioned above **06 (02-W)** posts are reserved for **Sports Persons** and they shall be adjusted in the vacancies from the category to which they belong.

**B. Assistant Executive Engineer (Mechanical)**

| Sl. No. | Category | Total Vacancies | No of Post reserved for PWD |
|---|---|---|---|
| a | UR | 22 (07-W) | (i) Blindness/low vision- 01 (00-W) |
| b | SEBC | 04 (01-W) | (ii) Hearing impaired- 01 (00-W) |
| c | SC | 05 (02-W) | (iii) Locomotor disability/ Cerebral Palsy- 00 (00-W) |
| d | ST | 10 (03-W) | (iv) Autism/Intellectual disability/ Multiple disability- 00 (00-W) |
| Total | | 41 (13-W) | |

**3. AGE:** A candidate must have attained the age of 21 (twenty one) years as on 01.01.2023 and must not be above the age of 38 (thirty eight) years as on 01.01.2021 i.e. he or she must be born not earlier than 02.01.1983 and not later than 01.01.2002.

**4. EDUCATIONAL QUALIFICATION:** A candidate must have possessed a **Degree in Engineering in Civil** for the post of **AEE (Civil)** and **Degree in Engineering in Mechanical** for the post of **AEE (Mechanical)** or an equivalent qualification from any university or Institution recognized by the Government or he/she must be an Associated Member of the Institution of Engineers of India in Civil/Mechanical.

**5. METHOD OF SELECTION:**
**i.** The Commission after receipt of all the applications shall take steps to select the candidates on the basis of valid Graduate Aptitude Test in Engineering (GATE) score and interview. **ii.** The merit list shall be prepared on the basis of aggregate marks secured in valid Graduate Aptitude Test in Engineering (GATE) score carrying 90% weightage and interview carrying 10% weightage. **iii.** In case of two or more candidates securing the same marks in aggregate, the candidate securing higher marks in interview will be assigned higher position over the others. **iv.** In case of securing higher marks in interview, final ranking will be determined on the basis of age, i.e, those elder in age will be given preference over others. **v.** The Commission, shall short list the candidates for interview on the basis of valid Graduate Aptitude Test in Engineering (GATE) score which shall be two times of the vacancies advertised, category wise:

*Provided that the candidates securing same marks at the cut-off point of each category would be admitted for interview even it exceeds two times of the vacancies advertised.*

**The link for online application and submission shall be available in the website from 12.01.2024 to 12.02.2024** ***(Note: 12.02.2024 is the last date for submission of Registered Online Application).***

**The candidates are advised to visit the Website of the Commission at http://opsc.gov.in for detailed information for applying to the above post.**

**CUTTACK**
**DATE: 28.12.2023**

**Sd./- SECRETARY**
**ODISHA PUBLIC SERVICE COMMISSION**
**CUTTACK**
OIPR-12002/11/0124/2324

**ODISHA PUBLIC SERVICE COMMISSION**
**NOTICE**
**No. 9459/PSC, Dt.28.12.23**

No. D-: It is for information of all concerned that the Commission has decided to conduct the Ritten Examination of Lecturers in different disciplines under OTE & TS Cadre, pursuant to Advt. No. 01 of 2023-24 at five zones of the State i.e. Balasore, Berhampur, Bhubaneswar, Cuttack & Sambalpur as per the following timetable:-

| Date | Timing | Subject |
|---|---|---|
| **20.01.2024 (Saturday)** | 2.30 P.M. to 4.30 P.M. | General English & General Knowledge **(for all disciplines)** |
| **21.01.2024 (Sunday)** | **1st Session (Paper-I)** 9.00 A.M. to 12 Noon<br>**2nd Session (Paper-II)** 2.00 P.M. to 5.00 P.M. | Automobile Engineering<br>Computer Science & Engineering<br>Chemical Engineering<br>Electrical Engineering<br>Geology<br>Metallurgy<br>Physics |
| **28.01.2024 (Sunday)** | **1st Session (Paper-I)** 9.00 A.M. to 12 Noon<br>**2nd Session (Paper-II)** 2.00 P.M. to 5.00 P.M. | Chemistry<br>Civil Engineering<br>Electronics & Telecommunication Engineering<br>Mathematics<br>Mechanical Engineering<br>Mining Engineering |

**N.B.:** The PwD candidates will be given 20 minutes extra per hour in each sitting, i.e. 2.30 P.M. to 5.10 P.M., 9.00 A.M. to 01.00 P.M. & 2.00. P.M. to 6.00 P.M.

2. **"Admission Certificates"** and **"Instructions to candidates"** of the eigible candidates will be available in the website of Commission later. The candidates are advised to visit the website of the Commission at http://opsc.gov.in to download their "Admission Certificate" & "Instructions to Candidates".

OIPR-12002/11/0125/2324 **Sd./- Secretary**

**GOVERNMENT OF ODISHA**
**OFFICE OF THE ENGINEER-IN-CHIEF ELECTRICITY-CUM-PRINCIPAL CHIEF ELECTRICAL INSPECTOR**
**POWER HOUSE SQUARE UNIT-V, ODISHA, BHUBANESWAR**
Tel.- 0674-2394873/FAX-2391265, E-Mail: eic-epcei@nic.in

**NOTICE**
**No. ELBO/Hire Vehicle/197/2023/ 7555 /Dated Bhubaneswar, the 26.12.2023**

**No-AA-22:** Sealed tenders are invited from interested reputed Travel Agencies / Tour Operators/Individual having GST registration & GeM registration for providing 1 (One) No. of BS-VI compliant Petrol driven vehicle (Swift Dezire / Xcent) with minimum average mileage 17 Km/ltr. having seating capacity not more than 5 (Five) including driver on monthly hiring basis **maximum Rs.26,000.00 (Rupees Twenty Six Thousand)** excluding GST which shall confirm to the **terms and conditions (Annexure-I)** preferably for engagement in the office of Additional Chief Engineer-cum-Secretary, ELBO, Bhubaneswar.

Details regarding eligibility criteria, terms and conditions and the formats of submission of tender (Technical & Financial bid) are mentioned in the tender document which may be collected from the office of EIC(E)-cum-PCEI, (O), Bhubaneswar and downloaded from website of www.eicelectricityodisha.nic.in. Interested agencies and individuals may submit their tenders in a sealed envelope super-scribing on the top of the sealed envelopes as "office of Additional Chief Engineer-cum-Secretary, ELBO, Bhubaneswar"

"The tender should reach at the office of the undersigned by 24.01.2024 (till 12:00 P.M). The tenders will be opened and evaluated on dated 24.01.2024 at 03:00 P.M. in the office of EIC (Elecy)-cum-PCEI,(0), Bhubaneswar for finalization of Technical Bid and Financial Bid. The undersigned reserves the right to reject any or all the tenders without assigning any reason thereof.

**Sd./-**
**EIC (Electricity)-curn-PCEI, Odisha, Bhubaneswar**
OIPR-04066/11/0006/2324

# ପ୍ରାର୍ଥୀ ଚୟନ ହୋଇପାରେ ବିଜୟର ମାନଦଣ୍ଡ


କୋଟପାଡ଼,୨୯।୧୨
(କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ନିର୍ବାଚନମଣ୍ଡଳୀ ଛତିଶଗଡ଼ ସୀମାନ୍ତ ଅଞ୍ଚଳରେ ଅବସ୍ଥିତ। ସଦ୍ୟ ସମାପ୍ତ ଛତିଶଗଡ଼ ବିଧାନସଭା ନିର୍ବାଚନ ଫଳ ଭାଜପା ସପକ୍ଷରେ ଯାଇଥିବାରୁ ଏହି ନିର୍ବାଚନମଣ୍ଡଳୀରେ ଗୈରିକ ଦଳର ନେତା ଓ କର୍ମୀ ଉତ୍ସାହିତ ଅଛନ୍ତି ବୋଲି କୁହାଯାଉଛି। କେବଳ ଉତ୍ସାହ ଜାଗିଲେ ତାହା ଭୋଟରେ ପରିବର୍ତ୍ତନ ହେବ ବୋଲି କହିହୁଏନା। ସେଥିପାଇଁ ସାଙ୍ଗଠନିକ ଦକ୍ଷତାର ଯଥେଷ୍ଟ ଆବଶ୍ୟକତା ରହିଥାଏ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଥାଆନ୍ତି। ବର୍ତ୍ତମାନର ସ୍ଥିତି ଦେଖିଲେ ଏକଦା କଂଗ୍ରେସର ଗଡ଼ ଭାବେ ପରିଚିତ କୋଟପାଡ଼ ୨୦୧୯ ବିଧାନସଭା ନିର୍ବାଚନରେ ବିଜେଡି ହାତକୁ ଯାଇଥିବାରୁ ଆଗାମୀ ସାଧାରଣ ନିର୍ବାଚନରେ ଭୋଟର କେଉଁ ଦଳ ଓ ପ୍ରାର୍ଥୀଙ୍କୁ ପସନ୍ଦ କରିବେ ତାହାକୁ ନେଇ ଚର୍ଚ୍ଚା ଚାଲିଛି।

ନିର୍ବାଚନମଣ୍ଡଳୀରେ ବିଶେଷକରି ତିନି ଦଳ ବିଜେଡି, କଂଗ୍ରେସ ଓ ଭାଜପା ପ୍ରାର୍ଥୀ ଖୋଜିବା ଆରମ୍ଭ କରିଦେଇଥିବା ଆଲୋଚନା ହେଉଛି। କୋଟପାଡ଼ରେ କଂଗ୍ରେସ ଦୀର୍ଘବର୍ଷ ଧରି ତା'ର ପ୍ରଭାବ ବିସ୍ତାର କରିଆସିଥିବା ବେଳେ ୧୯୯୦ରେ ଜନତା ଦଳ ପ୍ରାର୍ଥୀ ଥରେମାତ୍ର ବିଜୟୀ ହୋଇଥିଲେ। ପରବର୍ତ୍ତୀ ସମୟରେ ପୁଣି କଂଗ୍ରେସ ଏହି ଆସନକୁ ହାତେଇ ନେଇଥିଲା। ତେବେ ୨୦୧୯ ନିର୍ବାଚନ କଂଗ୍ରେସର ବିଜୟଧାରାକୁ ରୋକି ବିଜେଡିକୁ ବିଜୟୀ କରାଇଥିଲା ଓ ପଦ୍ମିନୀ ଦିଆନ ବିଧାୟିକା ହୋଇଥିଲେ। ସେତେବେଳେ ଏହି ଆସନରେ କଂଗ୍ରେସରୁ ଚନ୍ଦ୍ରଶେଖର ମାଝୀ, ଭାଜପାରୁ ଖଗେଶ୍ୱର ପୂଜାରୀ, ବିଏସ୍‌ପିରୁ ମଙ୍ଗଳସାୟ ମାଝୀ, ସ୍ୱାଧୀନ ରୂପେ ନୀଳକଣ୍ଠ ପୂଜାରୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏଥିପୂର୍ବରୁ ୨୦୧୪ରେ ଚନ୍ଦ୍ରଶେଖର ମାଝୀ ବିଧାୟକ ଥିଲେ। ତାଙ୍କ ପୂର୍ବରୁ ଚନ୍ଦ୍ରଶେଖରଙ୍କ ବଡ଼ଭାଇ ସ୍ୱର୍ଗତ ବାସୁଦେବ ମାଝୀ କଂଗ୍ରେସରୁ ୮ ଥର ବିଧାୟକ ହୋଇଥିଲେ।

ବର୍ତ୍ତମାନ ଏହି ନିର୍ବାଚନମଣ୍ଡଳୀର ସ୍ଥିତି ଘନଘନ ବଦଳିବାରେ ଲାଗିଛି। କାରଣ କଂଗ୍ରେସର ଚନ୍ଦ୍ରଶେଖର ମାଝୀ ନିର୍ବାଚନ ସରିବା ପରେ ବିଜେଡିରେ ମିଶି ଯାଇଥିଲେ। ବିଜେଡି ତାଙ୍କୁ କୋରାପୁଟ ଜିଲ୍ଲା ଆଦିବାସୀ ଉନ୍ନୟନ ପରିଷଦ (ଏସ୍‌ଡିସି) ଅଧ୍ୟକ୍ଷ କରିଛି। ଏପରି ସ୍ଥିତିରେ ବିଜେଡିର ଦୁଇ ନେତା ପଦ୍ମିନୀ ଓ ଚନ୍ଦ୍ରଶେଖର ଆସନ୍ତା ସାଧାରଣ ନିର୍ବାଚନ ସକାଶେ ଆଶାୟୀ ଥିବା କୁହାଯାଉଛି। ଯଦି ମହିଳା କାର୍ଡ ଖେଳ ହୁଏ, ତେବେ ପଦ୍ମିନୀ

**କୋଟପାଡ଼ ନିର୍ବାଚନମଣ୍ଡଳୀ**



ଆଗରେ ରହିବେ ବୋଲି କୁହାଯାଉଛି। ଯଦି ତାହା ନ ହୁଏ, ଚନ୍ଦ୍ରଶେଖର ମଧ୍ୟ ବିଧାୟକ ପ୍ରାର୍ଥୀ ସକାଶେ ଦାବିଦାର ରହିବେ। ଉଭୟ ପ୍ରାର୍ଥୀ ନିଜ ସଙ୍ଗଠନ କରି ଦଳ ସକାଶେ କାର୍ଯ୍ୟକ୍ରମଗୁଡ଼ିକରେ ଉପସ୍ଥିତ ରହୁଛନ୍ତି। ଏଠାରେ ମଧ୍ୟ ଅସନ୍ତୁଷ୍ଟ ଗୋଷ୍ଠୀ ଅଛନ୍ତି। କୁହାଗଲାଣି ନିର୍ବାଚନ ସମୟରେ ପ୍ରାର୍ଥୀ ଦେଖି ଏମାନେ ଦଳବଦଳ କରିପାରନ୍ତି।

କଂଗ୍ରେସ ବର୍ତ୍ତମାନ ନୂଆ ମୁହଁ ଖୋଜା ଆରମ୍ଭ କରିଛି। ଆଶାୟୀ ପ୍ରାର୍ଥୀ ରୂପେ ଅନାମୁ ଦିଆନ, ପ୍ରଫୁଲ୍ଲ ଭତରା, କୋଟପାଡ଼ର ପୂର୍ବତନ ବ୍ଲକ ଅଧ୍ୟକ୍ଷା ପାର୍ବତୀ ନାୟକ ନୂଆ ଚେହେରା ରୂପେ ଅବତୀର୍ଣ୍ଣ ହୋଇଛନ୍ତି। ସେହିଭଳି ଭାଜପାରୁ କିଛିଦିନ ତଳେ ଭାରତୀୟ ସେନାରୁ ଅବସର ନେଇଥିବା ରୁପୁ ଭତରା, ଗତ ନିର୍ବାଚନ ଲଢ଼ିଥିବା ଖୋଗେସ ପୂଜାରୀ, ପୂର୍ବତନ ସରପଞ୍ଚ ବାଳକୃଷ୍ଣ ମାଝୀ ଓ ବର୍ତ୍ତମାନର ସରପଞ୍ଚ ମନମୋତି ପୂଜାରୀ ଆଶାୟୀ ଅଛନ୍ତି।

ବିଜେଡି ଗତ ପାଞ୍ଚ ବର୍ଷର ଉନ୍ନୟନ କାର୍ଯ୍ୟକୁ ଦର୍ଶାଇ ବିଜୟଲାଭ କରିବାକୁ ଆଶା ରଖିଥିବା ବେଳେ କଂଗ୍ରେସ ନିଜ ଗଡ଼ ବଜାୟ ରଖିବାକୁ ନୂଆ ଚେହେରା ନିର୍ବାଚନ ରଣାଙ୍ଗନକୁ ଛାଡ଼ିପାରେ। ସେପଟେ ଭାଜପା ନରେନ୍ଦ୍ର ମୋଦିଙ୍କ ଗ୍ୟାରେଣ୍ଟି କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆଦି ଜନକଲ୍ୟାଣକାରୀ କାର୍ଯ୍ୟକୁ ଆଧାର କରି ଭୋଟରଙ୍କ ଦ୍ୱାରସ୍ଥ ହେବ ବୋଲି ଦଳୀୟ ସମର୍ଥକମାନେ କହୁଛନ୍ତି। ଗତ ପୌର ନିର୍ବାଚନରେ ଅଧ୍ୟକ୍ଷ ପଦବୀ କଂଗ୍ରେସ ହାତେଇ ଥିବା ବେଳେ ଭାଜପା ଦ୍ୱିତୀୟ ଓ ବିଜେଡି ତୃତୀୟ ସ୍ଥାନରେ ଥିଲା। ତେଣୁ ଆସନ୍ତା ନିର୍ବାଚନରେ କଂଗ୍ରେସ ଓ ବିଜେଡି ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି କେତେକେ କହୁଥିବା ବେଳେ ଛତିଶଗଡ଼ ବିଜୟର ପ୍ରଭାବ ଭାଜପା ଭୋଟରେ ପ୍ରତିଫଳିତ ହୋଇପାରେ ବୋଲି ରାଜନୈତିକ ବିଶ୍ଳେଷକମାନେ ଅନୁମାନ ଲଗାଇଲେଣି।

# ଓଡ଼ିଶାରେ ଭାଜପାର ୩ କେନ୍ଦ୍ରୀୟ ନେତା

ଭୁବନେଶ୍ୱର, ୨୯।୧୨ (ସୁନିତ୍ ମିଶ୍ର)

୨୦୨୪ ସାଧାରଣ ନିର୍ବାଚନ ଯେତିକି ଯେତିକି ପାଖେଉଛି ରାଜ୍ୟ ରାଜନୀତି ସେତିକି ସରଗରମ ହେବାରେ ଲାଗିଛି। ପ୍ରଥମେ ରାଜ୍ୟର ଦୁଇ ଜାତୀୟ ଦଳ କଂଗ୍ରେସ ଏବଂ ଭାଜପାର ରାଜ୍ୟ ନେତୃବୃନ୍ଦ ସାଙ୍ଗଠନିକ ଆଲୋଚନା କରିବାକୁ ଦିଲ୍ଲୀ ଗସ୍ତ କରିଥିଲେ। ଏବେ ଉଭୟ ଦଳର କେନ୍ଦ୍ରୀୟ ନେତାଙ୍କ ଆଗମନ ଧୀରେ ଧୀରେ ଆରମ୍ଭ ହେବାରେ ଲାଗିଛି। ଆସନ୍ତା ୬ ତାରିଖରେ କଂଗ୍ରେସର ନୂଆ ପ୍ରଭାରୀ ଅଜୟ କୁମାର ଓଡ଼ିଶା ଆସିବା କାର୍ଯ୍ୟକ୍ରମ ଥିବାବେଳେ ଶୁକ୍ରବାର ଭାଜପାର ୩ କେନ୍ଦ୍ର ନେତା

**ଆଜି ପଦାଧିକାରୀ ବୈଠକ**

ଓଡ଼ିଶା ଆସିବା ପରେ ରାଜନୈତିକ ଚର୍ଚ୍ଚା ଆଲୋଚନା ବଢ଼ିଯାଇଛି। ଭାଜପା କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ସହପ୍ରଭାରୀ ବିଜୟପାଲ୍ ସିଂ ତୋମାରଙ୍କ ସହ ରାଷ୍ଟ୍ରୀୟ ସଙ୍ଗଠନ ମହାମନ୍ତ୍ରୀ ବି.ଏଲ୍. ସନ୍ତୋଷ ଆସି ପହଞ୍ଚିଛନ୍ତି। ନିକଟରେ ରାଷ୍ଟ୍ରୀୟ ପଦାଧିକାରୀ ବୈଠକରେ ହୋଇଥିବା ନିଷ୍ପତ୍ତିକୁ କିପରି ତୃଣମୂଳସ୍ତରରେ କାର୍ଯ୍ୟକାରୀ କରିହେବ ସେନେଇ ରାଜ୍ୟ ନେତାମାନଙ୍କ ସହ ଏକାଧିକ ବୈଠକ କରି ସେମାନେ ମନ୍ତ୍ର ଦେବେ ବୋଲି ଜଣାପଡିଛି। ପ୍ରଥମ ଦିନରେ ରାଜ୍ୟ ଭାଜପାର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶନିବାର ଦଳର ପଦାଧିକାରୀ ବୈଠକ ହେବ। ଏହାପରେ ଜିଲା ସଭାପତି ଏବଂ ଜିଲା ପ୍ରଭାରୀମାନଙ୍କ ବୈଠକ ଅନୁଷ୍ଠିତ ହେବ। ରବିବାର ଦଳର ସଂଯୁକ୍ତ ମୋର୍ଚ୍ଚାର ବୈଠକ ଅନୁଷ୍ଠିତ ହେବ। ପ୍ରତ୍ୟେକ ବୁଥ୍‌ରୁ ୫୦ ପ୍ରତିଶତ ଭୋଟ୍ କିପରି ନେଇ ହେବ ସେନେଇ ଦଳ ଯୋଜନା ପ୍ରସ୍ତୁତ କରୁଥିବା ଜଣାପଡିଛି। ଓଡ଼ିଶାର କୋଟିଏ ପରିବାର ପାଖକୁ କିପରି ରାଜ୍ୟ ନେତାମାନେ ପହଞ୍ଚି ପାରିବେ ସେନେଇ ମୁଖ୍ୟତଃ ବୈଠକରେ ଆଲୋଚନା ହେବ ବୋଲି କୁହାଯାଉଛି।

# ଚର୍ଚ୍ଚାରେ ବିଦ୍ୟୁବେନ୍ଦୁ, ଶକ୍ତିପଦ

ଭୋଗରାଇ,୨୯।୧୨(ପ୍ରଦୀପ ଦାସ)

**ଭୋଗରାଇ ରାଜନୀତି ଘଡ଼ିକେ ଘୋଡ଼ା ଛୁଟୁଛି**

ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀରେ ବିଭିନ୍ନ ରାଜନୈତିକ ଦଳରେ ଦିନକୁ ଦିନ ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏଭଳି ସ୍ଥିତିରେ ମୁଖ୍ୟତଃ ବିଜେଡି, କଂଗ୍ରେସ ଓ ଭାଜପା ଦଳର ଟିକେଟ ହାତେଇବା ଲାଗି ଆଶାୟୀ ପ୍ରାର୍ଥୀମାନେ ଭିନ୍ନ ରଣକୌଶଳ ଆପଣାଉଛନ୍ତି। ନିଜ ସମର୍ଥକମାନଙ୍କୁ ନେଇ ବିଭିନ୍ନ ସ୍ଥାନରେ ଗୁପ୍ତ ଭାବେ ସଭାସମିତି କରି ନିଜ ସପକ୍ଷରେ ସ୍ଥିତି ଦୃଢ଼ କରିବାରେ ଲାଗିଛନ୍ତି। ଜିଲା ଓ ରାଜ୍ୟ ନେତୃମଣ୍ଡଳୀଙ୍କଠାରେ ଶକ୍ତି ପ୍ରଦର୍ଶନ କରି ଦୃଷ୍ଟି ଆକର୍ଷଣ କରିବା ସହିତ ଭୋଗରାଇରୁ ଭୁବନେଶ୍ୱର ପର୍ଯ୍ୟନ୍ତ ରାଜ୍ୟନେତାଙ୍କ ସହିତ ସେଲ୍‌ଫି ଓ ଫଟୋ ଉଠାଇ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରି ଭୋଟରଙ୍କ ମନରେ ବିଶ୍ୱାସ ଜମାଉଛନ୍ତି। ଶାସକ ବିଜେଡିରେ ସର୍ବାଧିକ ଆଶାୟୀ ବିଧାୟକ ପ୍ରାର୍ଥୀ ରହିଛନ୍ତି। ଏହି ଦଳର ଶିକ୍ଷାବିତ ତଥା ଇଂ. ବିଦ୍ୟୁବେନ୍ଦୁ ପାତ୍ର ଓ ଭାଜପାର ଶକ୍ତିପଦ ପାଣ୍ଡେ, କଂଗ୍ରେସରୁ ସତ୍ୟଶିବ ଦାସ ଓ କଂଗ୍ରେସ ଶାଖା ସଭାପତି ଆଶିଷ କୁମାର ପାତ୍ରଙ୍କ ନାମ ଚର୍ଚ୍ଚା ପରିସରକୁ ଆସିଛି। ନିକଟରେ ବିଦ୍ୟୁବେନ୍ଦୁ ଚନ୍ଦନେଶ୍ୱର ନିକଟ ଗୋଛିଦାତେଘରୀରେ



ବିଦ୍ୟୁବେନ୍ଦୁ ପାତ୍ର



ଶକ୍ତିପଦ ପାଣ୍ଡେ

ବନ୍ଧୁ ମିଳନ ଅବସରରେ ଦଳୀୟ ନେତାଙ୍କ ହୁଇପ ସତ୍ତ୍ୱେ ପଞ୍ଚାୟତ ନେତାଙ୍କ ସହ ମିଶି ୧୦ ହଜାର କର୍ମୀଙ୍କୁ ନେଇ ସଭା କରିଥିବା ବିଜେଡିରେ ହଟଚମଟ ସୃଷ୍ଟି କରିଛନ୍ତି। ସେ ଭୋଗରାଇରେ ଘନ ଘନ ବୈଠକ କରି ଜନ ସମର୍ଥନ ଲୋଡୁଛନ୍ତି। ସେହିପରି ଭାଜପାରେ ୨୦୧୭ରୁ ଗୋଷ୍ଠୀକନ୍ଦଳ ତୀବ୍ର ଧରିଥିବା ବେଳେ ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶକ୍ତିପଦ ପାଣ୍ଡେ ପୁରୁଣା ଓ ନୂଆ କର୍ମୀ ଓ ନେତାଙ୍କୁ ନେଇ ବିଭନ୍ନ ପଞ୍ଚାୟତରେ ବୈଠକ କରି ରାଜ୍ୟନେତାଙ୍କ ଦୃଷ୍ଟି ଆକର୍ଷଣ କରି ଟିକେଟ ହାତେଇବା ଲାଗି ଲବି ଆରମ୍ଭ କରିଛନ୍ତି। ଅପରପକ୍ଷରେ ବିଜେଡି ବିଧାୟକ ଅନନ୍ତ ଦାସଙ୍କ ଉତ୍ତରାଧିକାରୀ ଭାବେ ତାଙ୍କ ପୁତ୍ର ଇଂ. ଅଭିଜିତ ଦାସ, ରାଜ୍ୟ ପ୍ରବକ୍ତା ସ୍ୱାଧୀନତା ସଂଗ୍ରାମୀଙ୍କ ପୁଅ ଗୌତମବୁଦ୍ଧ ଦାସ, ଏମ୍‌ସ ଡାକ୍ତର ସରୋଜ କୁମାର ଦାସ ମଜୁମଦାର, ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ଆଇନଜୀବୀ ଭୁବନାନନ୍ଦ ଦାସ ପ୍ରମୁଖ ଦଳୀୟ ଟିକେଟ ଲାଗି କସରତ କରୁଥିବା ବେଳେ ଏବେ ଆଉ ଦୁଇଜଣ ଆଶାୟୀ ପ୍ରାର୍ଥୀ ତାଲିକାରେ ଯୋଡ଼ି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅବସରପ୍ରାପ୍ତ ୟୁକୋ ବ୍ୟାଙ୍କର ମହାପ୍ରବନ୍ଧକ ଅସିତ୍ କୁମାର ଚନ୍ଦ ଓ ଗତ ନିର୍ବାଚନରେ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ସୁଦର୍ଶନ ଜେନା ବିଜେଡି ଟିକେଟ ଦୌଡ଼ରେ ଥିବା ପ୍ରକାଶ କରିଛନ୍ତି। ଭୋଗରାଇରେ ଏବେ ୩ ଦଳରେ ପ୍ରାର୍ଥୀ ଚୟନକୁ ନେଇ ଘଡ଼ିକେ ଘୋଡ଼ା ଛୁଟୁଛି।

# ସବୁ ସିଟ୍ ଜିତିବାକୁ ପ୍ରୟାସ କର: ପ୍ରଣବ

ସମ୍ବଲପୁର,୨୯।୧୨ (ଭବାନୀ ଶଙ୍କର ଭୋଇ)

ବିଜେଡିର ସମ୍ବଲପୁର ପ୍ରଭାରୀ ତଥା ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି) ଶୁକ୍ରବାର ଦିନିକିଆ ସମ୍ବଲପୁର ଗସ୍ତରେ ଆସି ଚାରିଗୋଟି ନିର୍ବାଚନ ମଣ୍ଡଳୀର କର୍ମକର୍ତ୍ତାଙ୍କ ସହ ଭିନ୍ନ ଭିନ୍ନ ବୈଠକରେ ଯୋଗଦେଇ ଦଳର ସ୍ଥିତି ଓ ଆଗାମୀ ରଣନୀତି ନେଇ ସମୀକ୍ଷା କରିଛନ୍ତି। କାଇଁଶିର ରୋଡର ଏକ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ବୈଠକରେ ସମ୍ବଲପୁର ବିଧାନସଭା କ୍ଷେତ୍ର ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ସମେତ ବିଜେଡି ଜିଲା ସଭାପତି ରୋହିତ ପୂଜାରୀ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ, ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଟାଉନ ବିଜେଡି ସଭାପତି ଶତିଶ ବିଶି ପ୍ରମୁଖ ଯୋଗଦେଇଥିଲେ। ଭାଲୁପାଲି ଛକର ଏକ ହୋଟେଲରେ ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ସାଙ୍ଗଠନିକ ବୈଠକରେ ପ୍ରଣବ ସାମିଲ ହୋଇଥିଲେ। ଏଥିରେ ପୂର୍ବତନ ବିଧାୟକ ରମେଶ ପଟୁଆଙ୍କ ସମେତ ରେଙ୍ଗାଲିର ବହୁ ବରିଷ୍ଠ ନେତା ଯୋଗଦେଇଥିଲେ। ଜାନୁୟାରୀ ୧୨ରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ୨୭ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମ୍ବଲପୁର ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏହାସହ ଆଗାମୀ ନିର୍ବାଚନରେ ସମ୍ବଲପୁରର ଚାରିଟି ଯାକ ସିଟ କିପରି ବିଜେଡି ଜିତିବ ସେ ନେଇ କର୍ମୀଙ୍କ ସହ ପ୍ରଣବ ଆଲୋଚନା କରିଥିଲେ। ବିଜେଡି ଜିଲା ସଭାପତି ରୋହିତ ପୂଜାରୀ କହିଥିଲେ, ବିଜେଡି ଆଗାମୀ ନିର୍ବାଚନରେ ସମ୍ବଲପୁରର ୪ଟି ଯାକ ସିଟରେ ବିଜେଡି ବିଜୟୀ ହେବ। ସେପଟେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବାରମ୍ବାର ସମ୍ବଲପୁର ଗସ୍ତରେ ଆସୁଥିବା ବେଳେ ଏହାର କୌଣସି ପ୍ରଭାବ ପକାଇବ ନାହିଁ ବୋଲି ରୋହିତ କହିଛନ୍ତି।



କାଇଁଶି ରୋଡଠାରେ ସମୀକ୍ଷା ବୈଠକରେ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ବକ୍ତବ୍ୟ ରଖୁଛନ୍ତି।

## ରାଜ୍ୟ ଖବର

# ଡାକ୍ତରଖାନାରେ ମୃତଦେହ ଛାଡ଼ି ଫେରାର

**ଟଙ୍କା ପାଇଁ ସ୍ତ୍ରୀକୁ ନିର୍ଘୁମ୍ ପିଟିଲେ ସ୍ୱାମୀ**

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

ଅମରପାଲି,୨୯।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ ତିଲେଇମାଲ ଗ୍ରାମରେ ସ୍ୱାମୀର ବର୍ବରକାଣ୍ଡ ଦେଖିବାକୁ ମିଳିଛି। ଟଙ୍କା ପାଇଁ ନିଜ ସ୍ତ୍ରୀକୁ ପିଟିପିଟି ହତ୍ୟା କରିଥିବା ବାପଘର ପକ୍ଷରୁ ଅଭିଯୋଗ ହୋଇଛି। ସ୍ତ୍ରୀ ମରିଯିବା ଜାଣି ଡାକ୍ତରଖାନା ବାରଣ୍ଡାରେ ମୃତଦେହ ରଖି ଅଭିଯୁକ୍ତ ସ୍ୱାମୀ ଫେରାର ମାରିଛନ୍ତି। ଏହି ଘଟଣା ସମ୍ପୃକ୍ତ ଅଞ୍ଚଳରେ ଗଭୀର ଆଲୋଡନ ସୃଷ୍ଟି କରିଛି।

ପ୍ରକାଶ ଯେ, ତିଲେଇମାଲ ଗାଁର ଜଣେ ୩୫ ବର୍ଷର ଯୁବକ ଖଣ୍ଡହତା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବରପଦର ଗ୍ରାମର ଜଣେ ଯୁବତୀଙ୍କୁ ଗତ ୫ ବର୍ଷ ପୂର୍ବେ ବୈଦିକ ରୀତିରେ ବିବାହ କରିଥିଲେ। ଉଭୟଙ୍କର ୩ବର୍ଷର ଜଣେ ଝିଅ ମଧ୍ୟ ଅଛି। ତେବେ ଛୋଟ ଛୋଟ କଥାକୁ ନେଇ ଉଭୟଙ୍କ ମଧ୍ୟରେ ମଝିରେ ମଝିରେ ଝଗଡ଼ା ହୋଇ ମାମଲା ଥାନା ପର୍ଯ୍ୟନ୍ତ ଯାଇଛି। ଥାନାରେ ଆପୋସ ବୁଝାମଣା ପରେ ମଧ୍ୟ ଦୁହିଁଙ୍କ ମଧ୍ୟରେ ମନାନ୍ତର ଲାଗି ରହିଥିଲା। ଗୁରୁବାର ରାତିରେ ଯୁବକ ଜଣକ ବାପଘରୁ ଟଙ୍କା ଆଣିବାକୁ କହି ସ୍ତ୍ରୀଙ୍କୁ ନିର୍ଘୁମ୍ ପିଟିଥିଲେ। ମାଡ଼ ଖାଇ ସେ ଅଚେତ ହୋଇ ପଡ଼ିଯିବାରୁ ତାଙ୍କୁ ବୀରମହାରାଜପୁର ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏହା ଜାଣିବା ପରେ ଡାକ୍ତରଖାନା ବାରଣ୍ଡାରେ ସ୍ତ୍ରୀର ମୃତଦେହ ଛାଡ଼ି ଅଭିଯୁକ୍ତ ସ୍ୱାମୀ ଫେରାର ମାରିଥିଲେ। ଭଉଣୀର ଦେହ ଅସୁସ୍ଥ ଖବର ପାଇ ଯୁବତୀଙ୍କ ଭାଇମାନେ ଭିଣୋଇଙ୍କୁ ଫୋନ କରିଥିଲେ । ସେ ସ୍ତ୍ରୀଙ୍କ ଦେହ ଖରାପ ଥିବା କହି ବୌଦ୍ଧ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଉଛି କହି ଫୋନ୍ କଲ୍ କାଟି ଦେଇଥିଲେ । ପରେ ଭାଇମାନେ ଅନ୍ୟ ଲୋକଙ୍କ ପାଖରୁ ଖବର ପାଇ ବୀରମହାରାଜପୁର ଡାକ୍ତରଖାନାରେ ପହଞ୍ଚି ଭଉଣୀର ମୃତଦେହ ଦେଖିଥିଲେ। ଏନେଇ ସେମାନେ ପୋଲିସକୁ ଖବର ଦେଇଥିଲେ। ଡାକ୍ତରଖାନାରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ସେପଟେ ଟଙ୍କା ପାଇଁ ଭଉଣୀଙ୍କୁ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ। ଏହି ଘଟଣାରେ ସୁବଳୟା ପୋଲିସ ଏକ ହତ୍ୟା ମାମଲା ରୁଜୁକରି ତଦନ୍ତ ଚଳାଇଛି । ବୀରମହାରାଜପୁର ଏସ୍‌ଡିପିଓ ବାସୁଦେବ ଛତ୍ରିଆ, ସୁବଳୟା ଥାନା ଅଧିକାରୀ ସୁଶାନ୍ତ ପଧାନ, ଏସ୍ଆଇ ପ୍ରଭାତୀ ଦାସ ପହଞ୍ଚି ଅଧିକ ତଦନ୍ତ କରୁଛନ୍ତି।

# ଶିମିଳିପାଳକୁ ମିଳିଲା ୧୬ ସୁରକ୍ଷା ଗାଡ଼ି

ବାରିପଦା,୨୯।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟ ଖଣି ନିଗମ(ଓଏମ୍‌ସି) ସହାୟତାରେ ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପକୁ ୧୬ଟି ସ୍ୱତନ୍ତ୍ର ଗାଡ଼ି ପ୍ରଦାନ କରାଯାଇଛି। ଶୁକ୍ରବାର ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଭୁବନେଶ୍ୱରଠାରେ ସବୁଜ ପତାକା ଦେଖାଇ ଶିମିଳିପାଳ ଅଭିମୁଖେ ଏହି ଗାଡ଼ି ଚଳାଚଳର ଶୁଭାରମ୍ଭ କରିଛନ୍ତି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ପ୍ରକାଶ ଚାନ୍ଦ ଗୋଗିନେନି ଏହି ଗାଡ଼ିଗୁଡ଼ିକ ଗ୍ରହଣ କରି ଅଭୟାରଣ୍ୟକୁ ଆଣିଛନ୍ତି।

ଏହି ଗାଡ଼ି ଦ୍ୱାରା ଅଭୟାରଣ୍ୟରେ ପାଟ୍ରୋଲିଂ ଓ ଉଦ୍ଧାର କାର୍ଯ୍ୟ ସହଜରେ ସମ୍ପାଦିତ ହୋଇପାରିବ। ପାହାଡ଼ିଆ ଓ ପାଣିକାଦୁଅ ରାସ୍ତାରେ ଉକ୍ତ ଗାଡ଼ିଗୁଡ଼ିକ ଯାତାୟାତ କରିପାରିବ। ଶିକାରୀ ଓ କାଠ ଚୋରଙ୍କୁ ରୋକିବା ଦିଗରେ ଏହା ସହାୟକ ହେବ। ପାଟ୍ରୋଲିଂ ବ୍ୟବସ୍ଥାରେ ଦେଖାଯାଉଥିବା ସମସ୍ୟାର ସମାଧାନ ହେବା ସହ ବନ୍ୟପ୍ରାଣୀ ଉଦ୍ଧାର କାର୍ଯ୍ୟ ସହଜରେ ସମ୍ପାଦନ କରାଯାଇ ପାରିବ। ରାଜ୍ୟର ୯୦ ପ୍ରତିଶତ ମହାବଳ ବାଘ, ୧୬ ପ୍ରତିଶତ କଳାରାପତରିଆ ବାଘ, ଦେଶରେ ବିରଳ ୧୦ଟି ମହାବଳ କଳାବାଘ ଓ ୨୫ ପ୍ରତିଶତ ହାତୀ ଶିମିଳିପାଳ ଅଭୟାରଣ୍ୟରେ ରହିଛନ୍ତି। ଏହା ବ୍ୟତିତ ଏକାଧିକ ପ୍ରଜାତିର ବିଲୁପ୍ତ ପ୍ରାଣୀ ଉଦ୍ଭିଦ ଓ ଅର୍କିଡ ଭରପୁର ରହିଛି। ମେଘାସନୀ ଓ ଖଇରିବୀରୁ ଭଳି ଆକାଶଚୁମ୍ବି ପର୍ବତମାଳା ଏଠାରେ ବିରାଜମାନ। ଶିମିଳିପାଳ ମଧ୍ୟରେ ୧୦୧୧.୫ କି.ମି. ପର୍ଯ୍ୟନ୍ତ ରାସ୍ତା ରହିଛି। ପାହାଡ଼ିଆ ଖାଲଖମା ରାସ୍ତାକୁ ଯିବା ପାଇଁ କ୍ଷେତ୍ରସ୍ତରୀୟ କର୍ମଚାରୀ ସମସ୍ୟାରେ ପଡୁଛନ୍ତି। ବିଭିନ୍ନ କ୍ୟାମ୍ପ୍‌କୁ ଆବଶ୍ୟକ ସରଞ୍ଜାମ ନେବା ଆଣିବା କରିବା ପାଇଁ ପାହାଡ଼ିଆ ରାସ୍ତା ପ୍ରତିବନ୍ଧକ ସୃଷ୍ଟି କରିଥାଏ। ଏହାର ସୁଯୋଗରେ ଶିକାରୀମାନେ ଅଭୟାରଣ୍ୟ ମଧ୍ୟକୁ ଅକ୍ଲେଶରେ ପ୍ରବେଶ କରି ବନ୍ୟଜନ୍ତୁ ଓ ବନ କର୍ମଚାରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛନ୍ତି। ଅତୀତରେ ୨ ବନ କର୍ମଚାରୀ ଶିକାରୀଙ୍କ ଗୁଳିରେ ପ୍ରାଣ ହରାଇବା ରାଜ୍ୟବାସୀଙ୍କୁ ମର୍ମାହତ କରିଥିଲା। ଏଭଳି ପରିସ୍ଥିତିକୁ ଏଡ଼ାଇବା ଓ ବନ କର୍ମଚାରୀଙ୍କୁ ଅଧିକ ସଶକ୍ତ କରିବା ପାଇଁ ଏହି ଗାଡ଼ି ବିଶେଷ ସହାୟକ ହେବ। ସେହିପରି ୧୪ଟି ଗାଡ଼ି ପାଟ୍ରୋଲିଂ କାର୍ଯ୍ୟରେ ଓ ଅନ୍ୟ ୨ଟି ବନ୍ୟଜନ୍ତୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି ଶିମିଳିପାଳ କ୍ଷେତ୍ର ନିର୍ଦ୍ଦେଶକ ଗୋଗିନେନି କହିଛନ୍ତି।

# ୪ ନିଖୋଜ ମୃତଦେହ ମିଳିଲା

କୋରାପୁଟ/ଭୁବନେଶ୍ୱର, ୨୯।୧୨
(ଅମିତାଭ ବେହେରା/ଅନିଲ ଦାସ)

**ପାତାଳୀ ନଦୀରେ ଡଙ୍ଗା ବୁଡ଼ି ଘଟଣା**

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପାଡୁଆ ଥାନା କୁଲାରସିଂ ପଞ୍ଚାୟତ ତାନସିଂ ନିକଟସ୍ଥ ପାତାଳୀ ନଦୀରେ ଡଙ୍ଗା ବୁଡ଼ି ଘଟଣାରେ ୪ ନିଖୋଜଙ୍କ ମୃତଦେହ ଶୁକ୍ରବାର ଜବତ ହୋଇଛି। ୨ ମହିଳାଙ୍କ ସମେତ ୩ ନାବାଳିକା ମୋଟ ୫ ଜଣ ନିଖୋଜ ଥିଲେ। ସେମାନେ ହେଲେ ଶଶୀରେଖା ଆର୍ଲବ(୩୫),୩ ନାବାଳିକା ନବୀନା ଆର୍ଲବ(୧୪), ପୁଷ୍ପାଞ୍ଜଳି ଆର୍ଲବ(୫) ଓ କ୍ରାନ୍ତି ଶିଶା(୮)। ଜଣଙ୍କର ମୃତଦେହ ଗୁରୁବାର ମିଳିଥିଲା। ତାଙ୍କ ନାମ ଲାଲମଣି ଶିଶା(୫୦) ବୋଲି ଜଣାପଡ଼ିଥିଲା। ଶୁକ୍ରବାର ସକାଳ ୯ଟାରୁ ଓଡ୍ରାଫ ଓ ନନ୍ଦପୁର ଅଗ୍ନିଶମ ବିଭାଗ ମିଳିତଭାବେ ତଲାସି ଆରମ୍ଭ କରି ୪ ମୃତଦେହକୁ ନଦୀରୁ ଜବତ କରିଥିଲେ। ଗୁରୁବାର ସନ୍ଧ୍ୟାରେ କୁହୁଡି ଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଘଟଣାସ୍ଥଳରେ ନନ୍ଦପୁର ପ୍ରଶାସନ, ପଟ୍ଟାଙ୍ଗି ବିଧାୟକ, ଏସଡିପିଓ ସଞ୍ଜୟ ମହାପାତ୍ର ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗକୁ ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ଆତ୍ମୀୟଙ୍କୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ପାଇଁ ଘୋଷଣା କରିଛନ୍ତି।

# ଜମିବାଡ଼ି ବିବାଦକୁ କେନ୍ଦ୍ରକରି ହଣାକଟା, ୬ ଗୁରୁତର

ଭଦ୍ରକ,୨୯।୧୨(ସନାତନ ରାଉତ)

ଭଦ୍ରକ ଟାଉନ ଥାନା ଚରମ୍ପା ବରଳାପୋଖରୀ ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ୨ ପରିବାର ମଧ୍ୟରେ ହଣାକଟା ହୋଇଛନ୍ତି। ଏଥିରେ ଉଭୟ ପକ୍ଷର ୬ଜଣ ଗୁରୁତର ହୋଇଛନ୍ତି। ସମସ୍ତେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଜମିବାଡ଼ି ଭାଗ ବଣ୍ଟାକୁ ନେଇ ଗ୍ରାମର ଦଳେଇ ଓ ସେନାପତି ପରିବାର ମଧ୍ୟରେ ଦୀର୍ଘ ୪ର୍ଷ ଧରି ବିବାଦ ଲାଗି ରହିଛି। ଗୁରୁବାର ବିଳମ୍ବିତ ରାତିରେ ପୁନର୍ବାର ପୂର୍ବ ବିବାଦକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଆକ୍ରମଣ ପ୍ରତି ଆକ୍ରମଣରେ ନରହରି ଦଳେଇ, ଭଗତ ଦଳେଇ, ରବୀନ୍ଦ୍ର ଦଳେଇ, ମାନସୀ ଦଳେଇ, ଶ୍ରଦ୍ଧାଞ୍ଜଳି ସେନାପତି ଓ ପଦ୍ମାବତୀ ସେନାପତି ଗୁରୁତର ହୋଇଛନ୍ତି।

# 'ଝିଅମାନଙ୍କୁ ଶିକ୍ଷା ପ୍ରଦାନରେ ଭେଦଭାବ କରିବା ଉଚିତ ନୁହେଁ'

**ରାଜ୍ୟପାଳଙ୍କ ଦିନିକିଆ ଭଦ୍ରକ ଗସ୍ତ**

- ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କଲେ
- କୃଷକ ସମାବେଶରେ ଯୋଗଦେଲେ
- ଏସ୍‌ଏଚ୍‌ଜି ମହିଳାଙ୍କ ସହ ଆଲୋଚନା

ଭଦ୍ରକ/ବନ୍ତ,୨୯।୧୨
(ସନାତନ ରାଉତ/ ହରିନାରାଣ ମହାନ୍ତି)

ରାଜ୍ୟପାଳ ରଘୁବର ଦାସ ଶୁକ୍ରବାର ଦିନିକିଆ ଭଦ୍ରକ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ରାଜ୍ୟପାଳ ପ୍ରଥମେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ବରପଦା ଅଙ୍ଗନୱାଡି କେନ୍ଦ୍ରରେ ପହଞ୍ଚିଥିଲେ। ଅଙ୍ଗନୱାଡି କର୍ମୀ, ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ସହ ପୋଷଣ ଯୋଜନା ବାବଦରେ ଆଲୋଚନା କରିଥିଲେ। ସରକାରୀ ଯୋଜନାରେ ଅଙ୍ଗନୱାଡିକୁ ଯୋଗାଇ ଦିଆଯାଇଥିବା ଖାଦ୍ୟ ଓ ପୋଷାକ ଠିକ୍‌ଭାବେ ପିଲାମାନଙ୍କ ପାଖରେ ପହଞ୍ଚୁଛି କି ନାହିଁ ସେ ପଚାରି ବୁଝିଥିଲେ। ରାଜ୍ୟପାଳଙ୍କ ସହ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଉପସ୍ଥିତ ଥିଲେ। ସୁରକ୍ଷା ବ୍ୟବସ୍ଥା ନେଇ ଏସ୍‌ପି ବରୁଣ ଗୁଣ୍ଟୁପାଲି, ଡିଏସ୍‌ପି ଡିଆଇବି କମଳ ଲୋଚନ ଭୂୟାଁ, ଏସ୍‌ଡିପିଓ ସୌରଭ ଓତା, ତହସିଲଦାର ସଂଗ୍ରାମ ପ୍ରିୟଦର୍ଶୀ ଖୁଣ୍ଟିଆ, ଗ୍ରାମାଞ୍ଚଳ ଥାନାଧିକାରୀ ଅମିତାଭ ଦାସ ପ୍ରମୁଖ ନିୟୋଜିତ ଥିଲେ। ସେଠାରୁ ବନ୍ତସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରଜତ ଜୟନ୍ତୀ ସମାରୋହର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଥିଲେ, ଝିଅମାନଙ୍କୁ ଶିକ୍ଷା ପ୍ରଦାନରେ କୌଣସି ଭେଦଭାବ କରିବା ଉଚିତ ନୁହେଁ। ଝିଅଟିଏ ପାଠ ପଢ଼ିଲେ ଗୋଟିଏ ପିଢ଼ି ନୁହେଁ ଦୁଇଟି ପିଢ଼ି ସଂସ୍କାରିତ ହୋଇଥାଏ।


ଦୁଇଦିନିଆ ଉତ୍ସବର ପ୍ରଥମ ଦିବସରେ ଜୟନ୍ତୀ କମିଟିର ମୁଖ୍ୟ ଉପଦେଷ୍ଟା ଡ. ଶୁଭେନ୍ଦୁ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂର୍ବତନ ସଙ୍ଗଠନ ସମ୍ପାଦକ ପଞ୍ଚାନନ ରାଉତ ଯୋଗଦେଇ ବନ୍ତରେ ତୁରନ୍ତ କୋର୍ଟ ଖୋଲିବା, ଭଦ୍ରକ-ଆନନ୍ଦପୁର ରାଜ୍ୟ ରାଜପଥକୁ ୪ ଲେନ୍ ବିଶିଷ୍ଟ କରିବା, ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ଓ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଆଦି ଦାବି ସମ୍ପର୍କରେ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ମାନିତ ଅତିଥି ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୁରଜ, ମୁଖ୍ୟବକ୍ତା ଭାବେ କୁଲଣାସ୍ଥିତ ରାମକୃଷ୍ଣ ସେବାଶ୍ରମର ସଭାପତି ସ୍ୱାମୀ ଆଶ୍ରୟାନନ୍ଦଜୀ ମହାରାଜ, ବାଲେଶ୍ୱରସ୍ଥିତ ପୂର୍ବୋତ୍ତର ସମ୍ଭାଗ ସଭାପତି ଅମୂଲ୍ୟ ପ୍ରସାଦ ନାୟକ ଓ ବିଦ୍ୟାମନ୍ଦିର ସଭାପତି ସୁରେନ୍ଦ୍ର କୁମାର ବାରିକ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସୁଧାଂଶୁ ଶେଖର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବନ୍ତକୁ ଏନ୍‌ଏସି ମାନ୍ୟତା, ବରିଷ୍ଠ ନାଗରିକଙ୍କ ପାଇଁ ସ୍ଥାୟୀ ଗୃହ, ଦମକଳ କେନ୍ଦ୍ର ପ୍ରତିଷ୍ଠା, ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ ଆଦି ଦାବି ସମ୍ବଳିତ ଏକ ସ୍ମାରକପତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଛି। ସେହିପରି ବନ୍ତରେ ଜେଏମ୍‌ଏଫ୍‌ସି କମ୍ ସିଜେଜେଡି କୋର୍ଟ ତୁରନ୍ତ ଖୋଲିବା ନେଇ ବ୍ଲକ ଓକିଲ ସଂଘ ପକ୍ଷରୁ ଦାବିପତ୍ର ଦିଆଯାଇଥିଲା। ୨ୟ ଅଧିବେଶନରେ ମୁଖ୍ୟଅତିଥି ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ମୁଖ୍ୟବକ୍ତା ଭାବେ ରାଜ୍ୟ ବିଜ୍ଞାନ ଏକାଡେମୀ ସଦସ୍ୟ ଇଂ. ଅଭୟ ସୁତାର ଯୋଗ ଦେଇଥିଲେ।

ପରେ ରାଜ୍ୟପାଳ ଓଡ଼ଙ୍ଗ ହାଇସ୍କୁଲ ପରିସରରେ ଅନୁଷ୍ଠିତ ଚାଷୀ ସମାବେଶରେ ଯୋଗଦେଇ କୃଷକ କଲ୍ୟାଣ, ପ୍ରଧାନମନ୍ତ୍ରୀ କିଷାନ ନିଧି ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବିଷୟରେ ଆଲୋଚନା କରିଥିଲେ। ରାଜ୍ୟପାଳଙ୍କ ସହ ଜିଲାପାଳ, ଧାମନଗର ବିଧାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ ଦତ୍ତ ଏବଂ ଓଡ଼ଙ୍ଗ ସରପଞ୍ଚ ଲକ୍ଷ୍ମୀପ୍ରିୟା ଦାସ ମଞ୍ଚାସୀନ ଥିଲେ। ଶେଷରେ ରାଜ୍ୟପାଳ କାଦବରାଙ୍ଗସ୍ଥିତ ଧବଳେଶ୍ୱର ମହିଳା ମହାସଂଘର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେଠାରେ ଟେଲରିଂ, ନର୍ସରୀ ବୁଲି ଦେଖିବା ସହ ମହିଳା ଗୋଷ୍ଠୀଙ୍କ ଦ୍ୱାରା ବିଭିନ୍ନ ଉତ୍ପାଦିତ ସାମଗ୍ରୀ ବିଷୟରେ ପଚାରି ବୁଝିଥିଲେ। ମିଶନ ଶକ୍ତିର ଡିପିଏମ୍ ସଞ୍ଜୟ ବାରିକ, ବିଡିଓ ପ୍ରଦୀପ ସେଠୀ, ବିଏଲ୍‌ସି ରଶ୍ମିତା ପଣ୍ଡା, ସିଡିପିଓ ଗୀତାରାଣୀ ମାଝୀ ଓ ଏମ୍‌ବିକେ କମଳା ମିଶ୍ର ପରିଚାଳନା କରିଥିଲେ।



ବନ୍ତ ଶିଶୁ ବିଦ୍ୟାମନ୍ଦିର ରଜତ ଜୟନ୍ତୀ ସମାରୋହରେ ରାଜ୍ୟପାଳ ରଘୁବର ଦାସ, ବିଧାୟକ ସୁରଜ ସୂର୍ଯ୍ୟବଂଶୀ ଓ ଅନ୍ୟମାନେ।

# ସେଲିବ୍ରିଟି ବ୍ରେକ୍‌ଅପ୍



ଅଧିକାଂଶ ଲୋକ ସେଲିବ୍ରିଟିଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ ଜାଣିବାକୁ ଚାହାନ୍ତି। ବିଶେଷକରି ନିଜ ପାର୍ଟନରଙ୍କ ସହ ସେଲିବ୍ରିଟିମାନଙ୍କ ସମ୍ପର୍କ କିପରି ରହିଛି, ସେମାନଙ୍କ ମଧ୍ୟରେ କ'ଣ ଚାଲିଛି ତା' ଉପରେ ତଥ୍ୟ ସଂଗ୍ରହ କରିବାକୁ ଅନେକଙ୍କ ରୁଚି ରହିଥାଏ। ବିଳାସପୂର୍ଣ୍ଣ ଚାକଚକ୍ୟ ଜୀବନ ବିତାଉଥିବା ଏଇ ହାଇପ୍ରୋଫାଇଲ ପର୍ସନାଲିଟିଙ୍କ ଲାଇଫ୍‌ରେ ବି କେଁ ଥାଏ। ମନାନ୍ତରରୁ ମତାନ୍ତର ଗଭୀରତା ବଢ଼ିଗଲେ ସମ୍ପର୍କରେ ସୃଷ୍ଟି ହୁଏ ଫାଟ, ଜୀବନରେ ଉଠେ ଝଡ଼। ୨୦୨୩ରେ ପରସ୍ପର ପ୍ରତି ବିମୁଖ ହୋଇ ନିଜ ପାଇଁ ଅଲଗା ବାଟ ବାଛିଥିବା କେତେଜଣ ବହୁଚର୍ଚ୍ଚିତ ଚେହେରାଙ୍କ ସମ୍ପର୍କରେ....

## ପାର୍ଟନରଙ୍କୁ ଛାଡ଼ିଲେ ଇଟାଲୀ ପ୍ରଧାନମନ୍ତ୍ରୀ

୨୦୨୩ ଅକ୍ଟୋବର ୨୦ରେ ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି ତାଙ୍କ ଟିଭି ଜର୍ନାଲିଷ୍ଟ ପାର୍ଟନର ଆଣ୍ଡ୍ରେଆ ଜିଆମବ୍ରୁନୋଙ୍କୁ ଛାଡ଼ିଦେଇଥିବା ସ୍ପଷ୍ଟ କରିଥିଲେ। ଆଣ୍ଡ୍ରେଆ ଲିଙ୍ଗଭେଦୀ ମନ୍ତବ୍ୟ ପାଇଁ ସମାଲୋଚିତ ହୋଇଥିଲେ। ସେପ୍ଟେମ୍ବରରେ ମେଲୋନି ଖବରଦାତାମାନଙ୍କୁ କହିଥିଲେ ଯେ, ତାଙ୍କୁ ଆଣ୍ଡ୍ରେଆଙ୍କ ମନ୍ତବ୍ୟକୁ ନେଇ ବିଚାର କରା ନ ଯାଉ। ଆଣ୍ଡ୍ରେଆଙ୍କ ଆଚରଣ ସମ୍ପର୍କରେ ସେ କୌଣସି ପ୍ରଶ୍ନର ଉତ୍ତର ଦେବେ ନାହିଁ। ୪୬ ବର୍ଷୀୟା ପ୍ରଧାନମନ୍ତ୍ରୀ ମେଲୋନି ଦକ୍ଷିଣପନ୍ଥୀ ମେଣ୍ଟ ସରକାର ମୁଖ୍ୟ ଭାବେ ପ୍ରଥମ ବର୍ଷ ପୂରଣ କରିଥିବାବେଳେ ଏହି ବିଚ୍ଛେଦ ଖବର ସାମ୍ନାକୁ ଆସିଥିଲା। ନିଜ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ମେଲୋନି ଲେଖିଥିଲେ, ଆଣ୍ଡ୍ରେଆଙ୍କ ସହ ୧୦ ବର୍ଷର ସମ୍ବନ୍ଧରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ତେବେ ନିଜ ବ୍ୟକ୍ତିଗତ ଜୀବନର କଠିନତାକୁ ନେଇ ସେ ପ୍ରଭାବିତ ହେବେ ନାହିଁ। ଘରେ ତାଙ୍କୁ ଯେଉଁମାନେ ଦୁର୍ବଳ କରିବାକୁ ଉଦ୍ୟମ ଚଳାଇଥିଲେ, ସେମାନେ କେବେହେଲେ ସଫଳ ହେବେ ନାହିଁ। ୨୦୧୪ରେ ଏକ ଟିଭି ଷ୍ଟୁଡିଓରେ ପରସ୍ପରକୁ ଭେଟିଥିବା ଏହି ଯୋଡ଼ିଙ୍କ ଜଣେ ୭ ବର୍ଷୀୟା ଝିଅ ଅଛନ୍ତି। ୪୨ ବର୍ଷୀୟ ଆଣ୍ଡ୍ରେଆ 'ମିଡିଆ ଇଷ୍ଟ' ଦ୍ୱାରା ପ୍ରସାରିତ ଏକ ନ୍ୟୁଜ୍ କାର୍ଯ୍ୟକ୍ରମରେ ଉପସ୍ଥାପକ ଅଛନ୍ତି। 'ମିଡିଆ ଇଷ୍ଟ' ହେଉଛି ପୂର୍ବତନ ପ୍ରଧାନମନ୍ତ୍ରୀ ସିଲିଭିଓ ବେର୍ଲୁସ୍କୋନିଙ୍କ ଉତ୍ତରାଧିକାରୀମାନଙ୍କ ଦ୍ୱାରା ପରିଚାଳିତ ଏମ୍ଏଫ୍ଇ ମିଡିଆ ଗ୍ରୁପ୍‌ର ଏକ ଅଂଶ। ମେଲୋନିଙ୍କ ଘୋଷଣାର ସପ୍ତାହେ ପୂର୍ବରୁ ଆଣ୍ଡ୍ରେଆ ଏକ ଶୋ' ବେଳେ ନିଜ ଗୁପ୍ତାଙ୍ଗକୁ ଧରି ତାଙ୍କ ମହିଳା ସହଯୋଗୀଙ୍କୁ କହିଥିଲେ, ତୁମେ ମୋତେ ପୂର୍ବରୁ କାହିଁକି ଭେଟି ନ ଥିଲ ? ଏହାର ଭିଡିଓ ଭାଇରାଲ ହୋଇଥିଲା। ଅନ୍ୟ ଏକ ଅଡିଓ ରେକର୍ଡିଂରେ ଆଣ୍ଡ୍ରେଆ ଆଉ ଜଣେ ମହିଳା ସହକର୍ମୀଙ୍କୁ କହୁଥିଲେ, ତାଙ୍କ ସହ କାମ କରିବାକୁ ହେଲେ ଗ୍ରୁପ୍ ସେକ୍ସରେ ସାମିଲ ହେବାକୁ ପଡ଼ିବ। ତାଙ୍କର ଏଭଳି ମନ୍ତବ୍ୟକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଥିଲା।





## ଅରବାଜ-ଜର୍ଜିଆ

ଅରବାଜ ଖାନ୍ ଓ ଜର୍ଜିଆ ଆଣ୍ଡ୍ରିଆନି ଗତ ୪ ବର୍ଷ ଧରି ରିଲେଶନଶିପ୍‌ରେ ଥିଲେ। କିନ୍ତୁ ୨୦୨୩ରେ ଉଭୟଙ୍କ ବାଟ ଅଲଗା ହୋଇଯାଇଥିଲା। ଅରବାଜ ଓ ତାଙ୍କ ସ୍ତ୍ରୀ ମଲାଇକା ଆରୋରାଙ୍କ ମଧ୍ୟରେ ୨୦୧୬ରେ ବିଚ୍ଛେଦ ହୋଇଥିବାବେଳେ ୨୦୧୭ରେ ଉଭୟେ ଆନୁଷ୍ଠାନିକ ଭାବେ ଛାଡ଼ପତ୍ର ଦେଇଥିଲେ।



## ସଚିନ-ସାରା ପାଇଲଟ

କଂଗ୍ରେସ ନେତା ସଚିନ ପାଇଲଟ ୨୦୦୪ରେ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍ଦୁଲ୍ଲାଙ୍କ ଝିଅ ସାରାଙ୍କୁ ବିବାହ କରିଥିଲେ। କିନ୍ତୁ ନିକଟରେ ଅନୁଷ୍ଠିତ ରାଜସ୍ଥାନ ବିଧାନସଭା ନିର୍ବାଚନ ବେଳେ ନାମାଙ୍କନପତ୍ର ସହ ଦାଖଲ କରିଥିବା ସତ୍ୟପାଠରେ ସଚିନ ନିଜ ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେଇଥିବା ବିଷୟ ଘୋଷଣା କରି ସମସ୍ତଙ୍କୁ ଚକିତ କରିଦେଇଥିଲେ।



## ଗୌତମ ସିଂଘାନିଆ

ରେମଣ୍ଡ ଗ୍ରୁପ୍ ମାଲିକ ଗୌତମ ସିଂଘାନିଆ ୩୨ ବର୍ଷର ଦାମ୍ପତ୍ୟ ଜୀବନ ପରେ ସ୍ତ୍ରୀ ନୱାଜ ମୋଦି ସିଂଘାନିଆଙ୍କଠାରୁ ଅଲଗା ରହିବା ନେଇ ଘୋଷଣା କଲେ। ଏହା ପୂର୍ବରୁ ଗୌତମ ନୱାଜ ଓ ତାଙ୍କ ଝିଅଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା।



## ନୱାଜୁଦ୍ଦିନ-ଆଲିୟା

ଅଭିନେତା ନୱାଜୁଦ୍ଦିନ ସିଦ୍ଦିକି ଅଭିନୟ ପାଇଁ ଯେତିକି ଚର୍ଚ୍ଚିତ, ତହିଁରୁ ଅଧିକ ପର୍ସନାଲ ଲାଇଫ୍‌କୁ ନେଇ। ସ୍ତ୍ରୀ ଆଲିୟା ନୱାଜଙ୍କ ବିରୋଧରେ ଅନେକ ସଙ୍ଗିନ୍ ଅଭିଯୋଗ ଆଣିବା ପରେ ୨୦୨୩ରେ ଦୁହେଁ ଅଫିସିଆଲି ଅଲଗା ହୋଇଥିଲେ।

## ୱିଦରସ୍ପୁନ୍-ଜିମ୍ ଟୋଥ୍

ଆମେରିକାନ୍ ଆକ୍ଟ୍ରେସ୍ ତଥା ପ୍ରଯୋଜିକା ରିସେ ୱିଦରସ୍ପୁନ୍ ଏବଂ ଟ୍ୟାଲେଣ୍ଟ ଏଜେଣ୍ଟ ଜିମ୍ ଟୋଥ୍‌ଙ୍କ ମଧ୍ୟରେ ପ୍ରଥମ ସାକ୍ଷାତ ହୋଇଥିଲା ୨୦୧୦ରେ। ୨୦୧୧ ମାର୍ଚ୍ଚରେ କାଲିଫର୍ନିଆରେ ଉଭୟେ ବାହା ହୋଇଥିଲେ। ସେମାନଙ୍କ ଦ୍ୱାଦଶ ବିବାହ ବାର୍ଷିକୀର କିଛି ଦିନ ପୂର୍ବରୁ ପରସ୍ପରଠାରୁ ଅଲଗା ହୋଇଥିଲେ। ୨୦୨୩ ମାର୍ଚ୍ଚରେ ଏହି କଠିନ ନିଷ୍ପତ୍ତି ସମ୍ପର୍କରେ ଦୁହେଁ ଇନ୍‌ଷ୍ଟାଗ୍ରାମରେ ଘୋଷଣା କରିଥିଲେ।





## ରୋସାଲିଆ-ରଉ ଆଲେଜାଣ୍ଡ୍ରୋ

ରୋସାଲିଆ ଏବଂ ରଉ ଆଲେଜାଣ୍ଡ୍ରୋଙ୍କ ସମ୍ପର୍କରେ ଭଙ୍ଗା ପଡ଼ିଥିଲା ୨୦୨୩ ଜୁଲାଇରେ। ୨୦୧୯ରେ ଲାସ୍ ଭେଗାସ୍‌ରେ ଆୟୋଜିତ ଲାଟିନ୍ ଜର୍ମାନୀ ଆୱାର୍ଡ୍ସ ସମାରୋହରେ ଉଭୟଙ୍କ ମଧ୍ୟରେ ପ୍ରଥମ ଦେଖା ହୋଇଥିଲା। ଏହା ପରେ ଦୁହେଁ ପରସ୍କରକୁ ଡେଟିଂ କରିବାରେ ଲାଗିଥିଲେ।

## ସ୍ପିଅର୍ସ-ଅସ୍‌ଘାରି

୪୨ ବର୍ଷୀୟା ବ୍ରିଟ୍‌ନି ସ୍ପିଅର୍ସ ଏବଂ ଇରାନୀୟ ମଡେଲ ତଥା ଅଭିନେତା ସାମ୍ ଅସ୍‌ଘାରି ୧୪ ମାସର ଦାମ୍ପତ୍ୟ ଜୀବନରେ ପୂର୍ଣ୍ଣଚ୍ଛେଦ ପକାଇ ଗତ ଅଗଷ୍ଟରେ ଅଲଗା ହୋଇଥିଲେ। ୨୦୧୬ରେ ସ୍ପିଅର୍ସଙ୍କ 'ସ୍ଲମ୍ବର ପାର୍ଟି' ମ୍ୟୁଜିକ୍ ଭିଡିଓ ସେଟ୍‌ରେ ଏହି ଯୋଡ଼ିଙ୍କ ଭେଟ ହୋଇଥିଲା। ୨୦୨୨ ଜୁନ୍‌ରେ ସେମାନେ ବିବାହ କରିଥିଲେ।





## ଭର୍ଗାରା-ମାଙ୍ଗାନିଏଲୋ

ହଲିଉଡ୍‌ର ପାୱାର କପଲ୍ ସୋଫିଆ ଭର୍ଗାରା ଏବଂ ଜୋ ମାଙ୍ଗାନିଏଲୋ ସେମାନଙ୍କ ବିବାହର ୭ ବର୍ଷ ପରେ ଗତ ଜୁଲାଇରେ ପରସ୍ପରଠାରୁ ଅଲଗା ହୋଇଯାଇଥିଲେ। ତେବେ ଉଭୟଙ୍କ ପ୍ରିଭେସିକୁ ସମ୍ମାନ ଦେବା ପାଇଁ ଦୁହେଁ ପେଜ୍ ସିକ୍ସରେ ନିଜ ଫ୍ୟାନ୍‌ମାନଙ୍କୁ ଅନୁରୋଧ କରିଥିଲେ। ଅଭିନେତା ଜୋ ପିଲା ଚାହୁଁଥିଲେ। କିନ୍ତୁ ତାଙ୍କ ସ୍ତ୍ରୀ ସୋଫିଆ ମା' ହେବାକୁ ଚାହୁଁ ନ ଥିଲେ। ଏହି କାରଣରୁ ଦୁଇ ସେଲିବ୍ରିଟିଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇଥିବା ପରେ ଜଣାପଡ଼ିଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ଶୁଭଶ୍ରୀ
ପରିବାରବର୍ଗ



ଖୁସି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନଭେମ୍ବରରେ କୋର୍ ଇଣ୍ଡଷ୍ଟ୍ରିର ଉତ୍ପାଦନ ୭.୮% ବୃଦ୍ଧି

■ ୨୦୨୨ ନଭେମ୍ବରରେ ୫.୭% ଥିଲା

■ ୨୦୨୩ ଅକ୍ଟୋବରରେ ୧୨%

ଭୁବନେଶ୍ୱର ,୨୯।୧୨



ଦେଶର ପ୍ରମୁଖ ୮ କୋର୍ ସେକ୍ଟର ଇଣ୍ଡଷ୍ଟ୍ରିର ଉତ୍ପାଦନ ୨୦୨୩ ନଭେମ୍ବର ମାସରେ ୭.୮% ବୃଦ୍ଧି ଘଟିଛି। ଏପରିକି ୨୦୨୨ ସମାନ ଅବଧିରେ ଏହି ପରିମାଣ ୫.୭% ରହିଥିଲା। ଏ ନେଇ ଶୁକ୍ରବାର ବାଣିଜ୍ୟିକ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇଛି। ସେହିଭଳି ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ, ୨୦୨୩ ନଭେମ୍ବରରେ ଦେଶର ଆଠଟି ପ୍ରମୁଖ ଭିତ୍ତିଭୂମି କ୍ଷେତ୍ରର ଉତ୍ପାଦନ ୭.୮% ବୃଦ୍ଧିପାଇଛି। ବିଶେଷକରି ଅଶୋଧିତ ତୈଳ ଏବଂ ସିମେଣ୍ଟ ବ୍ୟତୀତ ଅନ୍ୟ ସମସ୍ତ କ୍ଷେତ୍ରର ସୁସ୍ଥ ଉତ୍ପାଦନ ଅଭିବୃଦ୍ଧି ରେକର୍ଡ କରିଛି ବୋଲି ଚଳିତ ମାସର ସମୀକ୍ଷା ବୈଠକରେ କୁହାଯାଇଛି। ସେହିପରି ୨୦୨୩ ଅକ୍ଟୋବରରେ ମୂଳ କ୍ଷେତ୍ର (କୋଇଲା, ଅଶୋଧିତ ତୈଳ, ପ୍ରାକୃତିକ ଗ୍ୟାସ୍, ବିଶୋଧନାଗାର ଉତ୍ପାଦ, ସାର, ଇସ୍ପାତ, ସିମେଣ୍ଟ ଏବଂ ବିଦ୍ୟୁତ)ର ଅଭିବୃଦ୍ଧି ୧୨% ଥିଲା ବେଳେ କୋଇଲା ଏବଂ ବିଶୋଧନାଗାର ଉତ୍ପାଦଗୁଡିକ ଦୁଇଅଙ୍କ ବିଶିଷ୍ଟ ଅଭିବୃଦ୍ଧି ରେକର୍ଡ କରିଛି। ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ୮ଟି କ୍ଷେତ୍ରର ଉତ୍ପାଦନ ଅଭିବୃଦ୍ଧି ଚଳିତ ଆର୍ଥିକ ବର୍ଷର ଏପ୍ରିଲ-ନଭେମ୍ବରରେ ୮.୬ % ଥିଲା, ଯାହା ପୂର୍ବ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ୮.୧% ରହିଥିଲା। ଅପରପକ୍ଷରେ କୋର୍ ସେକ୍ଟର ଇଣ୍ଡଷ୍ଟ୍ରିର ଉତ୍ପାଦନ ଗତ ୬ ମାସ ପରେ ଏହି ଅଭିବୃଦ୍ଧି ହୋଇଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ଖସିଲା ଶେୟାର ବଜାର

ଭୁବନେଶ୍ୱର ,୨୯।୧୨


ଗତ କିଛି ସପ୍ତାହ ହେବ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୧୭୦ (୧୭୦.୧୨) ପଏଣ୍ଟ ଖସି ୭୨,୨୪୦ (୭୨,୨୪୦.୨୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୪୭ (୪୭.୩୦) ପଏଣ୍ଟ ହ୍ରାସ ଘଟି ୨୧,୭୩୧ (୨୧,୭୩୧.୪୦) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍ଇ ସେନ୍ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ହ୍ରାସ ଘଟିଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ରୁଚି-ଫାର୍ମ ବି'କୁ ଶ୍ରେଷ୍ଠ ବ୍ରାଣ୍ଡ ପୁରସ୍କାର




ଭୁବନେଶ୍ୱର ,୨୯।୧୨ (ଅଭୟ ଦାଶ)

ପୂର୍ବଭାରତର ପ୍ରମୁଖ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ତଥା ବିଶ୍ୱେଶ୍ୱର ଫୁଡ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଫାର୍ମ-ବି ବ୍ରାଣ୍ଡ (ରୁଚି-ଫାର୍ମ ବି)କୁ ଇଣ୍ଡିଆ-୫୦୦ ଶ୍ରେଷ୍ଠ ବ୍ରାଣ୍ଡ ପୁରସ୍କାର ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଏମ୍ଏସ୍ଏମ୍ଇ ପକ୍ଷରୁ ନଭି ମୁମ୍ବାଇର ସିଡ୍କୋ ପ୍ରେକ୍ଷାଳୟଠାରେ ଆୟୋଜିତ ଇଣ୍ଡିଆ-୫୦୦୦ ଏମ୍ଏସ୍ଏମ୍ଇ ସମାରୋହ ଉତ୍ସବରେ ବିଶ୍ୱେଶ୍ୱର ଫୁଡ୍ସର ନିର୍ଦ୍ଦେଶିକା ରଶ୍ମି ସାହୁ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ଇଣ୍ଡିଆ ବିଜ୍‌ନେସ୍ ଆୱାର୍ଡସ୍‌ର ଅଧ୍ୟକ୍ଷ କେତନ ଭେକାରିଆ, ଟ୍ରେଡ୍ ଇଣ୍ଡିଆର ସିଇଓ ସନ୍ଦୀପ ଛେତ୍ରୀ ଓ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ସହକାରୀ ଉପସଭାପତି ଡ. ସାରଦା ଲାଣ୍ଡେ ଅତିଥି ଭାବେ ଯୋଗ ଦେଇ ଉକ୍ତ ପୁରସ୍କାର ପ୍ରଦାନ କରିଥିଲେ। ବିଶେଷକରି ଇଟାଲୀ ଓ ସୁଇଜରଲାଣ୍ଡରୁ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ କ୍ଷେତ୍ରରେ ବିଶେଷ ଶିକ୍ଷା ଓ ପ୍ରଶିକ୍ଷଣ ଗ୍ରହଣ କରିଥିବା ଯୁବ ଉଦ୍ୟୋଗୀ ରଶ୍ମି, ପୂର୍ବ ଭାରତରେ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ପ୍ରସ୍ତୁତି, ବିପଣନ ଓ ମାର୍କେଟିଂ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ଜାତୀୟସ୍ତରରେ ଏଭଳି ଏକ ସମ୍ମାନ ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ ରଶ୍ମି କହିଛନ୍ତି, ଖାଦ୍ୟ ଶିଳ୍ପ କ୍ଷେତ୍ରରେ ଆଉ ଗୋଟିଏ ପାଦ ଆଗକୁ ଯିବା ପାଇଁ ଉକ୍ତ ପୁରସ୍କାର ଆମକୁ ବିଶେଷ ପ୍ରେରଣା ଦେବ। ଏପରିକି ପୂର୍ବ ଭାରତରେ ଫାର୍ମ-ବି'ର ଉତ୍ପାଦନ ସାମଗ୍ରୀ ଗ୍ରାହକମାନଙ୍କ ପାଇଁ ବେଶ୍ ପସନ୍ଦଯୋଗ୍ୟ ହୋଇପାରିଛି। ସେହିଭଳି ମୁମ୍ବାଇଠାରେ ଏମ୍ଏସ୍ଏମ୍ଇ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ସାରା ଭାରତରୁ ୫୦୦ ରୁ ଅଧିକ ଖାଦ୍ୟ ଶିଳ୍ପଗୋଷ୍ଠୀ ଯୋଗଦେଇଥିଲେ। ଏହି ସଫଳତା ପାଇଁ ସେ ବିଶିଷ୍ଟ ଉଦ୍ୟୋଗୀ ତଥା ରୁଚି ଉଦ୍ୟୋଗର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ ଏବଂ ଗ୍ରାହକମାନଙ୍କୁ ଶ୍ରେୟ ଦେଇଛନ୍ତି।




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦିଲ୍ଲୀ ବାସଭବନରେ ଆୟୋଜିତ ଖ୍ରୀଷ୍ଟମାସ୍ ପାର୍ଟିରେ ବିଶିଷ୍ଟ ଉଦ୍ୟୋଗପତି ତଥା ଜୟଆଲୁକ୍କାସ୍ ଗ୍ରୁପ୍‌ର ଚେୟାରମ୍ୟାନ୍ ତଥା ପରିଚାଳନା ନିର୍ଦ୍ଦେଶକ ଜୟ ଆଲୁକ୍କାସ୍ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ତାଙ୍କ ଜୀବନୀ ପୁସ୍ତିକା 'ସ୍ପ୍ରେଡିଂ ଜୟ' ଉପହାର ଦେଉଛନ୍ତି। ଏହି ପୁସ୍ତକ ଜୟ ଆଲୁକ୍କାସ୍‌ଙ୍କ ଉଦ୍ୟୋଗୀ ଯାତ୍ରାକୁ ବର୍ଣ୍ଣନା କରିଛି ଏବଂ ତା'ସହ ବ୍ରାଣ୍ଡର କ୍ରମବର୍ଦ୍ଧମାନ, ତାଙ୍କ ଜୀବନ ଅନୁଭୂତି, ସଫଳତା ଏବଂ ବିଫଳତା ବିଷୟରେ ମଧ୍ୟ ଅନନ୍ୟ ଦୃଷ୍ଟି ପ୍ରଦାନ କରୁଛି।

# ଡବ୍ଲ୍ୟୁଇଏଲ୍ ପକ୍ଷରୁ ଡିଆର୍ଏଚ୍‌ପି ଦାଖଲ

ଭୁବନେଶ୍ୱର ,୨୯।୧୨

ସୋଲାର ପିଭି ମଡ୍ୟୁଲ୍‌ର ସର୍ବବୃହତ୍ ନିର୍ମାତା ୱାରେ ଏନର୍ଜିସ୍ ଲିମିଟେଡ୍ (ଡବ୍ଲ୍ୟୁଇଏଲ୍) ପକ୍ଷରୁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡ୍ ହେରିଂ ପ୍ରୋସପେକ୍ଟସ (ଡିଆର୍ଏଚ୍‌ପି) ଦାଖଲ କରାଯାଇଛି। ଏପରିକି କମ୍ପାନୀ ଇନିସିଆଲ୍ ପବ୍ଲିକ୍ ଅଫର (ଆଇପିଓ) ଜରିଆରେ ୩,୦୦୦ କୋଟି ଟଙ୍କାର ନୂଆ ଇକ୍ୱିଟି ଶେୟାର ଜାରି କରିବାକୁ ଥିବା ବେଳେ ଅଫର ଫର ସେଲ୍‌ରେ ୩,୨୦୦,୦୦୦ ଇକ୍ୱିଟି ଶେୟାର ବିକ୍ରି କରାଯିବ। ଏହି ଅଫର ଫର ସେଲ୍‌ରେ ୱାରେ ସଷ୍ଟେନେବଲ୍ ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍ (ପୂର୍ବରୁ ମହାବୀର ଥର୍ମୋଇକ୍ୱିପ୍ ପ୍ରାଇଭେଟ୍ ଲିମିଟେଡ୍ ନାମରେ ଜଣାଶୁଣା) ଦ୍ୱାରା ୨,୭୦୦,୦୦୦ ଇକ୍ୱିଟି ଶେୟାର, ଚାନ୍ଦୁରକର ଇନ୍‌ଭେଷ୍ଟମେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ୪,୫୦,୦୦୦ ଇକ୍ୱିଟି ଶେୟାର ଏବଂ ସମୀର ସୁରେନ୍ଦ୍ର ଶାହାଙ୍କ ଦ୍ୱାରା ୫୦,୦୦୦ ଇକ୍ୱିଟି ଶେୟାର ରହିଛି। ଓଡ଼ିଶାରେ ୬ଗିଗାୱାଟ୍ ଇନ୍‌ଗଟ୍ ୱେଫର, ସୋଲାର ସେଲ୍ ଏବଂ ସୋଲାର ପିଭି ମଡ୍ୟୁଲ୍ ଉତ୍ପାଦନ କାରଖାନା ପ୍ରତିଷ୍ଠା ପାଇଁ ଓ ଅବଶିଷ୍ଟ ରାଶିକୁ ସାଧାରଣ କର୍ପୋରେଟ୍ କାର୍ଯ୍ୟରେ ବ୍ୟବହାର କରିବାକୁ କମ୍ପାନୀ ପ୍ରସ୍ତାବ ରଖିଛି।

ଏହି ଇସ୍ୟୁର ବୁକ୍ ରନିଂ ଲିଡ୍ ମ୍ୟାନେଜର ହେଉଛନ୍ତି, ଆକ୍ସିସ କ୍ୟାପିଟାଲ ଲିମିଟେଡ୍, ଆଇଆଇଏଫଏଲ ସିକ୍ୟୁରିଟିଜ୍ ଲିମିଟେଡ୍, ଜେଫରିଜ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍, ନୋମୁରା ଫାଇନାନ୍ସିଆଲ୍ ଆଡଭାଇଜରି ଆଣ୍ଡ ସିକ୍ୟୁରିଟିଜ୍ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍, ଏସ୍‌ବିଆଇ କ୍ୟାପିଟାଲ୍ ମାର୍କେଟ୍ସ ଲିମିଟେଡ୍, ଇନଟେଗ୍ରେଭ୍ ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଆଇଟିଆଇ କ୍ୟାପିଟାଲ ଲିମିଟେଡ୍।

# ସ୍ୱଚ୍ଛ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିବ ଜେଏସ୍ଏଲ୍

ଭୁବନେଶ୍ୱର ,୨୯।୧୨

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍ଏଲ୍)ର ବହୁ ପ୍ରତୀକ୍ଷିତ ସଷ୍ଟେନେବିଲିଟି ରିପୋର୍ଟ ନିକଟରେ ଉନ୍ମୋଚିତ ହୋଇଯାଇଛି। କମ୍ପାନୀ ପକ୍ଷରୁ ନୂତନ ଭାବେ ପ୍ରକାଶିତ ସଷ୍ଟେନେବିଲିଟି ରିପୋର୍ଟ ଅନୁଯାୟୀ ଉଇଣ୍ଡ-ସୋଲାର ହାଇବ୍ରିଡ୍, ଭାସମାନ ଏବଂ ଛାତ ଉପର ସୌର ପ୍ଲାଣ୍ଟ ମାଧ୍ୟମରେ କମ୍ପାନୀ ବାର୍ଷିକ ୧.୯ ବିଲିୟନ ୟୁନିଟ୍‌ରୁ ଅଧିକ ସ୍ୱଚ୍ଛ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିବ। କମ୍ପାନୀର ଉକ୍ତ ପଦକ୍ଷେପଗୁଡ଼ିକ ମାଧ୍ୟମରେ ବାର୍ଷିକ ୧୩.୫୨ ଲକ୍ଷ ଟନରୁ ଅଧିକ କାର୍ବନ ନିର୍ଗମନ ହ୍ରାସ କରାଯାଇପାରିବ। ୧୦୦ ମେଗାୱାଟ ରାଉଣ୍ଡ ଦି କ୍ଲକ୍ (ଆରଟିସି) ଅକ୍ଷୟ ଶକ୍ତି ଯୋଗାଇବା ପାଇଁ କମ୍ପାନୀ ପୂର୍ବରୁ ରିନ୍ୟୁ ପାୱାର ସହିତ ସହଭାଗିତା କରିଛି। କମ୍ପାନୀର ଯାଜପୁର ଏବଂ ହିସାରଠାରେ ଥିବା ଉତ୍ପାଦନ ୟୁନିଟ୍‌ଗୁଡିକରେ ପୃଥକ ଭାବେ ୧୦୦ ମେଗାୱାଟ ଆରଟିସି ଅକ୍ଷୟ ଶକ୍ତି ପ୍ରକଳ୍ପ ଗଠନ ପାଇଁ ମଧ୍ୟ ଆଲୋଚନା ଚାଲିଛି। ଉକ୍ତ ପ୍ରୟାସ ମାଧ୍ୟମରେ ଉଭୟ ୟୁନିଟ୍ ପାଇଁ ୩୦୦ମେଗାୱାଟ ଆରଇ-ଆରଟିସି ମିଳିତ କ୍ଷମତା ହାସଲ କରିବାକୁ ଲକ୍ଷ୍ୟ ରହିଛି। ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଏହି ରିପୋର୍ଟ ପରିବେଶ ତଥା ସାମାଜିକ ଦାୟିତ୍ୱରେ ଉତ୍କର୍ଷ ପାଇଁ ଆମର ନିରନ୍ତର ପ୍ରଚେଷ୍ଟାକୁ ପ୍ରମାଣିତ କରୁଛି। ଜିନ୍ଦଲ ଷ୍ଟେନ୍‌ଲେସ୍‌ର ମୁଖ୍ୟ ସଷ୍ଟେନେବିଲିଟି ଅଫିସର କଲ୍ୟାଣ ଭଟ୍ଟାଚାର୍ଜୀ କହିଛନ୍ତି, ପରିବେଶ, ସାମାଜିକ ଏବଂ ଶାସନ ପରିଚାଳନା ତଥ୍ୟର ଅଟୋମେସନ ଦ୍ୱାରା ତଥ୍ୟ ପରିଚାଳନା ତଥା ମନିଟରିଂକୁ ସଶକ୍ତ କରିବା ପାଇଁ ଆମେ ଡିଜିଟାଲ ପରିବର୍ତ୍ତନ ଯାତ୍ରାରେ ଆଗେଇ ଚାଲିଛୁ।


**17th Happy Birthday**





(Khusi)

**Aurolipsa Priyadarsini Guru**

At- Arabindanagar, Khordha

May your birthday be full of happy hours and special moments to remember for a long time.

**With Best Compliments From:**

Bapa, Bou, Dada, Khudi, Papubhai, Pupul, Friends and Relatives.

ଧ-୨୧୧୯


# ସୁକନ୍ୟା ଯୋଜନା ସୁଧ ହାର ୮.୨%କୁ ବୃଦ୍ଧି

ଭୁବନେଶ୍ୱର, ୨୯।୧୨(ଅନୁରାଧା ମହାରଣା)

ସୁକନ୍ୟା ସମୃଦ୍ଧି ଯୋଜନାରେ ନିବେଶ କରୁଥିବା ନିବେଶକମାନଙ୍କୁ ସରକାର ନୂଆ ବର୍ଷରେ ଏକ ବଡ଼ ଉପହାର ଦେଇଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ପାଇଁ ଏହି ଯୋଜନାର ସୁଧ ହାର ୮ ପ୍ରତିଶତରୁ ୮.୨ ପ୍ରତିଶତକୁ ବୃଦ୍ଧି କରାଯାଇଛି। ଏହା ବ୍ୟତୀତ ୩ ବର୍ଷର କାର୍ଯ୍ୟକାଳ ସହିତ ଜମା ଉପରେ ସୁଧ ୭ ପ୍ରତିଶତରୁ ୭.୧ ପ୍ରତିଶତକୁ ବୃଦ୍ଧି କରାଯାଇଛି। ମାତ୍ର ଅନ୍ୟ ଛୋଟ ସଞ୍ଚୟ ଯୋଜନାର ସୁଧ ହାରରେ କୌଣସି ପରିବର୍ତ୍ତନ ହୋଇନାହିଁ। ବିଶେଷକରି ପବ୍ଲିକ ପ୍ରୋଭିଡେଣ୍ଟ ପାଣ୍ଠିର ନିବେଶକମାନେ ଅର୍ଥାତ୍ ପିପିଏଫ ପୁଣି ଥରେ ନିରାଶ ହୋଇଛନ୍ତି। ସୂଚନା ଥାଉ କି, ଅର୍ଥ ମନ୍ତ୍ରଣାଳୟର ଅର୍ଥନୈତିକ ବ୍ୟାପାର ବିଭାଗ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ୨୦୨୩-୨୪ ର ଚତୁର୍ଥ ତ୍ରୈମାସିକ ପାଇଁ କ୍ଷୁଦ୍ର ସଞ୍ଚୟ ଯୋଜନାର ସୁଧ ହାର ସମୀକ୍ଷା ଏବଂ ଘୋଷଣା କରିଛି। କ୍ଷୁଦ୍ର ସଞ୍ଚୟ ଯୋଜନା ମଧ୍ୟରେ କେବଳ ସୁକନ୍ୟା ସମୃଦ୍ଧି ଯୋଜନାର ସୁଧ ହାରରେ ପରିବର୍ତ୍ତନ କରାଯାଇଛ। ବିଶେଷକରି ଝିଅମାନଙ୍କ ପାଇଁ ପ୍ରଯୁଜ୍ୟ କେନ୍ଦ୍ରସରକାରଙ୍କ ସୁକନ୍ୟା ଯୋଜନାର ସୁଧ ହାର ୮ ପ୍ରତିଶତରୁ ୮.୨ ପ୍ରତିଶତକୁ ବୃଦ୍ଧି କରାଯାଇଛି। ଏହାପୂର୍ବରୁ ମଧ୍ୟ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ସୁକନ୍ୟା ସମୃଦ୍ଧି ଯୋଜନାର ସୁଧ ହାର ୭.୬ ପ୍ରତିଶତରୁ ୮ ପ୍ରତିଶତକୁ ବୃଦ୍ଧି କରାଯାଇଥିଲା। ଅର୍ଥାତ୍ ଚଳିତ ଆର୍ଥିକ ବର୍ଷରେ ସରକାର ଏହି ଯୋଜନା ପାଇଁ ସୁଧ ହାରକୁ ୦.୬ ପ୍ରତିଶତ ବୃଦ୍ଧି କରିଛନ୍ତି। ତେବେ ଅନ୍ୟ କେତେକ ଯୋଜନାର ସୁଧ ହାରରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଅର୍ଥ ମନ୍ତ୍ରଣାଳୟର ସର୍କୁଲାର ଅନୁଯାୟୀ, ୨୦୨୪ ଜାନୁଆରୀ ୧ରୁ ମାର୍ଚ୍ଚ ୩୧, ୨୦୨୪ ପର୍ଯ୍ୟନ୍ତ ସଞ୍ଚୟ ଜମା ଉପରେ ୪ ପ୍ରତିଶତ ସୁଧ ଉପଲବ୍ଧ ହେବ। ୧ ବର୍ଷ ସମୟ ଜମା ଉପରେ ୬.୯ ପ୍ରତିଶତ ସୁଧ, ୨ ବର୍ଷ ସମୟ ଜମା ଉପରେ ୭ ପ୍ରତିଶତ ସୁଧ ଏବଂ ୫ ବର୍ଷ ସମୟ ଜମା ଉପରେ ୭.୫ ପ୍ରତିଶତ ସୁଧ ଉପଲବ୍ଧ ହେବ। ୫ ବର୍ଷର ବାରମ୍ବାର ଜମା ଉପରେ ୬.୭ ପ୍ରତିଶତ ସୁଧ ହାର ଅପରିବର୍ତ୍ତିତ ରହିବ।


# Classified Everyday

**0674-2580101, 2549949**



REAL ESTATE

**SALE**

Bhubaneswar ready construction yellowzone plot near Patia KIIT College, Hanspal. 9437968618, 8328811411. D-75288

Duplex sale at Bhubaneswar @57 lakhs only. Contact- 9777433701. D-75284

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ **Grand Bazar NH-16**ରୁ **1K.M.** ଏବଂ **Sum-2 Hospital**ରୁ **2K.M.** ମଧ୍ୟରେ ଘରବାରି ପ୍ଲଟ୍ ସୁଲଭ ମୂଲ୍ୟରେ କିଣନ୍ତୁ। **9658562429.** D-75287

Ready to Move New (1BHK- Rs.11,00,000/) and (2BHK- Rs. 22,00,000/-) flats for sales at Sundarpada, Bhubaneswar. Contract: 7008346486. D-75509

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919

ପାହାଲ **Utkal Iconic** ନିକଟରୁ **500mtr.** ଦୂରତାରେ **yellowzone gharabari plot** ସମସ୍ତ ପ୍ରକାର ସୁବିଧା ଥାଇ ବିକ୍ରି ହେବ। **6370469894.** D-75286

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Relax, refresh your body, mind by expert therapist. Contact: 8338800330. D-75181

Newly open Spa positively health benefit with expert. Contact: 7749976301. D-2073

Spa Kerala body Massage best Therapist @ 699/- Bhubaneswar. Kajal- 9337672475. D-2097

**Relax, Refresh your body, Mind at Saikrupa Spa with best therapies. 8984068077.** D-2080

New year special @ 1499 body Polishing/ Hammam/ Scrub/ Redwine. 9938843929. D-75180

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75083

**AFFIDAVIT**

I, Minati Nanda, W/o Dhirendra Narayan Nanda, R/o Flat No.-126, Northern Heights, Kalarahanga, Bhubaneswar, Dist.- Khurda, Odisha-751024, declare that by this Affidavit No.-131 dated 28.12.2023, that now onwards I shall be known as MINATI PARIHARI NANDA for all future purposes. D-2126

Before Notary Public, Berhampur I Smt Gayatri Das, Kuso (34), W/o Sudhir Das, Vill- Guhariapatta, P.O- Paladhupalli P.S-Khallikote I am deponent of affidavit that the cultivated land situated at the Village/Mouza-Guhariapatta under Khallikote Tahasil bearing Khatian No.- 192 and Plot No.- 1512, 1547, 1548, 1549, 1550, 1546, 1656, 1657, 1551, 1553, 1654, 1655 was recorded in my father-in-law Late Chema Das, S/o Late Balaka Das he never sold the property any one. If any body forger selling the same property will be punished as per Court law. I swear this affidavit to the produced before the concerned Authority are true to the best of my knowledge and belief.

Gayatri Das.

D-2125

# ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ସୁକାନ୍ତ କୁମାର ରାୟ**

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ

ଚାଞ୍ଚପଡ଼ା, କନ୍ଦରପୁର, କଟକ

ଆବିର୍ଭାବ: ୧୦।୦୨।୧୯୫୭

ତିରୋଧାନ: ୧୨।୧୨।୨୦୨୨

ତୁମ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମେ ସ୍ନେହ, ଶ୍ରଦ୍ଧା, ପ୍ରେମ, ତ୍ୟାଗ, ଆଦର୍ଶ ଓ କର୍ତ୍ତବ୍ୟପରାୟଣତାର ପ୍ରତିମୂର୍ତ୍ତି ଥିଲ, ଯାହା ଲେଖିଲେ ବି ତୁମ ପାଇଁ କମ୍ ହେବ। ସମସ୍ତଙ୍କୁ ନେଇ ଖୁସି ହେବା ମଣିଷଟି ଆଜି ଇଶ୍ୱରଙ୍କ ନିକଟସ୍ଥ ହୋଇଗଲେ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ କୋଟି କୋଟି ପ୍ରଣାମ।

**ଶୋକସନ୍ତପ୍ତ ପରିବାର, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।**

ଧ-୨୧୨୭

**ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ସ୍ନେହବାଳା ତ୍ରିପାଠୀ

ମହୁଖଣ୍ଡା, ବାଲିପାଟଣା, ଖୋର୍ଦ୍ଧା

ତୁମର ମୃତ୍ୟୁ ଦିବସ ଆମ ପାଇଁ ଅବିସ୍ମରଣୀୟ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ୧୯୮୩ ସିନିୟର ବ୍ୟାଚ

ବାନ୍ଧବୀ-ବନ୍ଧୁମାନେ

ଧ-୭୫୦୮୮

ବିଦାୟ ନେଇଛି ୨୦୨୩। ଧରିତ୍ରୀ 'ସାହିତ୍ୟାୟନ'ରେ ଲାଗିଛି ଓଡ଼ିଆ ସାହିତ୍ୟର କେତେ ସୁକୁମାର ଛାପ। ପ୍ରବୀଣଙ୍କ ଅସ୍ମିତା ସାଙ୍ଗକୁ ନବୀନଙ୍କ ଉଦୟରାଗ 'ସାହିତ୍ୟାୟନ'କୁ ପାଠିକାପାଠକଙ୍କର ଅଧିକ ନିକଟବର୍ତ୍ତୀ କରାଇଛି। ପ୍ରାଦେଶିକ ଓ ଜାତୀୟସ୍ତରରେ ଓଡ଼ିଆ ସାହିତ୍ୟର ଗରିମା ପ୍ରତିଷ୍ଠିତ ହୋଇଛି। ଏ ବର୍ଷ ଆମେ ଅବଶ୍ୟ ଆମର କେତେକ ପ୍ରିୟ ଲେଖିକାଲେଖକଙ୍କୁ ହରାଇଛୁ। ସେମାନଙ୍କ ପ୍ରତି ଆମର ଶ୍ରଦ୍ଧା ନିବେଦିତ ରହିଲା ଓ ଆମ ସ୍ୱାଗତ ତୋରଣ ଖୋଲା ରହିଲା ୨୦୨୪ ପାଇଁ। ଶୁଭଙ୍କର ହେଉ, ସୃଜନର ହେଉ ନୂଆବର୍ଷ!

# ସମ୍ମାନ / ସମ୍ବର୍ଦ୍ଧନା


ଅନ୍ତର୍ଯ୍ୟାମୀ ମିଶ୍ର
ପଦ୍ମଶ୍ରୀ ସମ୍ମାନ


ପ୍ରତିଭା ରାୟ
ଅତିବଡ଼ୀ ସାହିତ୍ୟ ପୁରସ୍କାର

୨୦୨୩ ବର୍ଷ ପାଇଁ ଶିକ୍ଷା ଓ ସାହିତ୍ୟ ବିଭାଗରେ ପଦ୍ମଶ୍ରୀ ପାଇଛନ୍ତି ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର। ଓଡ଼ିଶା ସାହିତ୍ୟ ଏକାଡେମୀ ଏ ବର୍ଷ ୨୦୨୧ ପାଇଁ ଡକ୍ଟର ପ୍ରତିଭା ରାୟ, ୨୦୨୨ ପାଇଁ ଡକ୍ଟର ସୀତାକାନ୍ତ ମହାପାତ୍ର ଓ ୨୦୨୩ ପାଇଁ ଡକ୍ଟର ଶ୍ରୀନିବାସ ଉଦ୍‌ଗାତାଙ୍କୁ ଏକାଡେମୀର ସର୍ବୋଚ୍ଚ ସମ୍ମାନ 'ଅତିବଡ଼ୀ ସାହିତ୍ୟ ପୁରସ୍କାର'ରେ ସମ୍ମାନିତ କରିଛି। ଏଥିସହିତ ଏହି ତିନିବର୍ଷ ପାଇଁ ଏକାଡେମୀ ଦ୍ୱାରା ମୋଟ ୪୪ଜଣ ବରିଷ୍ଠ ସାହିତ୍ୟିକ ସମ୍ବର୍ଦ୍ଧିତ ହୋଇଛନ୍ତି। କବି ହରିହର ମିଶ୍ର ପାଇଛନ୍ତି 'ସମାଜ' ପ୍ରଦତ୍ତ 'ସତ୍ୟବାଦୀ ସାରସ୍ୱତ ସମ୍ମାନ–୨୦୨୩'। ପ୍ରଜାତନ୍ତ୍ର ପ୍ରଚାର ସମିତି ପ୍ରଦତ୍ତ 'ବିଷୁବ ପୁରସ୍କାର–୨୦୨୩' ପାଇଛନ୍ତି କଥାକାର ବିଜୟ ନାୟକ। ଇଙ୍ଗା ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ 'ଶାରଳା ପୁରସ୍କାର–୨୦୨୩'ରେ ସମ୍ମାନିତ କରାଯାଇଛି ଔପନ୍ୟାସିକ ଡକ୍ଟର ଭୀମ ପୃଷ୍ଟିଙ୍କୁ ତାଙ୍କ 'ଜମ୍ବୁଲୋକ' ଉପନ୍ୟାସ ପାଇଁ। ଡକ୍ଟର ଆଶୁତୋଷ ପରିଡ଼ାଙ୍କ କବିତାଗ୍ରନ୍ଥ 'ଅପ୍ରସ୍ତୁତ ମୃତ୍ୟୁ'କୁ ମିଳିଛି ୨୦୨୩ର 'ସାହିତ୍ୟ ଅକାଦେମି (ନୂଆଦିଲ୍ଲୀ) ପୁରସ୍କାର। 'ସୋଆ' ବିଶ୍ୱବିଦ୍ୟାଳୟ କର୍ତ୍ତୃକ 'ପ୍ରାଚୀନ' ପକ୍ଷରୁ ୧୧ଜଣ ବର୍ଷୀୟାନ୍ ସାହିତ୍ୟିକଙ୍କୁ ଦିଆଯାଇଛି ଭବ୍ୟ ସମ୍ବର୍ଦ୍ଧନା। 'ଓଡ଼ିଶା ସାହିତ୍ୟ ଏକାଡେମୀ' ମହାଡ଼ମ୍ବରରେ ପାଳନ କରିଛି ପ୍ରଫେସର ଚିତ୍ତରଞ୍ଜନ ଦାସ ଓ ନାଟ୍ୟକାର ମନୋରଞ୍ଜନ ଦାସଙ୍କ ଜନ୍ମ–ଶତବାର୍ଷିକୀ। ଓଡ଼ିଆ ଭାଷା–ସାହିତ୍ୟର ମହିମାଦୀପ୍ତ ଏଇ ଲେଖିକାଲେଖକଙ୍କୁ ଧରିତ୍ରୀ 'ସାହିତ୍ୟାୟନ'ର ବିନମ୍ର ଅଭିନନ୍ଦନ!


ସୀତାକାନ୍ତ ମହାପାତ୍ର
ଅତିବଡ଼ୀ ସାହିତ୍ୟ ପୁରସ୍କାର


ଶ୍ରୀନିବାସ ଉଦ୍‌ଗାତା
ଅତିବଡ଼ୀ ସାହିତ୍ୟ ପୁରସ୍କାର


ହରିହର ମିଶ୍ର
ସତ୍ୟବାଦୀ ସାରସ୍ୱତ ସମ୍ମାନ


ବିଜୟ ନାୟକ
ବିଷୁବ ପୁରସ୍କାର


ଭୀମ ପୃଷ୍ଟି
ଶାରଳା ପୁରସ୍କାର


ଆଶୁତୋଷ ପରିଡ଼ା
ସାହିତ୍ୟ ଅକାଦେମୀ ପୁରସ୍କାର



# ପରଲୋକରେ...

୨୦୨୩ରେ ଆମ ଗହଣରୁ ବିଦାୟ ନେଇଛନ୍ତି ବହୁ ଉଜ୍ଜ୍ୱଳ ସାରସ୍ୱତ–ପ୍ରତିଭା। ୨୮ ଜାନୁୟାରୀରେ କବି ଡ. ହୁସେନ୍ ରବି ଗାନ୍ଧୀ, ୦୬ ଫେବୃୟାରୀରେ ସୁସାହିତ୍ୟିକା ନିର୍ମଳପ୍ରଭା ନାୟକ, ୧୯ ଜୁନ୍‌ରେ ଶିଶୁ ସାହିତ୍ୟିକ ପ୍ରସନ୍ନ କୁମାର ହୋତା, ୧୮ ଜୁଲାଇରେ କବି ପ୍ରବୋଧ କୁମାର ରାଉତ, ୨୭ ଅଗଷ୍ଟରେ କବି ପଦ୍ମଶ୍ରୀ ଜୟନ୍ତ ମହାପାତ୍ର, ୧୬ ସେପ୍ଟେମ୍ବରରେ ଖ୍ୟାତନାମା ଲେଖିକା ଗୀତା ମେହେଟ୍ଟା, ୧୦ ଅକ୍ଟୋବରରେ ସ୍ତମ୍ଭକାର ଶରତ ଚନ୍ଦ୍ର ମିଶ୍ର, ୧୭ ଅକ୍ଟୋବରରେ ଗୀତିକାର ସ୍ୱରୂପ ନାୟକ, ୧୩ ନଭେମ୍ବରରେ କବୟିତ୍ରୀ ନିର୍ମଳା ମହାନ୍ତି, ୧୪ ନଭେମ୍ବରରେ ଶିଶୁ ସାହିତ୍ୟିକ ଶୁଭେନ୍ଦ୍ରମୋହନ ଶ୍ରୀଚନ୍ଦନସିଂହ, ୨୬ ନଭେମ୍ବରରେ କବି ଭଗବାନ ମହାପାତ୍ର ଓ ୧୪ ଡିସେମ୍ବରରେ ଗୀତିକାର ରଘୁନାଥ ରାଉତଙ୍କର ପରଲୋକ ହୋଇଛି। ଏମାନଙ୍କ ବିୟୋଗ ଓଡ଼ିଆ ଭାଷା ଓ ସାହିତ୍ୟ ପାଇଁ ଦାରୁଣ କ୍ଷତି ପହଞ୍ଚାଇଛି। ନିକଟ ଭବିଷ୍ୟତରେ ଏ କ୍ଷତି ଭରଣା ହେବାର ନୁହେଁ। ବିଦାୟୀ ଏସବୁ ବରେଣ୍ୟ ଲେଖିକାଲେଖକଙ୍କୁ 'ସାହିତ୍ୟାୟନ'ର ଗଭୀର ଶ୍ରଦ୍ଧାଞ୍ଜଳି।


ହୁସେନ୍ ରବି ଗାନ୍ଧୀ


ନିର୍ମଳ ପ୍ରଭା ନାୟକ


ପ୍ରସନ୍ନ କୁମାର ହୋତା


ପ୍ରବୋଧ କୁମାର ରାଉତ


ଜୟନ୍ତ ମହାପାତ୍ର


ଗୀତା ମେହେଟ୍ଟା


ଶରତ ଚନ୍ଦ୍ର ମିଶ୍ର


ସ୍ୱରୂପ ନାୟକ


ନିର୍ମଳା ମହାନ୍ତି


ଶୁଭେନ୍ଦ୍ର ମୋହନ ଶ୍ରୀଚନ୍ଦନ ସିଂ


ଭଗବାନ ମହାପାତ୍ର


ରଘୁନାଥ ରାଉତ

# କାଳକାଳକୁ...


ଏକ ଖରାପ ବହି ପଢ଼ିବା ପାଇଁ ଜୀବନ ଖୁବ୍ ନିଅଣ୍ଟିଆ।
■ ଜେମ୍ସ ଜଏସ୍


ସାହିତ୍ୟର ଗଛ ଭାରି ସ୍ୱର୍ଣ–କାତର ଓ ସବୁଜିମାରେ ଭରା। ରାଜନୀତିର ମହିଷି–ଗ୍ରାସରୁ ତାକୁ ବଞ୍ଚାଇ ପାରିଲେ, ସେ ଅମଳ ଦେବ।
■ ଫଣୀଶ୍ୱର ନାଥ ରେଣୁ


କବିର କାମ ଅନାମକୁ ନାମଦେବା, ଠକଙ୍କୁ ଚିହ୍ନେଇବା, ପକ୍ଷ ନେଇ, ତର୍କ କରି ପୃଥିବୀକୁ ସଜାଡ଼ିବା ଓ ନିଦେଇ ନ ଦବା।
■ ସଲମାନ୍ ରୁଶ୍‌ଦି


କେହି ତା'ର ପୂରା ଜୀବନକୁ ବୁଝିପାରେ – ଏଥିରେ ମୁଁ ନିଶ୍ଚିତ ନୁହେଁ।
■ ବିକ୍ରମ ସେଠ୍


ସ୍ମୃତିରୁ ଜନ୍ମନିଏ ପ୍ରେମ, ବୁଦ୍ଧିରୁ ଜୀବନ ଓ ବିସ୍ମୃତିରୁ ଜନ୍ମନିଏ ମୃତ୍ୟୁ।
■ ପାବ୍ଲୋ ନେରୁଦା


ଚାରିଦିନର ଏ ଜୀବନ, ଚାରିଦିନ ବି ଢେର୍ ବନ୍ଧୁ!
■ ଭୀଷ୍ମ ସାହନୀ


ଏକ ଆତ୍ମଜୀବନୀରେ ମିଛ ଥାଇପାରେ, କିନ୍ତୁ ଗୋଟେ ଉପନ୍ୟାସ କେବେ ବି ମିଛ କହେନା, ଏହା ଲେଖକକୁ ପୂର୍ଣ୍ଣଭାବେ ଉନ୍ମୋଚିତ କରେ।
■ ଭି.ଏସ୍. ନାଇପଲ୍


ମୁଁ ଯେତେବେଳେ ଲେଖେ, ପରିଣତିର ଭୟକୁ ଖାତିର କରେନା।
■ ତସ୍‌ଲିମା ନାସରିନ୍


ଯେଉଁଠି ସ୍ୱାଧୀନତାର ଝଲକ ବିରାଜମାନ, ସେଇଠି ମୋର ଘର।
■ ଅମ୍ରିତା ପ୍ରୀତମ୍


ଅନ୍ତର୍ଦ୍ୱନ୍ଦ୍ୱ, ଦୂରତା, ପୀଡ଼ା ଓ ଦୁଃଖ ମଣିଷକୁ ମହାନ୍ କରେ।
■ ଧର୍ମବୀର ଭାରତୀ


ଅପରିପକ୍ୱ କବି ଅନୁକରଣ କରନ୍ତି ଓ ପରିପକ୍ୱ କବି ଅନୁକରଣକୁ ନିଜସ୍ୱ କରିଦିଅନ୍ତି।
■ ଟି.ଏସ୍. ଏଲିୟଟ୍


ମୋତେ ଲାଗେ ଯେ ଆଧୁନିକ ଭାରତ ଭାରତରେ ରହୁଥିବା ଲେଖକଙ୍କର ନୁହେଁ।
■ କିରଣ ଦେଶାଇ


ଲେଖିବା ଏକ ପ୍ରକାରର ଚିକିତ୍ସା–ବିଧି। ଯେଉଁମାନେ ଲେଖନ୍ତି ନାହିଁ ବା ଚିତ୍ର କରନ୍ତି ନାହିଁ, ସେମାନେ କିପରି ପାଗଳାମି, ନିଃସଙ୍ଗତା, ଦୁଃଖ ଓ ଭୟ ଆଦି ବିଷୟା–ପ୍ରକୋପରୁ ନିଜକୁ ମୁକୁଳାନ୍ତି ; ତାହା ଭାବିଲେ ମୁଁ ବିସ୍ମିତ ହୁଏ।
■ ହେନ୍‌ରୀ ଗ୍ରାହାମ୍ ଗ୍ରୀନ୍


ଜଣେ ଯଦି କାହାରିଠାରୁ କିଛି ଚାହେଁନି, ତେବେ କେବେ ବି ହତାଶ ହୁଏନାହିଁ।
■ ସିଲ୍‌ଭିୟା ପ୍ଲାଥ୍


ଜଣେ ଲେଖକର ଉଦ୍ଦେଶ୍ୟ ହେଉଛି ଆତ୍ମଘାତୀ ସଭ୍ୟତାକୁ ରକ୍ଷାକରିବା।
■ ଆଲ୍‌ବର୍ଟ କାମ୍ୟୁ


ପୁରୁଷ ହେଉ ବା ନାରୀ ହେଉ, ଗୋଟେ ଭଲ ଉପନ୍ୟାସରୁ ଯଦି ଆନନ୍ଦ ପାଉନାହିଁ ; ତେବେ ସେ ବରଦାସ୍ତ ନ କଲା ଭଳି ମୂର୍ଖ।
■ ଜେନ୍ ଅଷ୍ଟେନ୍



ଗୋଲ ସ୍କୋର ପରେ ଉଲ୍ଲସିତ ରୟ କ୍ରିଷ୍ଣା ଓ ଡିଏଗୋ ମୌରିସିଓ।

# କ୍ରିଷ୍ଣାଙ୍କ ଡବଲରେ ଓଏଫ୍‌ସି ବିଜୟୀ

**ଭୁବନେଶ୍ୱର, ୨୯।୧୨**
**(ତପନ ସ୍ୱାଇଁ)**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ଚଳିତ ସିଜନରେ ଓଡ଼ିଶାର ଏଫ୍‌ସିର ଚମତ୍କାର ପ୍ରଦର୍ଶନ ବଜାୟ ରହିଛି। ରୟ କ୍ରିଷ୍ଣାଙ୍କ ଡବଲ ଗୋଲ ବଳରେ ଏହି ଦଳ କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଜାମସେଦପୁର ଏଫ୍‌ସିକୁ ୪-୧ ଗୋଲରେ ପରାସ୍ତ କରିଛି। ଫଳରେ ୧୨ ମ୍ୟାଚରୁ ୭ ବିଜୟ, ୩ ଡ୍ର ଓ ୨ ପରାଜୟ ସହ ଦଳ ୨୪ ପଏଣ୍ଟ ପାଇ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ପୂର୍ବ ମ୍ୟାଚରେ ଓଏଫ୍‌ସି ୧-୦ ଗୋଲରେ ପଞ୍ଜାବ ଏଫ୍‌ସିକୁ ପରାସ୍ତ କରିଥିଲା। କେରଳ ବ୍ଲାଷ୍ଟର୍ସ ୧୨ ମ୍ୟାଚରୁ ୨୬ ପଏଣ୍ଟ ସହ ଟେବୁଲର ଶୀର୍ଷରେ ରହିଛି।

କଳିଙ୍ଗ ଷ୍ଟାଡିୟମରେ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଓଡ଼ିଶା ଏଫ୍‌ସି ପ୍ରଭାବୀ ପ୍ରଦର୍ଶନ କରିଥିଲା। ଜାମସେଦପୁର ଏଫ୍‌ସିର ତାଚିକାୱା ୨୩ତମ ମିନିଟରେ ଗୋଟିଏ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ମାତ୍ର ଦଳର ଏହି ଖୁସି ଅଧିକ ସମୟ ତିଷ୍ଠିପାରି ନ ଥିଲା। ୨୭ତମ ମିନିଟରେ ଓଡ଼ିଶା ଏଫ୍‌ସି ପକ୍ଷରୁ ଇସାକ୍ ଭନଲାଲରୁଆତଫେଲା ଗୋଲ ପରିଶୋଧ କରି ଦେଇଥିଲେ। ଏହାପରେ କମାଲ ଦେଖାଇଥିଲେ ରୟ କ୍ରିଷ୍ଣା ଓ ଡିଏଗୋ ମୌରିସିଓ। ୩୬ତମ ମିନିଟରେ କ୍ରିଷ୍ଣା ଏକ ଗୋଲ ଦେଇ ଓଏଫ୍‌ସିକୁ ଅଗ୍ରଣୀ କରିଥିଲେ। ପ୍ରଥମାର୍ଦ୍ଧର ଇଞ୍ଜୁରି ଟାଇମ୍ ଅର୍ଥାତ୍ ୪୫+୨ ମିନିଟରେ ଜାମସେଦପୁର ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ପାଇଁ ଓଡ଼ିଶା ଏଫ୍‌ସିକୁ ପେନାଲ୍ଟି ମିଳିଥିଲା। ମୌରିସିଓ ଏହାକୁ ଗୋଲରେ ପରିଣତ କରି ବିପକ୍ଷ ଦଳ ଉପରେ ଚାପ ସୃଷ୍ଟି କରିଥିଲେ। ଏହାର ୧ ମିନିଟ ପରେ ଅର୍ଥାତ୍ ୪୫+୩ ମିନିଟରେ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ୪ର୍ଥ ଗୋଲଟି ଦେଇ ଜାମସେଦପୁର ଏଫ୍‌ସିକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ମ୍ୟାଚ ବେଶ୍ ରୋମାଞ୍ଚ ହୋଇଥିଲେ ହେଁ ଗୋଲ ହୋଇପାରି ନ ଥିଲା। ଜାମସେଦପୁର ପକ୍ଷରୁ ହୋଇଥିବା ଆକ୍ରମଣକୁ ଓଡ଼ିଶା ଏଫ୍‌ସି ରକ୍ଷଣଭାଗ ଦକ୍ଷତାର ସହ ପ୍ରତିହତ କରିଥିଲେ। ମ୍ୟାଚର ୬୫ ପ୍ରତିଶତ ସମୟରେ ବଲ୍ ଓଡ଼ିଶା ଏଫ୍‌ସି ନିୟନ୍ତ୍ରଣରେ ରହିଥିଲା। ଏଠାରେ ବିଜୟ ଫଳରେ ବ୍ରେକ୍‌ରେ ଯିବା ପୂର୍ବରୁ ଓଡ଼ିଶା ଏଫ୍‌ସି ଖେଳାଳିଙ୍କ ଆତ୍ମବିଶ୍ୱାସ ବହୁ ପରିମାଣରେ ବୃଦ୍ଧି ପାଇଛି। ଗୁଆହାଟୀରେ ନର୍ଥଇଷ୍ଟ ୟୁନାଇଟେଡ ଓ ଏଫ୍‌ସି ଗୋଆ ମ୍ୟାଚ ସହିତ ଆଇଏସ୍‌ଏଲ୍‌ର ବ୍ରେକ୍ ଅବଧି ଆରମ୍ଭ ହୋଇଛି। କାତାରରେ ଭାରତ ଏଏଫ୍‌ସି ଏସିଆନ କପ୍‌ରେ ଭାଗ ନେବାକୁ ଯାଉଥିବାରୁ ଭାରତୀୟ ଖେଳାଳିମାନେ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାରେ ବ୍ୟସ୍ତ ରହିବେ।



ଓଡ଼ିଶା ଏଫ୍‌ସି ପକ୍ଷରୁ ପ୍ରଥମ ଗୋଲ ଦେବାପରେ ଇସାକ୍ ଭନଲାଲରୁଆତଫେଲା (ଡାହାଣ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

# ଓଡ଼ିଶା ଜିମ୍ନାଷ୍ଟ ଶୁଭେନ୍ଦୁ ରେଳୱେ କୋଚ୍



ରେଳୱେ ଦଳର ସଦସ୍ୟଙ୍କ ସହ ଶୁଭେନ୍ଦୁ କୁମାର ପାତ୍ର।

**ଭୁବନେଶ୍ୱର, ୨୯।୧୨**
**(ତପନ ସ୍ୱାଇଁ)**

ଓଡ଼ିଶାର ଅନ୍ୟତମ ପ୍ରତିଷ୍ଠିତ ଜିମ୍ନାଷ୍ଟ ଶୁଭେନ୍ଦୁ କୁମାର ପାତ୍ର କଳିଙ୍ଗ ଷ୍ଟାଡିୟମରେ ଜାନୁୟାରୀ ୨ରୁ ଆରମ୍ଭ ହେବାକୁ ଯାଉଥିବା ଜାତୀୟ ସିନିୟର ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍ ପାଇଁ ରେଳୱେ ଦଳର କୋଚ୍ ହୋଇଛନ୍ତି। ଅନ୍ତର୍ଜାତୀୟ ଅଭିଜ୍ଞତାସମ୍ପନ୍ନ ତଥା ଜାତୀୟ ଗୋଲ୍ଡ ମେଡାଲିଷ୍ଟ ଶୁଭେନ୍ଦୁ ଜଣେ ଜାତୀୟ ସ୍ତରୀୟ ଜଜ୍। ଗତ ୧୪ ବର୍ଷ ଧରି ସେ ଜାତୀୟ ଏବଂ ସର୍ବଭାରତୀୟ ରେଲୱେ ପ୍ରତିଯୋଗିତାଗୁଡ଼ିକରେ ଜଜ୍ ଦାୟିତ୍ୱ ନିର୍ବାହ କରି ଆସୁଛନ୍ତି। ଗୋଆରେ ନିକଟରେ ଶେଷ ହୋଇଥିବା ୩୭ତମ ନ୍ୟାଶନାଲ ଗେମ୍ସରେ ସେ ଜଜ୍ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀମାନେ ସର୍ବାଧିକ ପଦକ ଜିତି ରାଜ୍ୟ ପାଇଁ ରେକର୍ଡ କରିଥିଲେ। ଭୁବନେଶ୍ୱରରେ ପ୍ରତିଯୋଗିତା ପାଇଁ ରେଲୱେ ଦଳର କ୍ୟାମ୍ପ ପୁରୀ ଜଗନ୍ନାଥ ଷ୍ଟାଡିୟମରେ ଚାଲିଛି। ରେଲୱେ ଦଳରେ ୬ ମହିଳା ଓ ୬ ପୁରୁଷ ଜିମ୍ନାଷ୍ଟ ପ୍ରଶିକ୍ଷଣ ନେଉଛନ୍ତି। ଶୁଭେନ୍ଦୁଙ୍କୁ ମିଶାଇ ୪ ଅଫିସିଆଲ ସେମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଶିବିରରେ ପିଲାମାନଙ୍କ ପ୍ରଦର୍ଶନରେ ଶୁଭେନ୍ଦୁ ଖୁବ୍ ଖୁସି ଅଛନ୍ତି। ଚାମ୍ପିୟନ ହେବା ପ୍ରତି ଦଳର ଲକ୍ଷ୍ୟ ରହିଥାଏ। ଆମର ମଧ ସେହି ଲକ୍ଷ୍ୟ ଅଛି। ରାଜ୍ୟ ସରକାରଙ୍କ ପକ୍ଷରୁ ତୃଣମୂଳ ସ୍ତରରୁ ପ୍ରତିଭାଙ୍କ ଟ୍ରେନିଂ ପାଇଁ ପୁରୀରେ ଯେଉଁ ସୁବିଧା ସୁଯୋଗ କରାଯାଇଛି ତାହା ଅତି ଉତ୍ତମ। ଆମେ ସେଠାରେ ପିଲାମାନଙ୍କୁ ଟ୍ରେନିଂ ଦେଉଛୁ। ଆଗାମୀ ପ୍ରତିଯୋଗିତାରେ ରେଲୱେ ଦଳ ଭଲ ପ୍ରଦର୍ଶନ କରିବା ନେଇ ଆଶା ରହିଛି ବୋଲି ଶୁଭେନ୍ଦୁ ପ୍ରକାଶ କରିଛନ୍ତି। ଏହି ଅବସରରେ ଶୁଭେନ୍ଦୁ ଓଡ଼ିଶା ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ କୋଚ୍ ଅଶୋକ ମିଶ୍ରଙ୍କୁ ଭୂୟସି ପ୍ରଶଂସା କରଛନ୍ତି।

# ବ୍ରିଜ୍ ଭୂଷଣଙ୍କ ବାସଭବନରୁ ଡବ୍ଲ୍ୟୁଏଫ୍‌ଆଇ କାର୍ଯ୍ୟାଳୟ ସ୍ଥାନାନ୍ତର

**ନୂଆଦିଲ୍ଲୀ, ୨୯।୧୨ (ପି.ଟି.)**

କ୍ରୀଡ଼ା ମନ୍ତ୍ରଣାଳୟର ଆପତ୍ତି ଉଠାଇବା ପରେ ଭାରତ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ଶୁକ୍ରବାର ଏହାର କାର୍ଯ୍ୟାଳୟକୁ ମହାସଂଘର ପୂର୍ବତନ ସଭାପତି ତଥା ଭାଜପା ଏମ୍‌ପି ବ୍ରିଜଭୂଷଣ ଶରଣ ସିଂଙ୍କ ବାସଭବନରୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ବାଧ ହୋଇଛି। ଡବ୍ଲ୍ୟୁଏଫ୍‌ଆଇର ନୂଆ କାର୍ଯ୍ୟାଳୟ ନୂଆଦିଲ୍ଲୀସ୍ଥିତ ହରି ନଗରରେ ଅବସ୍ଥିତ। ସଭାପତି ସଞ୍ଜୟ ସିଂଙ୍କ ନେତୃତ୍ୱରେ ନୂଆ ଡବ୍ଲ୍ୟୁଏଫ୍‌ଆଇ ପ୍ୟାନେଲ ଗଠନ ହେବାର ୩ ଦିନ ପରେ ଡିସେମ୍ବର ୨୪ରେ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ସସ୍‌ପେଣ୍ଡ ହୋଇଛି। ବ୍ରିଜ ଭୂଷଣଙ୍କ ବାସଭବନରେ କାର୍ଯ୍ୟାଳୟ ଚଳାଇବା ଏହି କାର୍ଯ୍ୟାନୁଷ୍ଠାନ ପଛରେ ରହିଥିବା କାରଣଗୁଡ଼ିକ ମଧ୍ୟରେ ଅନ୍ୟତମ। ମହାସଂଘର ସମସ୍ତ କାର୍ଯ୍ୟ ପୂର୍ବତନ କର୍ମକର୍ତ୍ତା (ବ୍ରିଜ ଭୂଷଣ)ମାନଙ୍କ ଦ୍ୱାରା ପରିଚାଳିତ ହେଉଥିଲା, ଯେଉଁ ପରିସରରେ କି ମହିଳା କୁସ୍ତିଯୋଦ୍ଧା ଯୌନ ଶୋଷଣର ଶିକାର ହେଉଥିଲେ ବୋଲି ଅଭିଯୋଗ ହୋଇଛି। ମାମଲା ବର୍ତ୍ତମାନ କୋର୍ଟରେ ବିଚାରଧୀନ ରହିଛି ବୋଲି ମନ୍ତ୍ରଣାଳୟ ଏହାର ଚିଠିରେ ଉଲ୍ଲେଖ କରିଛି। ଡବ୍ଲ୍ୟୁଏଫ୍‌ଆଇର ନୂଆ ପରିଚାଳନା ପରିଷଦ ସମ୍ପୂର୍ଣ୍ଣ ଭାବେ ପୂର୍ବତନ କର୍ମକର୍ତ୍ତାଙ୍କ ନିୟନ୍ତ୍ରିତ ହେଉଥିଲା, ଏହାଦ୍ୱାରା ଜାତୀୟ କ୍ରୀଡ଼ା ଆଚରଣ ବିଧି ଉଲ୍ଲଂଘନ ହେଉଛି ବୋଲି ମଧ୍ୟ ମନ୍ତ୍ରଣାଳୟ କହିଥିଲା। ଅଲିମ୍ପିକ ପଦକ ବିଜେତା ବଜରଙ୍ଗ ପୁନିଆ ଓ ସାକ୍ଷୀ ମଲିକ ଏବଂ ବିଶ୍ୱ ଚାମ୍ପିୟନଶିପ୍ ପଦକ ବିଜେତା ଭିନେଶ ଫୋଗଟ ବ୍ରିଜ ଭୂଷଣଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଛି। ଏହି ମାମଲାର ଶୁଣାଣି ବର୍ତ୍ତମାନ ଦିଲ୍ଲୀ ହାଇକୋର୍ଟରେ ହେଉଛି। ସୂଚନାଯୋଗ୍ୟ, ଡିସେମ୍ବର ୨୧ରେ ବ୍ରିଜ ଭୂଷଣଙ୍କ ଅନ୍ୟତମ ଘନିଷ୍ଠ ସହଯୋଗୀ ସଞ୍ଜୟ ସିଂ ଡବ୍ଲ୍ୟୁଏଫ୍‌ଆଇର ମୁଖ୍ୟ ଭାବେ ନିର୍ବାଚିତ ହେବା ପରେ ସାକ୍ଷୀ କୁସ୍ତିରୁ ଅବସର ନିଷ୍ପତ୍ତି ନେଇଥିବାବେଳେ ବଜରଙ୍ଗ ପଦ୍ମଶ୍ରୀ ଫେରାଇ ଦେଇଥିଲେ ଏବଂ ଭିନେଶ ତାଙ୍କର ଖେଳରତ୍ନ ଓ ଅର୍ଜୁନ ପୁରସ୍କାର ଫେରାଇଦେବାକୁ ନିଷ୍ପତ୍ତି ନେଇଛନ୍ତି। ମହାସଂଘ ଏହି ଭାଜପା ଏମ୍‌ପିଙ୍କ କୌଣସି ଘନିଷ୍ଠ କିମ୍ବା ଅନୁଗତଙ୍କ ଦ୍ୱାରା ପରିଚାଳିତ ନ ହେଉ ବୋଲି ସେମାନେ ଚାହାନ୍ତି। ଡବ୍ଲ୍ୟୁଏଫ୍‌ଆଇ ବର୍ତ୍ତମାନ ସସ୍‌ପେଣ୍ଡ ହୋଇଥିବାରୁ ଏହାର ପରିଚାଳନା ପାଇଁ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ପୁଣି ଥରେ ଭାରତ ଉଷୁ ଆସୋସିଏଶନ ମୁଖ୍ୟ ଭୂପିନ୍ଦର ସିଂ ବାଜୱାଙ୍କ ଅଧ୍ୟକ୍ଷତାରେ ଏକ ୩ ଜଣିଆ ସଦସ୍ୟ ବିଶିଷ୍ଟ ଆଡହକ୍ କମିଟି ଗଠନ କରିଛି।

# ଭାରତୀୟ ଦଳରେ ଆଭେଶ

**ସେଞ୍ଚୁରିଅନ, ୨୯।୧୨ (ପି.ଟି.)**



କେପ୍‌ଟାଉନ୍‌ଠାରେ ଖେଳାଯିବାକୁ ଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ତଥା ଫାଇନାଲ କ୍ରିକେଟ ଟେଷ୍ଟ ମ୍ୟାଚ ପାଇଁ ଭାରତୀୟ ପେସ୍ ଆକ୍ରମଣକୁ ଶାଣିତ କରିବା ଲାଗି ଦଳରେ ଡାହାଣହାତୀ ଫାଷ୍ଟ ବୋଲର ଆଭେଶ ଖାନ୍‌ଙ୍କୁ ସାମିଲ କରାଯାଇଛି। ଏଠାରେ ଗୁରୁବାର ୩ ଦିନ ମଧ୍ୟରେ ଶେଷ ହୋଇଥିବା ପ୍ରଥମ ଟେଷ୍ଟରେ ଭାରତ ଏକ ଇନିଂସ ଓ ୩୨ ରନରେ ହାରିଯାଇଛି। ମହମ୍ମଦ ଶାମି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମେଡିକାଲ ଟିମ୍‌ଠାରୁ ଆବଶ୍ୟକ କ୍ଲିୟରାନ୍ସ ହାସଲ କରିପାରି ନ ଥିବାରୁ ତାଙ୍କ ସ୍ଥାନରେ ବଦଳ ଖେଳାଳି ହିସାବରେ ଏହି ଡାହାଣହାତି ଫାଷ୍ଟ ବୋଲରଙ୍କୁ ନିଆଯାଇଛି। ଦ୍ୱିତୀୟ ଟେଷ୍ଟ ମ୍ୟାଚ ଆସନ୍ତା ଜାନୁୟାରୀ ୩ରୁ ୭ ପର୍ଯ୍ୟନ୍ତ କେପ୍‌ଟାଉନ୍‌ରେ ଖେଳାଯିବ। ୨୭ ବର୍ଷୀୟ ଆଭେଶ ୩୮ଟି ପ୍ରଥମ ଶ୍ରେଣୀ ଗେମ୍‌ରେ ୨୨.୬୫ ଆଭରେଜରେ ୧୪୯ ଉଇକେଟ ହାସଲ କରିଛନ୍ତି। ଟେଷ୍ଟ ମ୍ୟାଚ ପୂର୍ବରୁ ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜରେ ଭାରତର ବିଜୟରେ ସେ ୬ ଉଇକେଟ ଅକ୍ତିଆର କରିଥିଲେ। ଆଭେଶ ବର୍ତ୍ତମାନ ବେନୋନୀଠାରେ ଦକ୍ଷିଣ ଆଫ୍ରିକା 'ଏ' ବିପକ୍ଷ ୪ ଦିନିଆ ମ୍ୟାଚରେ ଭାରତ 'ଏ' ତରଫରୁ ପ୍ରତିନିଧିତ୍ୱ କରୁଛନ୍ତି। ଏହି ମ୍ୟାଚରେ ତାଙ୍କର ବୋଲିଂ ଫିଗର ୨୩.୩-୫-୫୪-୫ ରହିଥିବା ବେଳେ ଘରୋଇ ଦଳ ପ୍ରଥମ ଇନିଂସରେ ୨୬୩ ରନ କରି ଅଲଆଉଟ ହୋଇଯାଇଛନ୍ତି। ପ୍ରଥମ ଟେଷ୍ଟ ମ୍ୟାଚରେ ପରାଜୟ ପରେ ଭାରତ ଅଧିନାୟକ ରୋହିତ ଶର୍ମା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ମୁଖ୍ୟ ପେସ୍ ବୋଲର ଯଶପ୍ରୀତ ବୁମ୍‌ରାଙ୍କୁ ଉପଯୁକ୍ତ ସହାୟତା ନ ମିଳିବାରୁ ତାଙ୍କ ଦଳ ଦକ୍ଷିଣ ଆଫ୍ରିକା ବିପକ୍ଷ ଓପନିଂ ଟେଷ୍ଟ ମ୍ୟାଚରେ ଲଜ୍ଜାଜନକ ପରାଜୟ ବରଣ କରିଛି।

# ନେପାଳ କ୍ରିକେଟର ଲାମିଚାନେ ଦୋଷୀ ସାବ୍ୟସ୍ତ

**କାଠମାଣ୍ଡୁ, ୨୯।୧୨ (ପି.ଟି.)**



ଜଣେ ନାବାଳିକାକୁ ବଳାତ୍କାର କରିଥିବା ଅଭିଯୋଗରେ ନେପାଳର ପୂର୍ବତନ କ୍ରିକେଟ ଅଧିନାୟକ ସନ୍ଦୀପ ଲାମିଚାନେଙ୍କୁ ଶୁକ୍ରବାର ଏକ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ଗତବର୍ଷ ଅଗଷ୍ଟରେ କାଠମାଣ୍ଡୁସ୍ଥିତ ଏକ ହୋଟେଲ ରୁମ୍‌ରେ ଜଣେ ୧୭ ବର୍ଷୀୟା ବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହେବାପରେ କ୍ରିକେଟର ଜଣକ ଗିରଫ ହୋଇଥିଲେ। ଗତ ଜାନୁୟାରୀରେ ନେପାଳ କୋର୍ଟ ତାଙ୍କୁ ରିଲିଜ କରିଥିଲା। ୨୩ ବର୍ଷୀୟ ଲାମିଚାନେ ହେଉଛନ୍ତି ନେପାଳର ସବୁଠାରୁ ବଡ଼ ହାଇପ୍ରୋଫାଇଲ କ୍ରିକେଟର। ନେପାଳର ପ୍ରଥମ କ୍ରିକେଟର ଭାବେ ସେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳିଛନ୍ତି। ୨୦୧୮ରେ ସେ ଦିଲ୍ଲୀ କ୍ୟାପିଟାଲ୍ସ ତରଫରୁ ଖେଳିଥିଲେ। କେବଳ ଆଇପିଏଲ୍ ନୁହେଁ ସେ ବିଶ୍ୱବ୍ୟାପୀ ଅନ୍ୟ ଟି୨୦ ଲିଗ୍ ଯଥା ଅଷ୍ଟ୍ରେଲିଆରେ ବିଗ୍ ବାଶ୍ ଲିଗ୍ (ବିବିଏଲ୍), ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍) ଓ କାରିବିୟନ ପ୍ରିମିୟର ଲିଗ୍ (ସିପିଏଲ୍)ରେ ମଧ୍ୟ ଖେଳିଛନ୍ତି। ଜଜ୍ ଶିଶିର ରାଜ ଧକାଲଙ୍କୁ ନେଇ ଗଠିତ ଜଣିକିଆ ଖଣ୍ଡପୀଠ ଦ୍ୱାରା ରବିବାରଠାରୁ ଆରମ୍ଭ ହୋଇଥିବା ଏହି ମାମଲାର ଶୁଣାଣି ଶୁକ୍ରବାର ଶେଷ ହୋଇଛି। କାଠମାଣ୍ଡୁ ଜିଲା କୋର୍ଟ ଶୁକ୍ରବାର ବଳାତ୍କାର ମାମଲାରେ ଲାମିଚାନେଙ୍କୁ ଦୋଷୀ ସାବ୍ୟସ୍ତ କରିଛି। ତାଙ୍କୁ କେତେବର୍ଷ ଜେଲ ଦଣ୍ଡ ହେବ ତାହା ପରବର୍ତ୍ତୀ ଶୁଣାଣିରେ ସ୍ଥିର ହେବ। ଲାମିଚାନେ ବର୍ତ୍ତମାନ ଜାମିନରେ ଅଛନ୍ତି। ପାଟାନ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏହି କ୍ରିକେଟର ଜଣକ ଖଲାସ ହୋଇଛନ୍ତି।

# ରାଞ୍ଚି ସେଲ୍ ଚାମ୍ପିୟନ





ଚାମ୍ପିୟନ ରାଞ୍ଚି ସେଲ ଦଳଙ୍କୁ ପୁରସ୍କୃତ କରାଯାଉଛି।

**ଦେବଗଡ଼, ୨୯।୧୨**
**(ଶଶାଙ୍କ ଶେଖର ଝାଙ୍କର)**

## ବାମଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟ

ସ୍ଥାନୀୟ ଇନ୍ଦିରା ଗାନ୍ଧି ଷ୍ଟାଡିୟମଠାରେ ୩୩ତମ ବାମଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଞ୍ଚି ସେଲ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଜିମଖାନା ରାଉରକେଲା ଓ ରାଞ୍ଚି ସେଲ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜିମ୍‌ଖାନା ରାଉରକେଲାକୁ ୩ ଉଇକେଟରେ ପରାସ୍ତ କରି ରାଞ୍ଚି ସେଲ ଚାମ୍ପିୟନ ହୋଇଛି। ରାଉରକେଲା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭର୍‌ରେ ୬ଉଇକେଟ ହରାଇ ୧୫୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଦେବରାଜ ମଲ୍ଲିକ ୩୪, ଆଶିଷ ପରିଜା ଅପରାଜିତ ୩୩ , ସତିଶ କଂସାରୀ ୩୨ ଓ ବଣ୍ଟି ନାଏକ ୨୬ ରନ ସଂଗ୍ରହ କରିଥିବାବେଳେ ରାଞ୍ଚି ଦଳର ବିକାଶ ଯାଦବ ଓ ଶ୍ୟାମ ଶର୍ମା ୨ଟି ଉଇକେଟ ନେଇଥିଲେ। ଜବାବରେ ରାଞ୍ଚି ଦଳ ବ୍ୟାଟିଂ କରି ୧୭.୫ ଓଭର୍‌ରେ ୭ ଉଇକେଟ ହରାଇ ୧୫୪ ରନ ସଂଗ୍ରହ କରି ନେଇଥିଲା। ଦଳ ପକ୍ଷରୁ ଇସୁ ଆର୍ଯ୍ୟନ ୬୪ ଓ କରନ କୁମାର୍ ୨୬ ରନ ସଂଗ୍ରହ କରିଥିଲାବେଳେ ରାଉରକେଲା ଦଳର ଅଙ୍କିତ ମହାନ୍ତି ୨ ଉଇକେଟ ନେଇଥିଲେ। ମ୍ୟାଚକୁ ଅମ୍ପାୟର ସତ୍ୟ ପ୍ରସାଦ ରଥ ଓ ସୌମ୍ୟ ଦର୍ଶନ ମହାନ୍ତି ପରିଚାଳନା କରିଥିଲେ। ସ୍କୋରର ଭାବେ ରୋମି ନାୟକ ଓ ରୀତିକ ଦେହୁରୀ ଥିଲେ। ବେଣୁଧର ଗଡନାଏକ, ମେରିଅ ପ୍ରାଂଶିସ, ସଂକୀର୍ତ୍ତନ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ମ୍ୟାଚରେ ଭଲ ଖେଳ ପ୍ରଦର୍ଶନ ପାଇଁ ରାଞ୍ଚି ଦଳର ଇସୁ ଆର୍ଯ୍ୟନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ, ଟୁର୍ନାମେଣ୍ଟରେ ଶ୍ୟାମ ଶର୍ମାଙ୍କୁ ଶ୍ରେଷ୍ଠ ଖେଳାଳି, ବେଷ୍ଟ ବୋଲୋର୍, ଇସୁ ଆର୍ଯ୍ୟନଙ୍କୁ ଶ୍ରେଷ୍ଠ ବ୍ୟାଟର ଓ ସୁରଜ ସୟାଙ୍କୁ ବେଷ୍ଟ ଫିଲ୍ଡର ଭାବେ ପୁରସ୍କୃତ କରାଯାଇଥିଲା। କ୍ଲବର ସଭାପତି ସୁବାସ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ଡିଏଫ୍‌ଓ ମଗର ଧାନଜି ରାଓସୋ, ଓସିଏ ସହ ସମ୍ପାଦକ ପ୍ରଭାତ କୁମାର ଭୋଳ, ଓଡ଼ିଶା ଅଲିମ୍ପିକ ସଂଘର ଉପ ସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ, ଓଡ଼ିଶାର ପୂର୍ବତନ ଖେଳାଳି ରାକେଶ ମହାନ୍ତି ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସମ୍ପାଦକ ଇଂ. ସୁଜିତ କୁମାର ପ୍ରଧାନ ସ୍ୱାଗତ ଭାଷଣ ଓ ସତ୍ୟ ନାରାୟଣ ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

# ଉଦ୍‌ଘାଟନୀ ମ୍ୟାଚରେ ଏମ୍‌ସିସି ବିଜୟୀ

**ଯାଜପୁର ଟାଉନ/ଯାଜପୁର ସଦର, ୨୯।୧୨**
**(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି/ସମର ବିଜୟ ଶରଣ)**

## ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ୍

ଅଶୋକ ଦାସଙ୍କ ଶ୍ରାଦ୍ଧ ଦିବସ ଉଦ୍ଦେଶ୍ୟରେ ଯାଜପୁର ଜିଲା କ୍ରିକେଟ୍ ଆସୋସିଏଶନ ଓ ମେଲବର୍ନ କ୍ରିକେଟ କ୍ଲବ୍ ମିଳିତ ଆନୁକୂଲ୍ୟରେ ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ବ୍ଲକ୍ ଅଧୀନ ନାଥ ସାହି ପଞ୍ଚାୟତର ନୂଆପଡ଼ା ଖେଳପଡ଼ିଆରେ ଅନୁଷ୍ଠିତ ମ୍ୟାଚ୍‌କୁ ଯାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା ଉଦ୍‌ଘାଟନ କରିଥିଲେ। ବିଜେଡି ନେତା ତୁଷାରକାନ୍ତ ପରିଡ଼ା, ଜିଲା କ୍ରିକେଟ୍ ଆସୋସିଏଶନ ସମ୍ପାଦକ ଜ୍ଞାନଚାନ୍ଦ ଦାସ, ସହସମ୍ପାଦକ ଅଭୟ ବଲ୍ଲଭ ପଣ୍ଡା, ଯାଜପୁର ପୌରାଞ୍ଚଳ ବିଜେଡି ନଗର ସଭାପତି ମନୋଜ ସାହୁ, ବିଜେଡ଼ି ନେତା କୈଳାସ ପହି, କାଉନସିଲର ସୁଭାଶିଷ ରାଉତ, ସ୍ଥାନୀୟ ଯୁବନେତା ମନୋଜ ସାହୁ, ଜିଲା କ୍ରିକେଟ୍ ଆସୋସିଏଶନ ଉପସଭାପତି ପଦାରବିନ୍ଦ ପରିଡ଼ା, ଶ୍ରୀଜୟ ମହାପାତ୍ର ଓ ସୁଶାନ୍ତ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ ଇଲେଭେନ ଷ୍ଟାର ଯାଜପୁର ରୋଡ୍ ଓ ମେଲବର୍ଣ୍ଣ କ୍ରିକେଟ କ୍ଲବ୍ (ଏମ୍‌ସିସି) ଯାଜପୁର ଟାଉନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଇଲେଭେନ୍ ଷ୍ଟାର ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ଏମ୍‌ସିସି କ୍ଲବ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭର ଖେଳି ୬ ଉଇକେଟ ହରାଇ ୧୬୯ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅମିନ ଇକବାଲ୍ ଖାଁ ୬୩ରନ୍ ସଂଗ୍ରହ କରିଥିଲାବେଳେ ବିଜୟ ଜେନା ୫୨ରନ୍ ସଂଗ୍ରହ କରିଥିଲେ। ଇଲେଭେନ୍ ଷ୍ଟାରର ବୋଲର ସେକ୍ ସାହାବୁଦ୍ଦିନ ୫ ଓଭର ବୋଲିଂ କରି ୨୩ରନ୍‌ଦେଇ ୨ ଉଇକେଟ ସଂଗ୍ରହ କରିଥିଲେ। ପ୍ରୀତିରଞ୍ଜନ ନାୟକ ୫ ଓଭର ବୋଲିଂ କରି ୧୬ରନ୍ ଦେଇ ୨ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଇଲେଭେନ ଷ୍ଟାର ୨୫ ଓଭର ଖେଳି ୭ ଉଇକେଟ୍ ହରାଇ ୧୫୯ରନ୍‌ସଂଗ୍ରହ କରି ଏମ୍‌ସିସିଠାରୁ ପରାସ୍ତ ହୋଇଥିଲା। ଏମ୍‌ସିସିର ବୋଲର ଶିବସୁନ୍ଦର ଦାସ ୫ ଓଭର ବୋଲିଂ କରି ୨୭ରନ୍ ଦେଇ ୩ ଉଇକେଟ୍ ସଂଗ୍ରହ କରିଥିବାବେଳେ ପପୁ ରାୟ ୫ ଓଭର ବୋଲିଂ କରି ୧୬ରନ୍ ଦେଇ ୨ ଉଇକେଟ୍ ଅକ୍ତିୟାର୍ କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏମ୍‌ସିସି କ୍ଲବର ଶିବସୁନ୍ଦର ଦାସଙ୍କୁ ପ୍ରଦାନ କରାଯାଇଥିଲା। ଓସିଏ ଅମ୍ପାୟାର ଲୋକନାଥ ବେହେରା ତାଙ୍କୁ ପୁରସ୍କୃତ କରିଥିଲେ। ରଞ୍ଜନ ମହାନ୍ତି ଓ ଶାରଦା ପ୍ରସନ୍ନ ମହାପାତ୍ର ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ସ୍କୋରର ଭାବେ ସୁମିତ୍ରା ସାହୁ ଓ କାସିତ୍ ଖେଳ ପରିଚାଳନା କରିଥିଲେ।





ଉଦ୍‌ଘାଟନୀ ମ୍ୟାଚ ପୂର୍ବରୁ ଅତିଥିଙ୍କ ସହ ଖେଳାଳିମାନେ।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ